ବର୍ଷ-୨୫, ସଂଖ୍ୟା-୨୨୩
ଭୁବନେଶ୍ୱର
୨୦, ଅଗଷ୍ଟ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 223
Bhubaneswar
20, August, 2025 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ମିସ୍ ୟୁନିଭର୍ସ ଇଣ୍ଡିଆ ହେଲେ ରାଜସ୍ଥାନର **ମନିକା**

# ଓଡ଼ିଶାକୁ ଉପହାର : ଭୁବନେଶ୍ୱର ରିଙ୍ଗରୋଡ୍‌କୁ କ୍ୟାବିନେଟ୍ ମୋହର






**୮୩୦୭.୭୪ କୋଟି ବ୍ୟୟବରାଦ, ୧୧୦ କି.ମି. ଲମ୍ବ ରିଙ୍ଗ ରୋଡ୍**
**୩ ପ୍ରମୁଖ ଜାତୀୟ ରାଜପଥ ଓ ଗୋଟିଏ ରାଜ୍ୟ ରାଜପଥକୁ ଯୋଡିବ**
**ଭାରୀଯାନକୁ ଖୋର୍ଦ୍ଧା, ଭୁବନେଶ୍ୱର ଏବଂ କଟକ ଟ୍ରାଫିକ ଭିଡ଼ରୁ ମୁକ୍ତି**
**୭୪.୪୩ ଲକ୍ଷ ମାନବ ଦିବସ ପ୍ରତ୍ୟକ୍ଷ ଏବଂ ୯୩.୦୪ ଲକ୍ଷ ମାନବ ଦିବସ ପରୋକ୍ଷ ନିଯୁକ୍ତି ସୁଯୋଗ**
**ସ୍ଥାନୀୟ ଅଞ୍ଚଳରେ ସାମଗ୍ରୀ ଓ ଯାତ୍ରୀଙ୍କର ଦ୍ରୁତ ପରିବହନ ନିମନ୍ତେ ସୁବିଧା ମିଳିବ**

**ନୂଆଦିଲ୍ଲୀ,୧୯।୮(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ୍ କମିଟି ବୈଠକରେ ଆଜି ୬ ଲେନ୍ ବିଶିଷ୍ଟ ଭୁବନେଶ୍ୱର ବାଇପାସ୍ ସଡକ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ୮୩୦୭.୭୪ କୋଟି ଟଙ୍କା ବ୍ୟୟରେ ୧୧୦.୮୭୫ କିଲୋମିଟର ଲମ୍ବ ପ୍ରବେଶ ନିୟନ୍ତ୍ରିତ ରାଜଧାନୀ କ୍ଷେତ୍ର ରିଙ୍ଗ ରୋଡକୁ ହାଇବ୍ରିଡ୍ ଆନୁଇଟି ମୋଡ୍ ବା ଏଚ୍ଏଏମ ମାଧ୍ୟମରେ ନିର୍ମାଣ କରାଯିବ।

ଏବେ ରାମେଶ୍ୱରରୁ ଟାଙ୍ଗୀ ପର୍ଯ୍ୟନ୍ତ ସଂଯୋଗ କରୁଥିବା ବର୍ତ୍ତମାନର ଜାତୀୟ ରାଜପଥ ତିନୋଟି ବଡ ଜନବହୁଳ ସହର ଖୋର୍ଦ୍ଧା, ଭୁବନେଶ୍ୱର ଏବଂ କଟକ ଦେଇଯାଇଛି। ଅଧିକ ସଂଖ୍ୟାରେ ଯାନବାହନ ଚଳାଚଳ ଯୋଗୁ ଏହି ରାସ୍ତାରେ ପ୍ରବଳ ଭିଡ ଏବଂ ଟ୍ରାଫିକ୍ ସମସ୍ୟା ଉତ୍ପନ୍ନ ହେଉଛି। ଏହି ସମସ୍ୟାର ସମାଧାନ ଲାଗି ଏକ ୬ ଲେନ୍ ବିଶିଷ୍ଟ ପ୍ରବେଶ ନିୟନ୍ତ୍ରିତ ଗ୍ରୀନଫିଲ୍ଡ ରାଜପଥ ପ୍ରକଳ୍ପ ବିକଶିତ କରିବା ଲାଗି ପ୍ରସ୍ତାବ ରହିଛି। ଏହି ସଡକ ପ୍ରକଳ୍ପ ନିର୍ମାଣ ହେଲେ ଭାରୀ ବାଣିଜ୍ୟିକ ବାହନଗୁଡିକ କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ସହର ମଧ୍ୟରେ ପ୍ରବେଶ ନକରି ବିକଳ୍ପ ମାର୍ଗ ଦେଇ ଯାତାୟାତ କରିବେ । ଫଳରେ ଓଡିଶା ସମେତ ଅନ୍ୟ ପୂର୍ବବର୍ତ୍ତୀ ରାଜ୍ୟଗୁଡିକୁ ଗୁରୁତ୍ୱପୂର୍ଣ୍ଣ ଲାଭ ମିଳିପାରିବ। ଏହାଦ୍ୱାରା ମାଲ ପରିବହନ କ୍ଷମତା ମଧ୍ୟ ବଢ଼ିବ, ପରିବହନ ଖର୍ଚ୍ଚ ହ୍ରାସ ପାଇବ ଏବଂ ସ୍ଥାନୀୟ ଅଞ୍ଚଳରେ ସାମାଜିକ-ଆର୍ଥିକ ପ୍ରଗତି ଲାଗି ମାର୍ଗ ପ୍ରଶସ୍ତ ହେବ।

ନୂତନ ରାଜମାର୍ଗ ପ୍ରକଳ୍ପକୁ ଏପରି ଭାବେ ଡିଜାଇନ୍ କରାଯାଇଛି ଯେ ଏହା ତିନୋଟି ପ୍ରମୁଖ ଜାତୀୟ ରାଜପଥ (ଏନଏଚ୍-୫୫, ଏନଏଚ୍-୫୭ ଓ ଏନଏଚ-୬୫୫) ଏବଂ ଗୋଟିଏ ରାଜ୍ୟ ରାଜପଥ (ଏସଏଚ-୬୫)କୁ ପରସ୍ପର ସହ ଯୋଡିବ। ଏହା ଓଡିଶାର ପ୍ରମୁଖ ଆର୍ଥିକ, ସାମାଜିକ ଏବଂ ଲଜିଷ୍ଟିକ୍ସ କେନ୍ଦ୍ରଗୁଡିକୁ ବାଧାମୁକ୍ତ ସଡକ ସଂଯୋଗ ପ୍ରଦାନ କରିବ। କେବଳ ସେତିକି ନୁହେଁ, ଏହି ଉନ୍ନତ ସଡକ କରିଡର ୧୦ଟି ଆର୍ଥିକ କେନ୍ଦ୍ର, ୪ଟି ସାମାଜିକ କେନ୍ଦ୍ର, ୫ଟି ଲଜିଷ୍ଟିକ୍ସ କେନ୍ଦ୍ରକୁ ଯୋଡିବା ସହିତ ଗୋଟିଏ ପ୍ରମୁଖ ରେଳ ଷ୍ଟେସନ, ଗୋଟିଏ ବିମାନ ବନ୍ଦର, ଗୋଟିଏ ବହୁମୁଖୀ ଲଜିଷ୍ଟିକ୍ସ ପାର୍କ (ଏମଏମଏଲପି) ଏବଂ ୨ଟି ପ୍ରମୁଖ ବନ୍ଦରକୁ ସଡକ ସଂଯୋଗ ଯୋଗାଇ ଦେବ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ସାମଗ୍ରୀ ଓ ଯାତ୍ରୀଙ୍କର ଦ୍ରୁତ ପରିବହନ ନିମନ୍ତେ ସୁବିଧା ମିଳିବ।

ସମ୍ପୂର୍ଣ୍ଣ ହେବା ପରେ ଏହି ବାଇପାସ୍ ସ୍ଥାନୀୟ ଆର୍ଥିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏଥିସହିତ ଏହା ପ୍ରମୁଖ ଧାର୍ମିକ ଓ ଆର୍ଥିକ କେନ୍ଦ୍ର ମଧ୍ୟରେ ଯୋଗାଯୋଗକୁ ସୁଦୃଢ଼ କରିବ ଏବଂ ବାଣିଜ୍ୟ ଓ ଶିଳ୍ପ ବିକାଶ ଲାଗି ନୂତନ ମାର୍ଗ ପ୍ରଶସ୍ତ ହେବ। ଏହି ପ୍ରକଳ୍ପ ଦ୍ୱାରା ପାଖାପାଖି ୭୪.୪୩ ଲକ୍ଷ ମାନବ ଦିବସ ପ୍ରତ୍ୟକ୍ଷ ଏବଂ ପ୍ରାୟ ୯୩.୦୪ ଲକ୍ଷ ମାନବ ଦିବସ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହା ମଧ୍ୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିକାଶ, ଅଭିବୃଦ୍ଧି ଓ ସମୃଦ୍ଧି ଲାଗି ନୂତନ ମାର୍ଗ ଖୋଲିବ।

## ସଡ଼କ ଭିତ୍ତିଭୂମି ପାଇଁ ଗେମ୍‌ଚେଞ୍ଜର : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୧୯।୮(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ୬ ଲେନ୍ ବିଶିଷ୍ଟ କଣ୍ଟ୍ରୋଲଡ୍ ଗ୍ରୀନଫିଲ୍ଡ କ୍ୟାପିଟାଲ ରିଜିଅନ ରିଙ୍ଗ୍ ରୋଡ୍ ପ୍ରକଳ୍ପ ନିର୍ମାଣକୁ ମଞ୍ଜୁର ମିଳିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରାୟ ୮,୩୦୭ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ମହତ୍ୱକାଂକ୍ଷୀ ପ୍ରକଳ୍ପ ଓଡ଼ିଶାର ସଡ଼କ ଯୋଗାଯୋଗ ଭିତିଭୂମିକୁ ସୁଦୃଢ଼ କରିବା ଦିଗରେ ଗେମ୍ ଚେଞ୍ଜର ହେବ । ଏହା ହାଇବ୍ରିଡ୍ ଆନୁଇଟି ମୋଡ୍ ବା ଏଚଏଏମ ମାଧ୍ୟମରେ ନିର୍ମାଣ କରାଯିବ। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଏହି ଜାତୀୟ ରାଜପଥ ପ୍ରକଳ୍ପ ପ୍ରମୁଖ ଅର୍ଥନୈତିକ ହଟସ୍ପଟ୍ ମଧ୍ୟରେ ସଂଯୋଗୀକରଣକୁ ସୁଗମ କରିବ । ବାଣିଜ୍ୟ ଏବଂ ଶିଳ୍ପର ବିକାଶ ପାଇଁ ନୂତନ ରାସ୍ତା ଖୋଲିବ । ପରବହନ ଓ ଯାତାୟତ ସହଜ ହେବ । ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବା ସହ ରୋଜଗାରର ନୂଆ ସୁଯୋଗ ତିଆରି କରିବ । ଏହି ସ୍ଥାନୀୟ ଅଞ୍ଚଳର ଆର୍ଥିକ ସମ୍ଭାବନାକୁ ଉପଯୋଗ କରିବାର ମାର୍ଗ ପ୍ରଶସ୍ତ କରିବ । ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ସହାୟକ ହେବ । ଭୁବନେଶ୍ୱର ବାଇପାସ୍ ସମୃଦ୍ଧିର ରାଜପଥ ଭାବରେ ଉଭା ହେବ । ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' ମିଶନରେ ଏହି ପ୍ରକଳ୍ପ ଓଡ଼ିଶାକୁ ଅଭିବୃଦ୍ଧିର ପ୍ରଥମ ସୋପାନରେ ପହଞ୍ଚାଇବ ବୋଲି ସେ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ ମୋଦୀ ସରକାରଙ୍କ ପ୍ରାଥମିକତାରେ ଓଡ଼ିଶା ରହିଛି । ମୋଦୀ ସରକାରଙ୍କ ଖଣି ସଂସ୍କାର କାରଣରୁ ଓଡ଼ିଶା ଅଧିକ ଲାଭବାନ ହୋଇଛି ।

## ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଇଲେ ମୋଦି



ଭୁବନେଶ୍ୱର,୧୯।୮(ମହାଭାରତ): ଭୁବନେଶ୍ୱର, କଟକରେ ୬ ଲେନ୍ ବିଶିଷ୍ଟ ରିଂ ରୋଡ୍ କୁ କେନ୍ଦ୍ର କ୍ୟାବିନେଟରେ ମଞ୍ଜୁରି ମିଳିଥିବାରୁ ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୋସିଆଲ୍ ମିଡିଆ ଏକ୍ସରେ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ ଲେଖିଛନ୍ତି ଆଜି କ୍ୟାବିନେଟ ଅନୁମୋଦନ ଲାଭ କରିଥିବା ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ପ୍ରକଳ୍ପ ପାଇଁ ଓଡିଶାବାସୀ, ବିଶେଷ କରି ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତୀ ଅଂଚଳର ଲୋକମାନଙ୍କୁ ଅଭିନନ୍ଦନ। ଏହା ଭିଡ଼ କମାଇବା ସହିତ 'ସହଜ ଜୀବନଯାପନ'କୁ ପ୍ରୋତ୍ସାହିତ କରିବ ।

# ସାମଗ୍ରିକ ସଫଳତା ଉପରେ ଅଧିକ ଫୋକସ ରହିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୮(ମହାଭାରତ): ଏକ ଘରୋଇ ନ୍ୟୁଜ ଚ୍ୟାନେଲର 'ରାଇଜିଂ ଓଡ଼ିଶା' କନ୍‌କ୍ଲେଭ୍ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ, ମହିଳା ସଶକ୍ତିକରଣ ଦିଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସବୁଠାରୁ ଉତ୍କୃଷ୍ଟ ଏବଂ ସୁଭଦ୍ରା ଭଳି ଯୋଜନାର ସଫଳ ରୂପାୟନ ହିଁ ଆମ ପ୍ରତିବଦ୍ଧତାର ପରିଚୟ ବୋଲି କହିଥିଲେ।



୧୭ ଲକ୍ଷ ଲକ୍ଷପତି ଦିଦି, ସମୃଦ୍ଧ କୃଷକ ଯୋଜନାରେ ଧାନ କୁଇଣ୍ଟାଲ ପିଛା ଅତିରିକ୍ତ ୮୦୦ ଟଙ୍କା, ଆୟୁଷ୍ମାନ ଭାରତ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରି , ୧୪ ମାସରେ ୧୪ ଟି ଜନଶୁଣାଣୀ କରି ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ଅଭିଯୋଗର ସମାଧାନ କରିବା, ଜାତୀୟ ଶିକ୍ଷା ନୀତି ଲାଗୁ କରିବା, ପ୍ରି-ସ୍କୁଲ ପିଲାଙ୍କ ପାଇଁ ଶିଶୁ ବାଟିକା, ପିଏମଶ୍ରୀ ଓ ପିଏମ ଉଷା ଯୋଜନା କାର୍ଯ୍ୟକାରୀ କରିବା, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ବଳରେ ପ୍ରାଥମିକ ଶିକ୍ଷାର ସ୍ତରକୁ ଆହୁରି ମଜଭୁତ କରିବା ଭଳି କାର୍ଯ୍ୟ କରି ଆମ ସରକାର ଗୋଟିଏ ବର୍ଷରେ ଜନତାଙ୍କର ଅତି ନିକଟତର ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ କହିଥିଲେ।

ଶିକ୍ଷାୟନରେ ଉତ୍କର୍ଷ ଓଡିଶା-ମେକ୍ ଇନ୍ ଓଡିଶା କନ୍‌କ୍ଲେଭ, ଓଡିଶା ଟେକ୍ସ ଟାଇଲ କନ୍‌କ୍ଲେଭ୍ , ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା, ବର୍ତ୍ତମାନ ସୁଦ୍ଧା ୨୮ ହଜାରରୁ ଅଧିକ ସରକାରୀ ନିଯୁକ୍ତି ଓ ପ୍ରଥମ ଦୁଇ ବର୍ଷ ମଧ୍ୟରେ ୮୫ ହଜାର ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ଓ ଆହୁରି ଅନେକ ସଫଳ କାର୍ଯ୍ୟକ୍ରମ ଆମେ ଏହି ୧୪ ମାସରେ ହାସଲ କରିଛୁ। ଏହାସହିତ ଭବିଷ୍ୟତରେ ବିକାଶର ଚରମ ସୀମାରେ ପହଞ୍ଚିବା ପାଇଁ ଏବେଠୁ ଆମେ ରଣନୀତି ପ୍ରସ୍ତୁତ କରୁଛୁ। ବର୍ତ୍ତମାନର ଉତ୍କର୍ଷ ଓ ବର୍ତ୍ତମାନର ସାମଗ୍ରିକ ସଫଳତା ଉପରେ ଆମର ଅଧିକ ଫୋକସ ରହିବ ଆବଶ୍ୟକ, ଏହାହିଁ 'ସମୃଦ୍ଧ ଓଡିଶା' ଲକ୍ଷ୍ୟ ଦିଗରେ ଆମକୁ ଅଗ୍ରସର କରାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଥିଲେ ଯେ, ହିନ୍ଦୀ ଓ ଇଂରାଜୀ ସମେତ ୧୬ଟି ଭାଷାରେ ୨୦ଟି ଚ୍ୟାନେଲ ମାଧ୍ୟମରେ ଖବର ପରିବେଷଣ କରୁଛି । ଏହାର ଅନେକ ସମ୍ବାଦ, ଜନସଚେତନତା ଓ ସାଧାରଣଜ୍ଞାନ ଭିତ୍ତିକ କାର୍ଯ୍ୟକ୍ରମ ଆଜି ଓଡ଼ିଶାର କୋଣ ଅନୁକୋଣରେ ଏହାର ଆଦୃତି ଓ ପ୍ରସାରକୁ ବହୁଗୁଣିତ କରିଛି। ସନ୍ଧ୍ୟା ୮ ଟା ରେ ପ୍ରସାରିତ ହେଉଥିବା 'ଅସଲ କଥା' ଏକ ନିଆରା କାର୍ଯ୍ୟକ୍ରମ ଯାହା ବିଭିନ୍ନ ରାଜନୈତିକ, ସାମାଜିକ,ସାଂସ୍କୃତିକ, ସ୍ୱାସ୍ଥ୍ୟଭିତ୍ତିକ ଓ ଜନସଚେତନତା ଭିତ୍ତିକ ଘଟଣା ଓ ତଥ୍ୟର ଚମତ୍କାର ଅବତାରଣା କରିଥାଏ।

## ଅନଲାଇନରେ ମହାପ୍ରସାଦ ବିକ୍ରି ପାଇଁ ପୁଣି ବିଜ୍ଞାପନ

**ପୁରୀ,୧୯।୮(ମହାଭାରତ):** ପୁଣି ଅନଲାଇନରେ ମହାପ୍ରସାଦ ବିକ୍ରି ନେଇ ବିଜ୍ଞାପନ। ଏକ ଅନଲାଇନ ଆପ୍ରେ ଏଭଳି ବିଜ୍ଞାପନ ଦେଖିବାକୁ ମିଳିଛି। ମହାପ୍ରସାଦ ନାମରେ ଜଗନ୍ନାଥଙ୍କ ଖଜା ବିକ୍ରି ସହ ନିର୍ମାଲ୍ୟ ମଧ୍ୟ ବିକ୍ରି ହେଉଥିବାର ବିଜ୍ଞାପନ ଦିଆଯାଇଛି। ତେବେ ଏହି ଘଟଣାକୁ ନେଇ ପୁରୀ ଜିଲ୍ଲା ଆମ୍ ଆଦମୀ ପାର୍ଟି ପକ୍ଷରୁ ପୁରୀ ସାଇବର ଥାନାରେ ଏତଲା ଦିଆଯାଇଛି। ବାରମ୍ବାର ଏହି ଘଟଣା ଘଟୁଥିବାରୁ ଏନେଇ ଅଭିଯୋଗ ପରେ ମଧ୍ୟ ପୋଲିସ ଓ ଶ୍ରୀମନ୍ଦିର ପ୍ରଶାସନ କାହିଁକି ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ସେନେଇ ପ୍ରଶ୍ନ ଉଠାଇଛି ଆପ୍ । ଏଣୁ ତୁରନ୍ତ ପୁରୀ ସାଇବର ଥାନା ପଦକ୍ଷେପ ନେବା ସହ ସମ୍ପୃକ୍ତ ଅନଲାଇନ ସଂସ୍ଥା ଉପରେ କଡ଼ା ଆକ୍ସନ ନେବାକୁ ଦାବି ହୋଇଛି । ଆମ୍ ଆଦମୀ ପାର୍ଟିର ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି କହିଛନ୍ତି ପୁରୀରେ ଖଜା କେଜି ୨ ଶହ ଟଙ୍କାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଦର ରହିଛି।

# ମୋଦୀଙ୍କୁ ନିମନ୍ତ୍ରଣ କଲେ ଚୀନ୍ ବିଦେଶ ମନ୍ତ୍ରୀ

ନୂଆଦିଲ୍ଲୀ,୧୯।୮(ମହାଭାରତ): ଦିଲ୍ଲୀ: ଭାରତ ଗସ୍ତରେ ଆସିଥିବା ଚୀନ ବିଦେଶ ମନ୍ତ୍ରୀ ୱାଙ୍ଗ ୟି ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ସେ ତିୟାନଜିନରେ ହେବାକୁ ଥିବା ଏସସିଓ ଶିଖର ସମ୍ମିଳନୀରେ ଯୋଗ ଦେବା ପାଇଁ ରାଷ୍ଟ୍ରପତି ସି ଜିନପିଙ୍ଗ ନିମନ୍ତ୍ରଣକୁ ପ୍ରଧାନମନ୍ତ୍ରୀଙ୍କୁ ଦେଇଥିଲେ। ପିଏମଓ ଅନୁସାରେ, ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ସୀମାରେ ଶାନ୍ତି ଓ ସୌହାର୍ଦ୍ଦ ବଜାୟ ରଖିବା ଉପରେ ଜୋର ଦେଇଥିଲେ। ଏହାସହ ସୀମା ବିବାଦର ନିରପେକ୍ଷ, ଉଚିତ ଓ ପାରସ୍ପରିକ ରୂପେ ଗ୍ରହଣୀୟ ସମାଧାନ ପାଇଁ ଭାରତର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ୱାଙ୍ଗ ୟି ଭାରତରେ ନିଜ ସମକକ୍ଷ ଜୟଶଙ୍କରଙ୍କ ସହ ଦ୍ୱିପାକ୍ଷିକ ବୈଠକ ଓ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସହ ହୋଇଥିବା ସ୍ୱତନ୍ତ୍ର ପ୍ରତିନିଧିଙ୍କ ୨୪ତମ ବୈଠକ ବାବଦରେ ସକାରାତ୍ମକ ମତ ରଖିଥିଲେ । ପିଏମ୍ ମୋଦୀ ଏକ୍ସରେ ଲେଖିଛନ୍ତି, 'ଚୀନର ବିଦେଶ ମନ୍ତ୍ରୀ ୱାଙ୍ଗ ୟିଙ୍କୁ ଭେଟି ଖୁସି ଗତ ବର୍ଷ କଜାନରେ



ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ସାକ୍ଷାତ ପରେ ଭାରତ-ଚୀନ ସମ୍ପର୍କରେ ପରସ୍ପର ହିତ ଓ ସମ୍ବେଦନଶୀଳତା ପ୍ରତି ସମ୍ମାନରେ ନିରନ୍ତର ପ୍ରଗତି ହୋଇଛି। ମୁଁ ସଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀରେ ଆମର ପରିବର୍ତ୍ତୀ ସାକ୍ଷାତକୁ ଉତ୍ସାହ ସହ ଅପେକ୍ଷା କରିଛି। ଭାରତ ଓ ଚୀନ ମଧ୍ୟରେ ସ୍ଥିର, ବିଶ୍ୱସନୀୟ ଓ ରଚନାତ୍ମକ ସମ୍ପର୍କ କ୍ଷେତ୍ରୀୟ ଓ ବୈଶ୍ୱିକ ଶାନ୍ତି ଏବଂ ସମୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ '। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁସାରେ, ଏନ୍ଏସ୍ଏ ଅଜିତ ଡୋଭାଲଙ୍କ ନିମନ୍ତ୍ରଣରେ ଚୀନ ବିଦେଶ ମନ୍ତ୍ରୀ ୱାଙ୍ଗ ୟି ଦୁଇ ଦିନିଆ। ଭାରତ ଗସ୍ତରେ ଆସିଛନ୍ତି।

## ନିଟ୍ ପିଜି ପରୀକ୍ଷା ଫଳ ପ୍ରକାଶ

**ନୂଆଦିଲ୍ଲୀ,୧୯।୮(ମହାଭାରତ):** ନ୍ୟାସନାଲ ବୋର୍ଡ ଅଫ୍ ଏକଜାମିନେସନ୍ ଇନ୍ ମେଡିକାଲ୍ ସାଇନ୍ସେସ (ଏନବିଇଏମଏସ) ଆଜି ନ୍ୟାସନାଲ ଏଲିଜି ବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ-ପୋଷ୍ଟଗ୍ରାଜୁଏଟ୍ (ନିଟ୍ ପିଜି ୨୦୨୫) ର ଫଳାଫଳ ଘୋଷଣା କରିଛି । ପରୀକ୍ଷା ଦେଇଥିବା ପ୍ରାର୍ଥୀମାନେ ଏବେ ଏନବିଇଏମଏସର ଅଫିସିଆଲ୍ ୱେବସାଇଟ୍ natboard.edu.in କୁ ଯାଇ ସେମାନଙ୍କର ଫଳାଫଳ ଯାଞ୍ଚ ଏବଂ ଡାଉନଲୋଡ୍ କରିପାରିବେ। ପ୍ରାର୍ଥୀ ମାନେ ନିଜର ମାର୍କ ଦେଖିପାରିବା ସହ ରାଙ୍କ ଦେଖିପାରିବେ। ସୂଚନାଯୋଗ୍ୟ ଯେ ନିଟ୍ ପିଜି ୨୦୨୫ ଚଳିତ ମାସ ୩ ତାରିଖରେ ହୋଇଥିଲା। ଏଥିରେ ୩୦୧ ସହରରେ ୨.୪୨ ଲକ୍ଷ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ପରୀକ୍ଷା ଗୋଟିଏ ଥରରେ ଆୟୋଜନ ହୋଇଥିଲା। ଏହି ଜାତୀୟ ସ୍ତରୀୟ ପରୀକ୍ଷା ଡାକ୍ତରୀ ସ୍ନାତକଙ୍କ ପାଇଁ ଏମଡି, ଏମଏସ, ଡିଏନବି, ଡଏନବି (ସିଧା ୬ ବର୍ଷିଆ। ପାଠ୍ୟକ୍ରମ) ଏବଂ ପିଜି ଡିପ୍ଲୋମା ଭଳି ଶ୍ରେଷ୍ଠ ସ୍ନାତକୋତ୍ତର ଡାକ୍ତରୀ କାର୍ଯ୍ୟକ୍ରମଗୁଡ଼ିକରେ ପ୍ରବେଶ ପାଇଁ ଦ୍ୱାର ଖୋଲିଥାଏ ।

# ଉପରାଷ୍ଟ୍ରପତି ନିର୍ବାଚନ ହେବା ସୁନିଶ୍ଚିତ

**ନୂଆଦିଲ୍ଲୀ,୧୯।୮(ମହାଭାରତ):** ଉପରାଷ୍ଟ୍ରପତି ନିର୍ବାଚନ ହେବା ପକ୍କା ହୋଇଛି। ପ୍ରଥମେ ଏନଡିଏ ପକ୍ଷରୁ ଉପରାଷ୍ଟ୍ରପତି ପଦର ପ୍ରାର୍ଥୀ ସିପି ରାଧାକୃଷ୍ଣନଙ୍କ ନାମ ଘୋଷଣା କରାଯାଇଥିବାବେଳେ ଆଜି ଇଣ୍ଡି ମେଣ୍ଟ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ବି. ସୁଦର୍ଶନ ରେଡ୍ଡୀଙ୍କୁ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରାର୍ଥୀ ଭାବରେ ମନୋନୀତ କରିଛି। ସେ ସିଧାସଳଖ ଶାସକ ଦଳ ପ୍ରାର୍ଥୀ ଏବଂ ବିଜେପି ନେତା ସିପି ରାଧାକୃଷ୍ଣନଙ୍କୁ ଚ୍ୟାଲେଞ୍ଜ କରିବେ । ଏହି ଘୋଷଣା ସହିତ, ଉପରାଷ୍ଟ୍ରପତି ନିର୍ବାଚନ ଏବେ ଆହୁରି ରୋଚକ ହେବାକୁ ଯାଉଛି। ଶ୍ରୀ ରେଡ୍ଡୀ ୨୧ ରେ ନାମାଙ୍କନ ଦାଖଲ କରିବାକୁ ଥିବାବେଳେ ଆସନ୍ତାକାଲି ରାଧାକୃଷ୍ଣନ ନାମାଙ୍କନ ଦାଖଲ କରିବେ। ତେବେ ଉଭୟ ଦକ୍ଷିଣ ଭାରତରୁ ଆସିଥିବାବେଳେ ଦକ୍ଷିଣ ଭାରତର ରାଜନୀତି ଜୋରଦାର ହୋଇଛି। ତାମିଲନାଡୁ, ଆନ୍ଧ୍ର, ତେଲେଙ୍ଗାନା, କେରଳ ରାଜ୍ୟରେ ସାଂସଦମାନେ କାହାକୁ ଭୋଟ୍‌ଦେବେ ଦ୍ୱନ୍ଦରେ ରହିଛନ୍ତି। ବର୍ତ୍ତମାନର ଲୋକସଭା ଓ ରାଜ୍ୟସଭାରେ ସଂଖ୍ୟା ଗଣିତ ଦେଖିଲେ, ଏନ୍‌ଡିଏ ପ୍ରାର୍ଥୀ ଜିତିବାରେ କୌଣସି ଅସୁବିଧା ନାହିଁ।

ଆଜି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କ ବାସଭବନରେ ଇଣ୍ଡି ମେଣ୍ଟର ସାଂଗଠନିକ ଦଳଗୁଡ଼ିକର ବୈଠକ ପରେ ଏହା ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇଛି। କଂଗ୍ରେସ ସଭାପତି ଖାର୍ଗେ ଏହି ଅବସରରେ କହିଛନ୍ତି ଯେ, ବି. ସୁଦର୍ଶନ ରେଡ୍ଡୀ ଦେଶର ଜଣେ ପ୍ରଖ୍ୟାତ ଏବଂ ପ୍ରଗତିଶୀଳ ଆଇନବିତ୍। ସେ ଆନ୍ଧ୍ର ପ୍ରଦେଶ ହାଇକୋର୍ଟରେ ବିଚାରପତି, ଗୌହାଟି ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ସୁପ୍ରିମକୋର୍ଟର ବିଚାରପତି ଭାବରେ ଦୀର୍ଘ ଏବଂ ଉତ୍କୃଷ୍ଟ କାର୍ଯ୍ୟ କରିଛନ୍ତି।



**ବି. ସୁଦର୍ଶନ ରେଡ୍ଡୀ ଇଣ୍ଡି ମେଣ୍ଟର ଉପରାଷ୍ଟ୍ରପତି ପ୍ରାର୍ଥୀ**

ଏନଡିଏର ଉପରାଷ୍ଟ୍ରପତି ପଦର ପ୍ରାର୍ଥୀ ସିପି ରାଧାକୃଷ୍ଣନଙ୍କୁ ମଙ୍ଗଳବାର ଦିନ କ୍ଷମତାସୀନ ଦଳର ସାଂସଦମାନଙ୍କ ବୈଠକରେ ଅଭିନନ୍ଦନ ଦିଆଯାଇଛି । ଏହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିଜେପିର ସହଯୋଗୀ ଦଳର ଶୀର୍ଷ ନେତାମାନେ ରାଧାକୃଷ୍ଣନଙ୍କୁ ଅଭିନନ୍ଦନ ଜଣାଇଥିଲେ। ରାଧାକୃଷ୍ଣନ ବୁଧବାର ସକାଳ ୧୧ଟାରେ ନିଜର ନାମାଙ୍କନ ଦାଖଲ କରିବେ। ପାର୍ଲିଆମେଣ୍ଟ ଲାଇବ୍ରେରୀ ବିଲ୍ଡିଂରେ ଥିବା ଜି.ଏମ୍.ସି. ବାଲଯୋଗୀ ଅଡିଟୋରିୟମ୍‌ରେ ମଙ୍ଗଳବାର ହୋଇଥିବା ଏହି ଏନ୍‌ଡିଏ ପାର୍ଲିଆମେଣ୍ଟାରୀ ଦଳ ବୈଠକରେ ଏନ୍‌ଡିଏର ସମସ୍ତ ଲୋକସଭା ଓ ରାଜ୍ୟସଭା ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକ ପରେ କେନ୍ଦ୍ରୀୟ ମନ୍ତ୍ରୀ କିରେନ୍ ରିଜିଜୁ ସୂଚନା ଦେଇଥିଲେ ଯେ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଏନ୍‌ଡିଏର ପ୍ରାର୍ଥୀ ସିପି ରାଧାକୃଷ୍ଣନଙ୍କର ପରିଚୟ ବୈଠକରେ କରାଯାଇଥିଲା। ଏନ୍‌ଡିଏର ଫ୍ଲୋର ଲିଡରମାନେ, ସଂସଦ ସଦସ୍ୟମାନେ ସିପି ରାଧାକୃଷ୍ଣନଙ୍କୁ ସ୍ୱାଗତ କରିଥିଲେ ଓ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ।

ଜଷ୍ଟିସ୍ ବି. ସୁଦର୍ଶନ ରେଡ୍ଡୀ ଆନ୍ଧ୍ରପ୍ରଦେଶର ବାସିନ୍ଦା । ତାଙ୍କର ଜନ୍ମ ୮ ଜୁଲାଇ ୧୯୪୬ରେ ଆନ୍ଧ୍ରପ୍ରଦେଶର ରଙ୍ଗା ରେଡ୍ଡୀ ଜିଲ୍ଲାର ଆକୁଲା ମାୟଲାରମ ଗାଁରେ ଏକ ଋଷୀ ପରିବାରରେ ହୋଇଥିଲା । ସେ ୧୯୭୧ ମସିହାରେ ଓସମାନିଆ ବିଶ୍ୱବିଦ୍ୟାଳୟରୁ ଆଇନ ପାଠପଢ଼ା ସମାପ୍ତ କରିଥିଲେ ଏବଂ ହାଇଦ୍ରାବାଦରେ ବରିଷ୍ଠ ଓକିଲ କେ. ପ୍ରତାପ ରେଡ୍ଡୀଙ୍କ ମାର୍ଗଦର୍ଶନରେ ସିଭିଲ୍ ଏବଂ ସାମ୍ବିଧାନିକ ମାମଲା ଲିବା ପାଇଁ ଅଭ୍ୟାସ ଆରମ୍ଭ କରିଥିଲେ । ୮ ଅଗଷ୍ଟ ୧୯୮୮ରେ ତାଙ୍କୁ ଆନ୍ଧ୍ରପ୍ରଦେଶ ହାଇକୋର୍ଟରେ ସରକାରୀ ଓକିଲ ଭାବରେ ନିଯୁକ୍ତ କରାଯାଇଥିଲା ଏବଂ ପରେ କେନ୍ଦ୍ର ସରକାରଙ୍କ ପାଇଁ ଅତିରିକ୍ତ ସ୍ଥାୟୀ ପରିଷଦ ଭାବରେ କାର୍ଯ୍ୟ କରିଥିଲେ ।

## ଶିଶୁ ବାଟିକା ପିଲାଙ୍କୁ ୟୁନିଫର୍ମ

**ଭୁବନେଶ୍ୱର, ୧୯।୮ (ମହାଭାରତ) :** ରାଜ୍ୟ ସାରା ସ୍କୁଲରେ ଶିଶୁ ବାଟିକାର ଛାତ୍ରଛାତ୍ରୀମାନଙ୍କୁ ମାଗଣା ୟୁନିଫର୍ମ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇବାକୁ ଓଡ଼ିଶା ସରକାର ନିଷ୍ପତ୍ତି ନେଇଛନ୍ତି। ୩,୧୦,୮୩୯ ଜଣ ନାମ ଲେଖାଇଥିବା ପିଲାଙ୍କୁ ୟୁନିଫର୍ମ, ଜୋତା, ମୋଜା, ଟି-ସାର୍ଟ, ଟ୍ରାକ୍ ପ୍ୟାଣ୍ଟ, କ୍ୟାପ୍ ଏବଂ ପରିଚୟପତ୍ର ମିଳିବ। ଯାହା ପାଇଁ ୩.୧୦ କୋଟି ଟଙ୍କାରୁ ଅଧିକ ବଜେଟ୍ ଆବଶ୍ୟକୟ ତଦନୁସାରେ ଓସେପା ସ୍କୁଲ ଏବଂ ଗଣଶିକ୍ଷା ବିଭାଗକୁ ଚିଠି ଲେଖି ପ୍ରତି ପିଲାଙ୍କୁ ୧୦୦୦ ଟଙ୍କା ଲେଖାଏଁ ଦାବି କରିଛି। ନୂତନ ଶିକ୍ଷା ନୀତି ୨୦୨୦ ଅଧୀନରେ ରାଜ୍ୟର ସମସ୍ତ ସ୍କୁଲରେ ୫-୬ ବର୍ଷ ବୟସର ପିଲାମାନଙ୍କୁ ପ୍ରାକ୍-ସ୍କୁଲ୍ ଶିକ୍ଷା ପ୍ରଦାନ କରିବା ପାଇଁ ଶିଶୁ ବାଟିକା ଆରମ୍ଭ କରାଯାଇଥିଲା। ଏହା ସହିତ ୨୦୨୫-୨୬ ପାଇଁ ସରକାରୀ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପଞ୍ଜୀକୃତ ୪୧,୩୧,୦୨୪ ଜଣ ଛାତ୍ରଛାତ୍ରୀ ସମଗ୍ର ଶିକ୍ଷା କାର୍ଯ୍ୟକ୍ରମରୁ ଉପକୃତ ହେବେ। ଯାହା ପ୍ରତି ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ପାଇଁ ୬୦୦ ଟଙ୍କା ଖର୍ଚ୍ଚ କରେ। ତେବେ ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଆର୍ଥିକ ଦୁର୍ବଳ ଛାତ୍ରଛାତ୍ରୀଙ୍କୁ ଅତ୍ୟାବଶ୍ୟକ ସ୍କୁଲ ସାମଗ୍ରୀ ଯୋଗାଇବା।

# ନିୟନ୍ତ୍ରଣକୁ ଆସିବ ଅନଲାଇନ ଗେମିଂ

**ନୂଆଦିଲ୍ଲୀ,୧୯।୮(ମହାଭାରତ):** ଅନଲାଇନ ଗେମିଂ ବିଲ ଉପରେ ଆଜି କେନ୍ଦ୍ର ସରକାର ମୋହର ମାରିଛନ୍ତି । ଦେଶରେ ବର୍ତ୍ତମାନ ଡିଜିଟାଲ ଗେମିଂ ସେକ୍ଟର ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଓ ଅନଲାଇନ ବେଟିଂ ଉପରେ ସଂପୂର୍ଣ୍ଣ ରୋକ ଲଗାଇବା ପାଇଁ ସରକାର ଏହି ବିଲ ଆଣିବେ। ଏହି ବିଲ ଅଧୀନରେ ସମସ୍ତ ଟଙ୍କା ଲଗାଣକାରୀ ଗେମିଂ ନେଣଦେଣ ଉପରେ ରୋକ ଲାଗିବ ଅର୍ଥାତ ଗେମିଂ ଆପ ଜରିଆରେ କେହି ବି ଟଙ୍କା ଉଠାଇ ପାରିବେ ନାହିଁ କିମ୍ବା ଲଗାଇ ପାରିବେ ନାହିଁ।

ପ୍ରସ୍ତାବିତ ରେଗୁଲେସନ ଆଣ୍ଡ ପ୍ରମୋସନ ଅଫ ଅନଲାଇନ ଗେମିଂ ଆକ୍ଟରେ ବ୍ୟାଙ୍କ କିମ୍ବା କୌଣସି ଆର୍ଥିକ ଅନୁଷ୍ଠାନ ଅନଲାଇନ ଗେମ୍ସରେ ପାଣ୍ଠି ସ୍ଥାନାନ୍ତର କରିବାକୁ ଅନୁମତି ପାଇବେ ନାହିଁ। ଅନଲାଇନ ଗେମ ଜରିଆରେ ପ୍ରକୃତ ଟଙ୍କା କେହି ବି ହାସଲ କରିପାରିବେ ନାହିଁ।

ରିୟଲ ମନି ଗେମିଂର ବିଜ୍ଞାପନ ଉପରେ ସଂପୂର୍ଣ୍ଣ ରୋକ ଲଗାଇବାକୁ ଏଥିରେ ବ୍ୟବସ୍ଥା କରାଯାଇଛି।ଇ-ସ୍ପୋର୍ଟସ ଓ ଅଣ ଟଙ୍କା ଲଗାଣକାରୀ ଦକ୍ଷତା ବୃଦ୍ଧି ଭିତ୍ତିକ ଗେମସକୁ ପ୍ରମୋସନ ପାଇଁ ମଧ୍ୟ ବିଲରେ ପ୍ରସ୍ତାବ ଦିଆଯାଇଛି ଏହାବାଦ ଅଣପଞ୍ଜିକୃତ କିମ୍ବା ବେଆଇନ ଗେମିଂ ପ୍ଲାଟଫର୍ମ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ପ୍ରାବଧାନ ବିଲ୍‌ରେ ରହିଛି। ଏହି ବିଧେୟକକୁ ସରକାର ବୁଧବାର ଲୋକସଭାରେ ଉପସ୍ଥାପନ କରିବେ ବୋଲି ଜଣାପଡ଼ୁଛି।୨୦୨୩ ଅକ୍ଟୋବର ମାସରେ ସରକାର ଅନଲାଇନ ଗେମିଂ ଉପରେ ୨୮% ଜିଏସଟି ଲଗାଇବା ଦିନ ଠାରୁ ଏହା ସ୍କାନରରେ ରହିଛି ୨୦୨୫ ଆର୍ଥିକ ବର୍ଷ ଠାରୁ ଅନଲାଇନ ଗେମରୁ ଜିତୁଥିବା ଅର୍ଥ ଉପରେ ୩୦% ଟିକସ ଲାଗୁ କରାଯାଉଛି। ବିଦେଶୀ ଗେମିଂ ଅପରେଟରମାନଙ୍କୁ ଭାରତୀୟ ଟିକସ ବ୍ୟବସ୍ଥାକୁ ମଧ୍ୟ ଅଣା ଯାଇଛି। ୨୦୨୩ ଡିସେମ୍ବର ମାସରେ ଭାରତୀୟ ନ୍ୟାୟ ସଂହିତା ଅଧୀନରେ ଅନପଞ୍ଜିକୃତ ବେଟିଂକୁ ଅପରାଧିକ କାର୍ଯ୍ୟକଳାପ ଭାବେ ବିବେଚନା କରାଯିବା ସହ ୭ ବର୍ଷର ଜେଲଦଣ୍ଡ ସହ ଜୋରିମାନାର ବ୍ୟବସ୍ଥା ହୋଇଛି।

## ବସାଦହି ଗୋଲମରିଚ ମାଂସ

**ଆବଶ୍ୟକ ସାମଗ୍ରୀ:** ୧ କେଜି ଖାସି ମାଂସ,୧୦ରୁ ୧୫ଟି ଗୋଲ ମରିଚ, ୪ଟି କଟା ପିଆଜ,୨ ଚାମଚ ଅଦା ରସୁଣ ବଟା, ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ୩ରୁ ୪ଟି ଶୁଖିଲା ଲଙ୍କା, ତେଲ ଓ ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଖାସି ମାଂସରେ ଲୁଣ, ବସାଦହି, ଅଦା ରସୁଣ ବଟା, ତେଲ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲଭାବେ ମ୍ୟାରିନେଟ କରି ରଖନ୍ତୁ। ଅଧଘଣ୍ଟା ପରେ କଡ଼େଇରେ ମ୍ୟାରିନେଟ୍ ମାଂସ, କଟା ପିଆଜ, ଅଦାରସୁଣ ବଟା, ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ଗୋଲମରିଚ, ଶୁଖିଲା ଲଙ୍କା, ବସାଦହି ଓ ତେଲ ପକାଇ ଘୋଡଣି ଘୋଡାଇ ଚୁଲି ଲଗାନ୍ତୁ। କିଛି ସମୟ ପରେ ଘୋଡଣି ବାହାର କରି ମାଂସରେ ଅଳ୍ପ ପାଣି ଦେଇ ୪୦ରୁ ୪୫ ମିନିଟ୍ ଯାଏଁ ସିଝିବାକୁ ଦିଅନ୍ତୁ। ମଝିରେ ମଝିରେ ମାଂସକୁ ଗୋଳାଉଥା'ନ୍ତୁ। ଏହାପରେ ପ୍ରସ୍ତୁତ ହୋଇଥିବା ବସାଦହି ଗୋଲମରିଚ ମାଂସକୁ ପ୍ଲେଟକୁ କାଢ଼ି ପରସନ୍ତୁ।



### ଖବର

## ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୫ ମୁକୁଟ ପିନ୍ଧିଲେ ମନିକା ବିଶ୍ୱକର୍ମା



ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୫ ରାଜସ୍ଥାନର ଜୟପୁରରେ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ମନିକା ବିଶ୍ୱକର୍ମା ବିଜୟୀ ହୋଇ ସୌନ୍ଦର୍ଯ୍ୟ ପ୍ରତିଯୋଗିତାର ମୁକୁଟ ପିନ୍ଧିଥିଲେ । ପୂର୍ବରୁ ୨୦୨୪ ରେ ମନିକାଙ୍କୁ ମିସ୍ ୟୁନିଭର୍ସ ରାଜସ୍ଥାନ ପାଇଁ ଚୟନ କରାଯାଇଥିଲା । ବର୍ତ୍ତମାନ ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୪ ର ମୁକୁଟ ଜିତିବା ପରେ, ସେ ଥାଇଲ୍ୟାଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ୭୪ତମ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରୁଥିବାର ଦେଖାଯିବେ । ଯାହା ଏହି ବର୍ଷ ଶେଷରେ ଅନୁଷ୍ଠିତ ହେବାକୁ ଯାଉଛି ।

ମନିକା ବିଶ୍ୱକର୍ମା ପେଶାରେ ଜଣେ ମଡେଲ ଏବଂ ସେ ରାଜସ୍ଥାନର ଗଙ୍ଗାନଗରର ବାସିନ୍ଦା । ହେଲେ, ଗତ କିଛି ବର୍ଷ ଧରି ସେ ଦିଲ୍ଲୀରେ ରହି ତାଙ୍କ ମଡେଲିଂ କ୍ୟାରିୟର ଉପରେ ଧ୍ୟାନ ଦେଉଛନ୍ତି । ଏବେ ସେ ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୫ ଜିତିବା ପରେ ଚର୍ଚ୍ଚାକୁ ଆସିଛନ୍ତି । ଏହି ବିଜୟ ପରେ ମନିକା ମଞ୍ଚ ଉପରେ ନିଜର ଖୁସି ପ୍ରକାଶ କରିଥିଲେ ଏବଂ ତାଙ୍କ ପରାମର୍ଶଦାତାମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ସେ କହିଥିଲେ ଯେ ସେ ଏହି କଷ୍ଟକର ଯାତ୍ରା କିପରି ସମାପ୍ତ କରିଥିଲେ ଏବଂ ତାଙ୍କ ପରାମର୍ଶଦାତାମାନେ ତାଙ୍କୁ ଏଥିରେ ବହୁତ ସାହାଯ୍ୟ ମଧ୍ୟ କରିଥିଲେ ।ଏଥି ସହ ଜାଣିରଖନ୍ତୁ ଯେ, ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୫ ର ଟାଇଟଲ ଜିତିବା ପରେ, ମନିକା କହିଥିଲେ ଯେ ସେ ଗଙ୍ଗାନଗରର ବାସିନ୍ଦା ଏବଂ ଦିଲ୍ଲୀରେ ରହି ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହୋଇଥିଲେ । ଆହୁରି ମଧ୍ୟ କହିଥିଲେ ଯେ, 'ସଂଘର୍ଷ ବଦଳରେ ଆମର ପ୍ରସ୍ତୁତିର ଏକ ଯାତ୍ରା ଅଛି । ମୋର ଯାତ୍ରା ମୋ ସହର ଗଙ୍ଗାନଗରରୁ ଆରମ୍ଭ ହୋଇଥିଲା । ମୁଁ ଦିଲ୍ଲୀ ଆସି ଏହି ସୌନ୍ଦର୍ଯ୍ୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହୋଇଥିଲି । ଆମକୁ ନିଜ ଭିତରେ ଆତ୍ମବିଶ୍ୱାସ ଏବଂ ସାହସ ସୃଷ୍ଟି କରିବାକୁ ପଡିବ। ଏଥିରେ ସମସ୍ତେ ଏକ ବଡ଼ ଭୂମିକା ଗ୍ରହଣ କରିଛନ୍ତି ଯେଉଁମାନେ ମୋତେ ସାହାଯ୍ୟ କରିଛନ୍ତି ଏବଂ ମୋତେ ଆଜି ମୁଁ ଯେଉଁ ସ୍ଥାନରେ ଅଛି ସେଠାରେ ପହଞ୍ଚାଇଛନ୍ତି ସେମାନଙ୍କୁ ମୁଁ ଧନ୍ୟବାଦ ଜଣାଉଛି।

## ରତ୍ନାବଳୀ କାଳୀ ଶକ୍ତିପୀଠ, ହୁଗଳୀ



। ରତ୍ନାବଳୀ କାଳୀଙ୍କ ଶକ୍ତିପୀଠ ରହିଛି । କାଳୀ ମାତାଙ୍କ ଏହି ପ୍ରସିଦ୍ଧ ମନ୍ଦିର ରତ୍ନାକର ନଦୀ ତଟରେ ଅବସ୍ଥିତ । ଏହି ମନ୍ଦିରରେ ପ୍ରତ୍ୟେକ ବର୍ଷ ଲକ୍ଷାଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ଦର୍ଶନ-ପୂଜନ ପାଇଁ ଆସିଥାନ୍ତି । ଏଠାରେ ଶକ୍ତିଙ୍କ ଅଦ୍ଭୁତ ଭକ୍ତି ଦେଖିବାକୁ ମିଳିଥାଏ। ଏପରି ମାନ୍ୟତା ରହିଛି ଯେ ଏଠାରେ ମାତା ସତୀଙ୍କ ଡାହାଣ କାନ୍ଧ ଖସିପଡ଼ିଥିଲା। ମନ୍ଦିରର ପୁରୋହିତ ଶିଶିର କୁମାର ବଟୋବୟାଲ୍ ଏବଂ ଚିନ୍ତାମଣି ମନୀ ବଟୋବୟାଲ୍ କୁହନ୍ତି ଯେ ବହୁବର୍ଷ ପୂର୍ବରୁ ରତ୍ନାକର ନଦୀ ନିକଟରେ ବ୍ରହ୍ମଚାରୀ ସ୍ୱରୂପାନନ୍ଦ ଏକ ପଥର ପାଇଥିଲେ । ଏହି ପଥର ମାତାଙ୍କ କାନ୍ଧ ଭଳି ପ୍ରତୀୟମାନ ହୋଇଥିଲା। ଏହି ପଥରକୁ ସେ ଏକ କଳସରେ ପ୍ରତିଷ୍ଠା କରି ପୂଜାର୍ଚ୍ଚନା କରିବାକୁ ଲାଗିଲେ । ଏହାପରେ ସ୍ଥାନୀୟ ଲୋକମାନେ ଏଠାରେ ମନ୍ଦିରର ନିର୍ମାଣ କରାଇଲେ ଏବଂ ମାତା ରତ୍ନାବଳୀ କାଳୀଙ୍କ ମୂର୍ତ୍ତି ପ୍ରତିସ୍ଥାପିତ କରାଇଥିଲେ । ନବରାତ୍ରୀର ନଅ ଦିନ ମାତାଙ୍କ ନଅଟି ରୂପର ପୂଜା କରାଯାଇଥାଏ। ମା'କାଳୀଙ୍କ ଏହି ମନ୍ଦିର ଆନନ୍ଦମୟୀ ଧାମ ନାମରେ ମଧ୍ୟ ପ୍ରସିଦ୍ଧ ଅଟେ । ଏହି ମନ୍ଦିରର ବିଶେଷତ୍ୱ ହେଉଛି ଏଠାରେ ପୂଜାରୀ ମାତାଙ୍କୁ 'କୁମାରୀ' ରୂପରେ ପୂଜା କରିଥାନ୍ତି ।

## ଐତିହାସିକ କୁମୁଡା ପାହାଡ଼ରେ ବିରାଜିତ ବାବା ଧବଳେଶ୍ୱର

ଟିଟିଲାଗଡ଼ ସହରର ଦକ୍ଷିଣ ଦିଗରେ ରହିଛି ଐତିହାସିକ କୁମୁଡା ପାହାଡ଼ । ଜନଶ୍ରୁତି ଅନୁସାରେ ଏହି କୁମୁଡା ପାହାଡ଼ ବଲାଙ୍ଗୀର ବା ପାଟଣା ରାଜ୍ୟର ଦୁର୍ଗ ଭଳି କାମ କରୁଥିଲା । ପ୍ରାୟ ଦୁଇଶହ ବର୍ଷ ପୂର୍ବେ ବଲାଙ୍ଗୀର ଓ କଳାହାଣ୍ଡି ସୀମାରେ ଥିବା ଏହି ପାହାଡ଼ ଅଞ୍ଚଳରେ କନ୍ଧ ଆଦିବାସୀମାନେ ଦେବୀପୂଜା କରି ବଳି ଦେଉଥିଲେ । ଏହି ବଳି ଯାତ୍ରା ଦେଖିବାକୁ ଆସିଥିବା ଅନ୍ତରାମ ପାଢ଼ୀ ନାମରେ ଜଣେ ବ୍ରାହ୍ମଣ ପାହାଡ଼ର ଗୁମ୍ଫାରେ ଶିବଲିଙ୍ଗଙ୍କୁ ଆବିଷ୍କାର କରିଥିଲେ । ସେହି ଦିନ ଠାରୁ ତାଙ୍କ ବଂଶଧରମାନେ ଏହି



ଶିବଲିଙ୍ଗଙ୍କୁ ପୂଜା କରି ଆସୁଛନ୍ତି ।ଯିଏ ବାବା ଧବଳେଶ୍ୱର ଭାବେ ବିରାଜିତ। ଧବଳେଶ୍ୱର ମନ୍ଦିରକୁ ଯାଇ ପୂଜା କରିବା ଶ୍ରଦ୍ଧାଳୁଙ୍କ ପାଇଁ ସେତେ ସହଜ ନ ଥିଲା । ଗୁମ୍ଫା ଭିତରକୁ ଗୁରୁଣ୍ଡି ଗୁରୁଣ୍ଡି ଯିବାକୁ ପଡୁଥିଲା । ପରେ ଜଣେ ଶିଳ୍ପପତି ପାହାଡ଼କୁ ଖୋଦେଇ କରି ଛିଡା ହୋଇ ଯିବା ଆସିବା ପାଇଁ ସୁବିଧା କରିଥିଲେ ।ଆଜି ବି ମନ୍ଦିର ଭିତରେ ଅନେକ ଅନାବିଷ୍କୃତ ଗୁମ୍ଫା ଦେଖିବାକୁ ମିଳେ । ବର୍ତ୍ତମାନ କିନ୍ତୁ ମନ୍ଦିରର ଅନେକ ପରିବର୍ତ୍ତନ ଆସିଲାଣି । ପ୍ରତ୍ନତ□ ବିଭାଗ ମଧ୍ୟ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ହାତକୁ ନେଇଛି । ବାବାଙ୍କ ପୀଠରେ ମହା ଶିବରାତ୍ରି ମେଳା ବେଶ ପ୍ରସିଦ୍ଧ ।୮ ଦିନ ଧରି ଚାଲୁଥିବା ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଲୋକଙ୍କ ଭିଡ଼ ଜମେ ।ଶ୍ରାବଣ ସୋମବାରରେ ମଧ୍ୟ କାଉଡିଆ ଓ ଶ୍ରଦ୍ଧାଳୁମାନଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳେ ଯ ବାବାଙ୍କୁ ଭସ୍ମ ଆରତୀ ମଧ୍ୟ କରାଯାଉଛି । ଯାହା ଦେଖିଲେ ଆଖି ଲାଖିଯାଏ ।ବାବା ଧବଳେଶ୍ୱର ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂର୍ଣ୍ଣ କରୁଥିବା ବିଶ୍ୱାସ ରହିଆସିଛି। ପ୍ରତିଦିନ ଏଠାରେ କେହି ନା କେହି ଜଳାଭିଷେକ, ରୁଦ୍ରାଭିଷେକ କରି ନିଜ ମନସ୍କାମନା ପୂର୍ଣ୍ଣ କରିଥାନ୍ତି ।

## ଆଖି ମାଂସପେଶୀକୁ ସଙ୍କୁଚିତ କରୁଛି ଲ୍ୟାପଟପ

ଆଜିକାଲି ଆମେ ଦିନକୁ ୧୦-୧୨ ଘଣ୍ଟା କମ୍ପ୍ୟୁଟର, ଲ୍ୟାପଟପ, ଟିଭି କିମ୍ବା ମୋବାଇଲ ସ୍କ୍ରିନ୍ ସାମ୍ନାରେ ସମୟ ବିତାଉଛୁ । ଏଗୁଡ଼ିକର ସ୍କ୍ରିନ୍ ଆମ ଆଖି ଉପରେ କିଭଳି ପ୍ରଭାବ ପକାଏ। ଏକ ସଦ୍ୟ ଅଧ୍ୟୟନ ତାହା ଖୁଲାସା କରିଛି ଯ ବ୍ରିଟେନର ବ୍ରାଡ୍ଫୋର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ନୀମା ଘୋରବାନି କହିଛନ୍ତି, ଅଫିସ୍ ମିଟିଂ ହେଉ ବା ଅନଲାଇନ୍ ଅଧ୍ୟୟନ, ଲ୍ୟାପଟପ ସମସ୍ତଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଛି । କିନ୍ତୁ ଏହା ଦ୍ୱାରା ଆଖିକୁ ବହୁତ କ୍ଷତି ପହଞ୍ଚୁଛି । ଅର୍ଥାତ ପାଖ ବସ୍ତୁ ତୁଳନାରେ ଦୂର ବସ୍ତୁ ଆମକୁ ସ୍ପଷ୍ଟ ଦେଖାଯାଏ । ଆମ ଆଖି ଉପଯୁକ୍ତ ଦୃଶ୍ୟ ପାଇବା ଲାଗି ଭିଜୁଆଲ ଏନ୍ଭିରନମେଣ୍ଟ ଓ ଜେନେଟିକ୍ ସିଗ୍ନାଲ ଉପରେ ପ୍ରତିକ୍ରିୟା କରେ । ତେବେ ମାୟୋପିୟା ପୀଡ଼ିତ ବ୍ୟକ୍ତିଙ୍କ ଆଖି କୌଣସି ପ୍ରକାର ଅନୁକୂଳିତ



ହୋଇପାରେ ନାହିଁ । ସେମାନଙ୍କ ଆଖିର ଲେନ୍ସ ଓ ରେଟିନା ମଧ୍ୟରେ ଦୂରତା ବଢ଼ିଚାଲେ । ଉପରୋକ୍ତ ଗ୍ୟାଜେଟେରସମୟ ବିତାଇବା ଦ୍ୱାରା ଏହି ଦୂରତା ଆହୁରି ବଢ଼ିପାରେ । ଯେତେବେଳେ ଆମେ କୌଣସି ବସ୍ତୁକୁ ପାଖରୁ ଦେଖୁ, ନ୍ସର ଆକାର ଅନୁସାରେ ଅନୁକୂଳିତ ହେଉଥିବା ସିଲିଅରି ମାଂସପେଶୀ ସଙ୍କୁଚିତ ହୁଏ । ଏହା ଦ୍ୱାରା ଲେନ୍ସର ଆକାର ଅଧିକ ଗୋଲାକାର ହୁଏ । କୌଣସି ବସ୍ତୁରେ ଫୋକସ୍ କରିବାରେ ଏହା ରେଟିନାକୁ ସାହାଯ୍ୟ କରେ ଯସରଳ ଭାଷାରେ କହିଲେ, ସିଲିଅରି ମାଂସପେଶୀ ଉପରେ ଅଧିକ ଚାପ ପଡ଼ିବା ଦ୍ୱାରା ତାହା ପ୍ରସାରିତ ହୁଏ । ଫଳରେ ଲେନ୍ସକୁ ପୁଣି ସମତଳ ଆକାର ଦେବାର ଆଖିର କ୍ଷମତା ଦୁର୍ବଳ ହୋଇଥାଏ । ଏହା ଦ୍ୱାରା ଆଖି ଡୋଳା ମଧ୍ୟ ବଢ଼ିବାକୁ ଲାଗେ । ଫଳରେ ତା'ର ସଂରଚନା ଓ ରେଟିନା ଉପରେ ଆଲୋକ କେନ୍ଦ୍ରିତ କରିବାର କ୍ଷମତାରେ ସ୍ଥାୟୀ ପରିବର୍ତ୍ତନ ହୋଇପାରେ ।ବର୍ଦ୍ଧିତ ଆଖି ଡୋଳାରେ ଦୂର ବସ୍ତୁକୁ ଦେଖିବା ଦ୍ୱାରା ଫୋକସ୍ ରେଟିନାର ସାମ୍ନାରେ ଥାଏ, ଫଳରେ ବସ୍ତୁତ ଝାପ୍ସା ଦିଶେ । କମ୍ପ୍ୟୁଟର ଓ ମୋବାଇଲ ସ୍କ୍ରିନ୍ରେ ଘଣ୍ଟା ଘଣ୍ଟା ଧରି କାମ କରିବା ଦ୍ୱାରା ଆଖି ଉପରେ ପଡୁଥିବା ଚାପରୁ ରକ୍ଷା ପାଇବା ଲାଗି ନୀଳ ଆଲୋକକୁ ଫିଲ୍ଟର କରୁଥିବା ଚଷମାର ଚାହିଦା ବଢ଼ିଛି । କିନ୍ତୁ ଏହାର ବୈଜ୍ଞାନିକ ପ୍ରମାଣ ମିଳି ନାହିଁ ।ବୈଜ୍ଞାନିକଙ୍କ ଅନୁସାରେ, ଏ ପ୍ରକାର ଚଷମା ଆଖିକୁ ଚାପମୁକ୍ତ କରେ ନାହିଁ । ବିଶେଷଜ୍ଞମାନେ କମ୍ପ୍ୟୁଟର ଭିଜନ୍ ସିଣ୍ଡ୍ରୋମ୍ ପଛରେ ନୀଳ ରଶ୍ମିକୁ କାରଣ ବୋଲି ମାନୁନାହାନ୍ତି । ଦୀର୍ଘ ସମୟ ଧରି କମ୍ପ୍ୟୁଟର ବା ଲ୍ୟାପ୍ଟପ୍ ସାମ୍ନାରେ ବସିବା ପରେ ମୁଣ୍ଡବିନ୍ଧା, ଧୂଆଁଳିଆ ଦିଶିବା, ଆଖି ଜଳାପୋଡ଼ା ଭଳି ସମସ୍ୟା କମ୍ପ୍ୟୁଟର ଭିଜନ୍ ସିଣ୍ଡ୍ରୋମ୍ ଅନ୍ତର୍ଭୁକ୍ତ ଯ ଗବେଷଣାରୁ ଜଣାପଡ଼ିଛି, ଅନ୍ୟ ସାଧାରଣ ଚଷମା ତୁଳନାରେ ନୀଳ ରଶ୍ମିକୁ ଫିଲ୍ଟର କରୁଥିବା ଚଷମାରେ କୌଣସି ଅତିରିକ୍ତସୁବିଧା ନାହିଁ । ଏହା ଦ୍ୱାରା ଆଖି ଜଳାପୋଡ଼ା ଓ ଥକାପଣ କମେ ନାହିଁ କିମ୍ବା ଦୃଷ୍ଟିଶକ୍ତିରେ ମଧ୍ୟ ଏହା ସୁଧାର ଆଣେ ନାହିଁ । ତେଣୁ ଆପଣ ଯଦି ଘଣ୍ଟା ଘଣ୍ଟା ଧରି କମ୍ପ୍ୟୁଟର, ଲ୍ୟାପଟପ ବା ମୋବାଇଲ ସାମ୍ନାରେ ବସୁଛନ୍ତି, ତେବେ ଚକ୍ଷୁ ସମସ୍ୟା ଲାଗି ରହିବ, ଯାହା ଚଷମା ବ୍ୟବହାର ଦ୍ୱାରା କମିବ ନାହିଁ ।

## ସିନ୍ଦୁର ସହ ଜଡିତ କିଛି ବିଶେଷ ଉପାୟ

ବାସ୍ତୁରେ ସିନ୍ଦୂରର ବିଶେଷ ମହତ୍ତ୍ୱ ରହିଛି। ପ୍ରତ୍ୟେକ ସଧବା ସ୍ତ୍ରୀର ମୁଖ୍ୟ ଶୃଙ୍ଗାର ହେଉଛି ସିନ୍ଦୂର। ଶାସ୍ତ୍ରରେ ମଧ୍ୟ ବର୍ଣ୍ଣନା କରାଯାଇଛି ସିନ୍ଦୂର ପିନ୍ଧିବା ଦ୍ୱାରା ସ୍ୱାମୀ ଦୀର୍ଘାୟୁ ହୋଇଥାଆନ୍ତି। ବିଭିନ୍ନ ପ୍ରକାର



ରୋଗରୁ ଦୂରେଇ ରହିଥାଆନ୍ତି। ଜାଣନ୍ତୁ ସିନ୍ଦୂର ସହ ଜଡିତ କିଛି ସହଜ ଉପାୟ ବିଷୟରେ

ପ୍ରତ୍ୟେକ ଦିନ ସୂର୍ଯ୍ୟଦେବତାଙ୍କୁ ଜଳ ଅର୍ପଣ କରିବା ସମୟରେ ସେଥିରେ ସିନ୍ଦୂର ପକାଇ ଅର୍ପଣ କରନ୍ତୁ।

ଗୃହର ମୁଖ୍ୟଦ୍ୱାରରେ ସିନ୍ଦୂରରେ ସ୍ୱସ୍ତିକ ଚିହ୍ନ କରନ୍ତୁ। ଏହାଦ୍ୱାରା ଘରେ ସୁଖଶାନ୍ତିର ବାତାବରଣ ସର୍ବଦା ରହିଥାଏ। ଦମ୍ପତିଙ୍କ ମଧ୍ୟରେ କଳହ ହେଉଥିଲେ ଏହି ଉପାୟ ନିଶ୍ଚୟ ଆପଣାନ୍ତୁ। ଏହାସହ ତେଲରେ ସିନ୍ଦୂର ମିଶାଇ ଘରର ମୁଖ୍ୟ ଦ୍ୱାରରେ ଲଗାଇବା ଦ୍ୱାରା ଘରେ ନକରାତ୍ମକ ଶକ୍ତି ପ୍ରବେଶ କରିନଥାଏ। ଏପରି ଲଗାତାର ୪୦ ଦିନ କରିବା ଦ୍ୱାରା ଘରେ ଥିବା ବାସ୍ତୁ ଦୋଷ ମଧ୍ୟ ଦୂର ହୋଇଥାଏ।

ହିନ୍ଦୁଧର୍ମ ଅନୁଯାୟୀ ସିନ୍ଦୂର ବିନା ଦେବାଦେବୀଙ୍କ ପୂଜା ସମ୍ପୂର୍ଣ୍ଣ ହୋଇନଥାଏ।

ଧନସମ୍ପତ୍ତି ଜନିତ ସମସ୍ୟାର ସମାଧାନ ପାଇଁ ମଲ୍ଲୀଫୁଲର ତେଲରେ ସିନ୍ଦୂର ମିଶାଇ ୫ଟି ମଙ୍ଗଳବାର ଓ ଶନିବାର ପ୍ରଭୁ ହନୁମାନଙ୍କୁ ଅର୍ପଣ କରନ୍ତୁ। ଏହାଦ୍ୱାରା କର୍ମକ୍ଷେତ୍ରରେ ମଧ୍ୟ ଉନ୍ନତି ହୋଇଥାଏ। ମନସ୍କାମନା ପୂରଣ ହୋଇଥାଏ।

ଘରର ମୁଖ୍ୟଦ୍ୱାରରେ ସିନ୍ଦୂର ଅର୍ପଣ ହୋଇଥିବା ପ୍ରଭୁ ଗଣେଶଙ୍କ ମୂର୍ତ୍ତି ରଖିବା ଦ୍ୱାରା ଘରେ ସର୍ବଦା ସୁଖଶାନ୍ତି, ସମୃଦ୍ଧି ବୃଦ୍ଧି ପାଇଥାଏ।

ସଧବା ମହିଳାମାନେ ସ୍ନାନ ପରେ ମା'ଗୌରୀଙ୍କୁ ସିନ୍ଦୂର ଅର୍ପଣ କରିବା ସହ କିଛି ସିନ୍ଦୂର ମଥାରେ ଲଗାଇବା ଦ୍ୱାରା ବୈବାହିକ ଜୀବନ ସୁଖଶାନ୍ତିରେ ବିତିଥାଏ।

ନଗରନକ୍ସା
ମହାନଗରର ନିଜ ଭାଷା
ବୁଧବାର, ୨୦ ଅଗଷ୍ଟ, ୨୦୨୫

# ମାଲକାନଗିରିରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା




**ଭୁବନେଶ୍ୱର,୧୯।୮ (ମହାଭାରତ):** ଜିଲ୍ଲାରେ ପହଞ୍ଚିଛନ୍ତି 'ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା' ଟିମ। ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲାର ୧୪୭ଜଣ ରୋଗୀ ଚିକିତ୍ସିତ ହୋଇଛନ୍ତି। ୧୮ରୁ ୨୧ ଅଗଷ୍ଟ ପର୍ଯ୍ୟନ୍ତ ସୁପର ସ୍ପେଶାଲିଷ୍ଟ ଡାକ୍ତର ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନାରେ ଜିଲ୍ଲାର ରୋଗୀଙ୍କ ଚିକିତ୍ସା କରିବେ। ଆଜି ପୂର୍ବାହ୍ନରେ ଏହି ୭ ଜଣିଆ ବିଶେଷଜ୍ଞ ଟିମ୍ ସ୍ୱତନ୍ତ୍ର ବିମାନ ଯୋଗେ ପହଞ୍ଚିଥିଲେ ମାଲକାନଗିରି ବିମାନ ବନ୍ଦରରେ। ସେଠାରୁ ମାଲକାନଗିରି ସଦର ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ୧୪୭ ରୋଗୀଙ୍କ ଚିକିତ୍ସା କରାଯାଇଥିଲା। ସେଥିମଧ୍ୟରୁ କାର୍ଡିଓଲୋଜିରେ ୩୫, ନ୍ୟୁରୋଲୋଜୀରେ ୩୮, ଗାଷ୍ଟ୍ରୋଏଣ୍ଟେରୋଲୋଜିରେ ୧୯, ଏଣ୍ଡୋକ୍ରିନୋଲୋଜୀରେ ୧୯ ଓ ନେଫ୍ରୋଲୋଜିରେ ୩୬ ଓ ୮ ଜଣ ଙ୍କର ଇସିଜି କରାଯାଇଛି। ଏହି ଡାକ୍ତରୀ ଦଳରେ ସର୍ଜରୀ ସ୍ପେଶାଲିଷ୍ଟ ଏସସିବି ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଜ୍ୟୋତିର୍ମୟ ନାୟକ, ବରିଷ୍ଠ କାର୍ଡିଓଲୋଜି ଅଂଶୁ ଟଙ୍କ, ସିନିୟର୍ ନେଫ୍ରୋଲୋଜି ଡାକ୍ତର ଧିରଜ କୁମାର ଲେଙ୍କା, ସିନିୟର୍ ନ୍ୟୁରୋଲୋଜି ଡାକ୍ତର ସଂଘମିତ୍ରା ସାହୁ, ସିନିୟର୍ ଏଣ୍ଡୋକ୍ରିନୋଲୋଜୀ ଡାକ୍ତର ସୀତାକାନ୍ତ ପଣ୍ଡା, ସିନିୟର୍ ଗାଷ୍ଟ୍ରୋଏଣ୍ଟେରୋଲୋଜି ଡାକ୍ତର ରାକେଶ ମହାନ୍ତି, ଆସିଷ୍ଟାଣ୍ଟ ପ୍ରଫେସର ଆନାସ୍ଥେସିଓଲୋଜି ଡାକ୍ତର ରାଜ କୁମାର ମହାପାତ୍ର ପ୍ରମୁଖ ରହିଛନ୍ତି। ଉପାନ୍ତ ଅଞ୍ଚଳର ଲୋକଙ୍କ ପାଇଁ ସଞ୍ଜିବନୀ ପାଲଟିଛି ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ବୋଲି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ କହିଛନ୍ତି। ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନା କାର୍ଯ୍ୟକ୍ରମ ଯୋଗୁ ରୋଗୀମାନେ ଉପକୃତ ହେଉଛନ୍ତି। ଏହି କାର୍ଯ୍ୟକ୍ରମ ଗୁରୁବାର ପର୍ଯ୍ୟନ୍ତ ଜାରି ରହିବ ବୋଲି ମଧ୍ୟ ଜିଲ୍ଲାପାଳ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ସେବା ଯୋଗୁଁ ଗୁରୁତର ରୋଗୀଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର, କଟକର ବଡ଼ ହସ୍ପିଟାଲକୁ ଯିବାକୁ ପଡ଼ିବ ନାହିଁ। ରୋଗୀଙ୍କୁ ଜିଲ୍ଲା ଚିକିତ୍ସାଳୟରେ ହିଁ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ସେବା ମିଳି ପାରିବ। ଜିଲ୍ଲାର ରୋଗୀ ସୁପର ସ୍ପେସିଆଲିଷ୍ଟ ଡ଼ାକ୍ତରଙ୍କ ନିକଟରୁ ଚିକିତ୍ସା ସୁବିଧା ପାଇପାରୁଥିବାରୁ ଖୁସି ବ୍ୟକ୍ତ କରିଛନ୍ତି।

ଏହି ଅବସରରେ ସିଡିଏମଓ ଡାକ୍ତର ଡୋଳାମଣି ପ୍ରଧାନ, ଡାକ୍ତର ବ୍ରଜବନ୍ଧୁ ଦାସ, ଡାକ୍ତର ନିହାର ରଞ୍ଜନ ପ୍ରହରାଜ, ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର, ଡାକ୍ତର କବିତା ସ୍ୱାଇଁ, ଡାକ୍ତର ସପନ କୁମାର ଡିଣ୍ଡା, ଡାକ୍ତର ପ୍ରଫୁଲ୍ଲ କୁମାର ବେହେରା, ଡାକ୍ତର ସୁବ୍ରତ କୁମାର ଜେନାଙ୍କ ସମେତ ଡିପିଏମ୍ ଡ଼ଃ ମୌସୁମୀ ମିଶ୍ର, ମେଡିକାଲ ମ୍ୟାନେଜର ସୁଶାନ୍ତ କୁମାର ବିଶ୍ୱାଳ ଓ ବିଶ୍ୱଜିତ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ଉତ୍ତର ଭସାଣି ସମିତି ପ୍ରସ୍ତୁତି ବୈଠକ



**ଭୁବନେଶ୍ୱର,୧୯।୮ (ମହାଭାରତ):** ଭୁବନେଶ୍ୱର ଉତ୍ତର ପୂଜା ଭସାଣି ସମିତି ପକ୍ଷରୁ ଚଳିତବର୍ଷ ଦୁର୍ଗାପୂଜା ଭସାଣି ପାଇଁ ପ୍ରସ୍ତୁତି ବୈଠକ ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟର ସ୍ଥିତ ଏକ ହୋଟେଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଭସାଣି ସମିତିର ସଭାପତି ରଶ୍ମିରେଖା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ସାଂସଦ ଅପରାଜିତା ଷଡଙ୍ଗୀ ଯୋଗଦେଇ ପୂଜା କମିଟି ମାନଙ୍କର ବିଭିନ୍ନ ସମସ୍ୟା ବୁଝିବା ସହ ଏହାର ଆଶୁ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏବଂ ପ୍ରତ୍ୟେକ ପୂଜା ମଣ୍ଡପ ଉନ୍ନତି କରଣ ପାଇଁ ୧ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ଚଳିତ ବର୍ଷ ମା ଦୁର୍ଗାଦେବୀଙ୍କ ଭାସାଣି ଉତ୍ସବ ମାଧ୍ୟମରେ ଭାଇଚାରା ବଢାଇବା ସହ ଶୃଙ୍ଖଳିତ ଭସାଣି ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଡ. ମଧୁମାଧବ ଜେନା, ନିଶାକର ସାହୁ, ଗଜେନ୍ଦ୍ର ଜେନା, ସମରେନ୍ଦ୍ର ସାହୁ, ଅଶୋକ ପାତ୍ର, ପ୍ରବୀଣ କୁମାର ମହାପାତ୍ର ଏବଂ ନନ୍ଦନକାନନ ଆଇଆଇସି ଦୟାନିଧି ନାୟକ, ଚନ୍ଦ୍ରଶେଖରପୁର ଆଇଆଇସି ତୁଷାରକାନ୍ତ ସେଠୀ, ଟ୍ରାଫିକ ଆଇଆଇସି ମନୋଜ ରୋଶନ ବିଲୁଙ୍ଗ, ଏସ ଆଇ ଦେବ ସାମନ୍ତରାୟ ପ୍ରମୁଖ ଯୋଗଦାନ କରିଥିଲେ। ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏସନର ସାଧାରଣ ସମ୍ପାଦକ ତଥା ଭସାଣି କମିଟିର ସମ୍ପାଦକ ସରୋଜକାନ୍ତ ମଲ୍ଲିକ ସଂଯୋଜନା କରିଥିଲେ।

# ବିଜେପିରେ ସାମିଲ ହେଲେ ପାଟଣା ବିଜେଡି ନେତା ଓ କର୍ମୀ



**ଭୁବନେଶ୍ୱର,୧୯।୮ (ମହାଭାରତ):** ଓଡ଼ିଶାକୁ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ବିଜେପି ସରକାର ବଦ୍ଧପରିକର। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ କେନ୍ଦ୍ର ସରକାର ଏବଂ ରାଜ୍ୟରେ ବିଜେପି ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟ ପଟେ ବିଜେଡି ଉପରୁ ଦଳୀୟ କର୍ମୀ ଓ ନେତାଙ୍କ ଆସ୍ଥା ହ୍ରାସ ପାଇଚାଲିଛି। ବିଜେଡି ଉପରୁ ଆସ୍ଥା ହରାଇ ପାଟଣା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପାଟଣା ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ବୀଣାପାଣି ନାୟକ ରାଜ୍ୟ କାର୍ଯ୍ୟାଳୟରେ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି।

ପାଟଣା ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ବୀଣାପାଣି ନାୟକଙ୍କ ସମେତ ସମିତି ସଭ୍ୟ ଅଶୁମତି ସାହୁ, ପ୍ରଦୀପ ନାୟକ, ଭାଗବତ ନାୟକ, ଉତମ ଚନ୍ଦ୍ର ବେହେରା, ଦ୍ରୁପଦୀ ମହନ୍ତ, ସଞ୍ଜୁ ମହନ୍ତ, ଜମ୍ବୁ ନାୟକ, ଜୟନ୍ତି ନାଏକ, ଚନ୍ଦ୍ରମଣି ପାତ୍ର, ଗୋଲକ ବିହାରୀ ନାଏକ ଏବଂ ସରପଂଚ ଝୁମିତା ନାୟକ, ଭାମମଣି ଦାଶ, ରାଉତ ମୁଣ୍ଡା, ହରିଶଙ୍କର ଦେହୁରୀ, ଅନାଦି ଚରଣ ମହନ୍ତ ପ୍ରମୁଖ ନିର୍ବାଚିତ ଜନପ୍ରତିନିଧିଙ୍କ ସମେତ ଶତାଧିକ ବିଜେଡି କର୍ମୀ ଆଜି ବିଜେଡି ଦଳ ତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି।

ସାହାରପଡା ବ୍ଲକର ସମିତି ସଭ୍ୟ ଦିପୁ ମହନ୍ତ, ପରେଶ ଚନ୍ଦ୍ର ସେଠୀ, ଲଳିତ ମୁଣ୍ଡା, ରିନୁ ମୁଣ୍ଡା, ଟିପୁନାଥ ହୋ, ନିରଞ୍ଜନ ଲୋହର, ଅଞ୍ଜୁଲତା ନାଏକ, ବୀରବର ମାଝୀ ଏବଂ ସରପଂଚ ବିଜୁ ନାଏକ, ଜଳଧର ନାଏକ; ବରିଷ୍ଠ ନେତା ସତ୍ୟନାରାୟଣ ନାଏକ, ସୁକାନ୍ତି ମୁଣ୍ଡା, ବିରଂଚି ନାଏକଙ୍କ ସମେତ ଶତାଧିକ ବିଜେଡି କର୍ମୀ ଆଜି ବିଜେପିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ କରିଛନ୍ତି। ଭାରତୀୟ ଜନତା ପାର୍ଟି ଏକ ଶକ୍ତିଶାଳୀ ପାର୍ଟି ଓ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ କେନ୍ଦ୍ର ସରକାର ଏବଂ ରାଜ୍ୟରେ ବିଜେପି ସରକାରଙ୍କ ମିଳିତ ପ୍ରୟାସରେ ବିଜେପି ସରକାର ଡବଲ ଇଞ୍ଜିନ ସରକାର କରିବାରେ ସଫଳ ହୋଇପାରିଛି। ତୃଣମୂଳ ସ୍ତରରେ ବିଜେପିର ସଂଗଠନ ସୁଦୃଢ ହେଉଛି ବୋଲି ରାଜ୍ୟ ପ୍ରଭାରୀ ଶ୍ରୀ ତୋମାର କହିଛନ୍ତି।

# ଜୟ ଓଡ଼ିଶା ଓ କଳିଙ୍ଗ ଅଟୋମୋବାଇଲ୍ସ ପକ୍ଷରୁ ରକ୍ତଦାନ




**ଭୁବନେଶ୍ୱର,୧୯।୮ (ମହାଭାରତ):** ଓଡ଼ିଶାର ଅଗ୍ରଣୀ ସାମାଜିକ ସଂଗଠନ ଜୟ ଓଡ଼ିଶା ଦ୍ୱାରା ଏହାର ରକ୍ତଦାନ ଯୋଜନାର ୧୫ତମ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହା କଳିଙ୍ଗ ଅଟୋମୋବାଇଲ୍ସ ଗ୍ରୁପର ସହଭାଗୀତାରେ, ଭୁବନେଶ୍ୱରର ୟୁନିଟ୍-୧ ସ୍ଥିତ କଳିଙ୍ଗ କମପ୍ଲେକ୍ସରେ ଆୟୋଜିତ ହୋଇଥିଲା।

କଳିଙ୍ଗ ଅଟୋମୋବାଇଲ୍ସର ମ୍ୟାନେଜିଙ୍ଗ ଡାଇରେକ୍ଟର୍ ତୁତୁଲ୍ ଦାଶ ଏବଂ ଶ୍ରୀମତୀ ସିକ୍ତା ଦାଶଙ୍କ ଉପସ୍ଥିତ ରହି ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିବିରରେ ଅତିଥି ଭାବେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମେୟର୍ ଶ୍ରୀମତୀ ସୁଲୋଚନା ଦାଶ, ବିଜେପି ନେତା ଜଗନ୍ନାଥ ପ୍ରଧାନ ଓ ବିଜେପି ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। କ୍ରମାଗତ ଭାବେ ବିଭିନ୍ନ ସଂଗଠନ ସହ ମିଶି ଏପରି ରକ୍ତଦାନ ଶିବିର ଆୟୋଜନ କରିବାର ଲକ୍ଷ୍ୟ ରଖିଥିବାର ଏହି ନିଆରା ପ୍ରୟାସକୁ ଏବଂ ଆୟୋଜକଙ୍କୁ ଶ୍ରୀ ହରିଚନ୍ଦନ ପ୍ରସଂଶା କରିଥିଲେ। ଆଗାମୀ ଦିନରେ ସମାଜ ପାଇଁ ଏପରି ମହତ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ। ଶିବିରରେ କଳିଙ୍ଗ ଅଟୋମୋବାଇଲ୍ସର କର୍ମଚାରୀମାନଙ୍କ ସମେତ ସ୍ଥାନୀୟ ଲୋକମାନେ ତଥା ୟୁନିଟ୍ ୧ ମାର୍କେଟର ବ୍ୟବସାୟୀମାନେ ମଧ୍ୟ ସ୍ୱଇଚ୍ଛାରେ ଉତ୍ସାହର ସହିତ ରକ୍ତଦାନ କରିଥିଲେ। କଳିଙ୍ଗ ଅଟୋମୋବାଇଲ ଗ୍ରୁପ ଭଳି ଅନ୍ୟାନ୍ୟ କର୍ପୋରେଟ ସଂସ୍ଥାମାନେ ମଧ୍ୟ ଏହିଭଳି ରକ୍ତଦାନ କାର୍ଯ୍ୟରେ ନିଜକୁ ଅନ୍ତର୍ଭୁକ୍ତ କରାଇଲେ ନିଶ୍ଚୟ ଦେଖାଦେଉଥିବା ରକ୍ତଭାବ ଧୀରେ ଧୀରେ କମିଯିବ ବୋଲି ଜୟ ଓଡ଼ିଶାର ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ କହିଛନ୍ତି। ଆଗାମୀ ଅଗଷ୍ଟ ୨୩ ତାରିଖରେ ଶୁଶୃତ ହସ୍ପିଟାଲର ମିଳିତ ଆନୁକୁଲ୍ୟରେ ୧୬ତମ ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ।

# ବିଧାନସଭା ଘେରିବେ ମଧ୍ୟାହ୍ନଭୋଜନ ପାଚିକା



**ଭୁବନେଶ୍ୱର,୧୯।୮ (ମହାଭାରତ):** ଭୁବନେଶ୍ୱରସ୍ଥ ୟୁନିଟ୍-୬ ବିଜୁ ଶ୍ରମିକ ସାମୁଖ୍ୟ କାର୍ଯ୍ୟାଳୟଠାରେ "ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ମହାସଂଘ"ର ରାଜ୍ୟ କାର୍ଯ୍ୟକାରିଣୀ ସଭା ସଂଘର ସଭାପତି ଯୋଗେନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଜିର ସଭାରେ ମା'ମାନଙ୍କ ପ୍ରତି ସରକାରଙ୍କ ତରଫରୁ ଲଗାତାର ଅଣଦେଖା କରାଯାଉଥିବା ୭ ଦଫା ଦାବି ସମ୍ପର୍କରେ ଆଲୋଚନା ହୋଇଯାଇଅଛି। ବିଶେଷକରି ଦୀର୍ଘ ୩୦ ବର୍ଷ ପାଖାପାଖି ମଧ୍ୟାହ୍ନଭୋଜନ ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନାରେ କାର୍ଯ୍ୟକରି ଆସୁଥିବା ପାଚିକା ମାଆମାନଙ୍କର ଏଯାଏଁ ନିଯୁକ୍ତିପତ୍ର ହୋଇନଥିବା ଯୋଗୁଁ ତୁରନ୍ତ ଏ ଦିଗରେ ସରକାର ପଦକ୍ଷେପ ନେବାକୁ ନିଷ୍ପତ୍ତି ଗ୍ରହଣ କରାଯିବାକୁ ଦାବି କରାଯାଇଛି। ସରକାର ସର୍ବନିମ୍ନ ମଜୁରୀ ୪୬୨ ଟଙ୍କା ପାଚିକା ମା'ମାନଙ୍କୁ ପ୍ରଦାନ କରିବା ପରିପ୍ରେକ୍ଷୀରେ ମାସିକ ୧୩୮୬୦ ଟଙ୍କା ପ୍ରଦାନ କରିବା ପାଇଁ ଦାବି ରଖାଯାଇଛି । ସ୍କୁଲ୍ ମ୍ୟାନେଜମେଣ୍ଟ କମିଟି ପାଚିକାଙ୍କ ନିଯୁକ୍ତି ଏବଂ ଅବସର କଥାକୁ ବିଚାର କରୁଥିବା ବେଳେ ଉକ୍ତ କ୍ଷେତ୍ରରେ ସରକାର ନିଜେ ଅନ୍ତର୍ଭୁକ୍ତ ରହି ସିଧାସଳଖ ଭାବେ ମାଆମାନଙ୍କ କଥା ବୁଝିବା ପାଇଁ ପ୍ରମୁଖ ୭ଟି ଦାବି ରଖାଯାଇଛି। ସମସ୍ତ ବିସ୍ତୃତ ଆଲୋଚନାକୁ ସଫଳ କରିବା ପାଇଁ ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ସଭାପତି ପ୍ରଫୁଲ୍ଲ ସାମଲ ଏବଂ ମହାସଚିବ ସୁବାଷ ସିଂ ଉପସ୍ଥିତ ରହି ଦିଗ୍‌ଦର୍ଶନ ଦେଇଥିଲେ। ସମସ୍ତ ନିଷ୍ପତ୍ତି ଗୁଡ଼ିକୁ ସରକାର ଏକ ମାସ ଭିତରେ ପୂରଣ ନ କଲେ ବିଧାନସଭାକୁ ମହାସଂଘ ଘେରାଉ କରିବ ବୋଲି ନିଷ୍ପତ୍ତି ହୋଇଛି।

# ଶିକ୍ଷା ଓ ସଂସ୍କାର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ

**ଭୁବନେଶ୍ୱର,୧୯।୮ (ମହାଭାରତ):** କିଟ୍‌ରେ ୫ ଦିନିଆ ଭାବ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଭୁଟାନ ସରକାର କିଟ୍‌କୁ ପଠାଇଥିବା ୩୧ ଜଣିଆ ବୌଦ୍ଧ ଶିକ୍ଷକ ପ୍ରତିନିଧିମଣ୍ଡଳ ଆଜି ସକାଳେ କିଟ୍ ଓ କିସ୍ ପରିଦର୍ଶନ କରିଥିଲେ। ପରେ ସେମାନେ ଏକ ଆଧ୍ୟାତ୍ମିକ ଶିକ୍ଷଣ ଅଧିବେଶନରେ ଯୋଗ ଦେଇଥିଲେ। ଏହି ଅଧିବେଶନରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କୁ ଶିକ୍ଷା ଓ ସଂସ୍କାର,



କର୍ମ ଓ ପ୍ରାରବ୍ଧ ଏବଂ ଆର୍ଟ ଅଫ୍ ଗିଭିଂ ଭଳି ୩ଟି ବିଷୟରେ ବୁଝାଇଥିଲେ। ଶ୍ରୀ ସାମନ୍ତ କହିଲେ ବର୍ତ୍ତମାନ ସମୟରେ ଶିକ୍ଷା ସହ ସଂସ୍କାର ଏକାନ୍ତ ଅପରିହାର୍ଯ୍ୟ। ବର୍ତ୍ତମାନ ସମୟରେ ଜଣେ କେବଳ ଉଚ୍ଚ ଶିକ୍ଷା ପାଇଗଲେ ସେ ସଫଳ ମଣିଷ ହୋଇପାରିବ ନାହିଁ। ଜଣେ ସଫଳ ମଣିଷ ହେବାକୁ ହେଲେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ସଂସ୍କାର ଜ୍ଞାନ ହାସଲ କରିବାକୁ ହେବ। ମଣିଷ ଯାହା କରେ ତାର ଫଳ ଅବଶ୍ୟ ତାକୁ ପ୍ରାପ୍ତ ହୋଇଥାଏ। ଗୀତା, ରାମାୟଣ ଓ ମହାଭାରତ ଆଖ୍ୟାନ ଜରିଆରେ ଶ୍ରୀ ସାମନ୍ତ ବୁଝାଇ କହିଲେ, ଅନ୍ୟକୁ ଦୁଃଖ ଦେଇ ନିଜେ ସୁଖ ପାଇବା କ୍ଷଣିକ, ମାତ୍ର ଏହାର ପରିଣାମ ପରବର୍ତ୍ତୀ ସମୟରେ ନିଶ୍ଚିତ ଭାବେ ପ୍ରାପ୍ତ ହୋଇଥାଏ। ଶ୍ରୀ ସାମନ୍ତ କହିଲେ ଆର୍ଟ ଅଫ୍ ଗିଭିଂ ହେଉଛି ଏକ ଜୀବନ ଦର୍ଶନ। ଦେବାରେ ଆନନ୍ଦ ଥାଏ। ତେଣୁ କୌଣସି ଉପାୟରେ ଅନ୍ୟକୁ ସାହାଯ୍ୟ କରିପାରିଲେ ଜୀବନ ସୁଖମୟ ହୋଇଥାଏ ବୋଲି ସେ କହିଥିଲେ।

# ଓଡ଼ିଆ ସରକାରୀ ଭାଷା ଦିବସ

**ଭୁବନେଶ୍ୱର,୧୯।୮ (ମହାଭାରତ):** ଭାରତବର୍ଷର ପ୍ରଥମ ଭାଷାଭିତ୍ତିକ ରାଜ୍ୟର ଭାଷା ନିଜ ମାତୃଭାଷା ଓଡ଼ିଆ ହେବା ପାଇଁ ଦୀର୍ଘ ବର୍ଷର ଲଢ଼େଇ ଯାହାକି ଇଂରେଜ ଶାସନ ସମୟରୁ ହିଁ ଆରମ୍ଭ ହୋଇଥିଲା। ଓଡ଼ିଶାର ପଶ୍ଚିମାଞ୍ଚଳରେ ହିନ୍ଦୀ ଭାଷା, ଉପକୂଳ ଅଞ୍ଚଳରେ ବଙ୍ଗାଳୀ ଭାଷା ଏବଂ ଦକ୍ଷିଣାଞ୍ଚଳରେ ତେଲଗୁ ଭାଷାକୁ ଲାଗୁ କରିବା ନେଇ ଇଂରେଜୀ ସରକାରକୁ ବିରୋଧ କରିବାରୁ ନୂତନ ଭାବରେ ଓଡିଶା ଭାଷାଭିତ୍ତିକ ଭୂଖଣ୍ଡ ସୃଷ୍ଟି ହୋଇଥିଲା। ଏହି ଓଡ଼ିଶା ଭୂଖଣ୍ଡରେ ଓଡ଼ିଆ ଭାଷା ପ୍ରଚଳନ ପାଇଁ ସର୍ବପ୍ରଥମେ ବରଗଡ଼ର ବିଧାୟକ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ବିଧାନସଭାରେ ଏପ୍ରିଲ ୧ ତାରିଖ ୧୯୪୮ ମସିହାରେ ପ୍ରସ୍ତାବ ଆଣିଥିଲେ। କିନ୍ତୁ ତାହା ପାରିତ ହୋଇପାରିନଥିଲା। ୧୯୫୪ ମସିହାରେ ନବକୃଷ୍ଣ ଚୌଧୁରୀ ଭାଷା ଆଇନ ଆଣିଥିଲେ। କିନ୍ତୁ ତାହାର ନିୟମାବଳୀ ହୋଇନଥିବାରୁ ଭାଷା ଆଇନ ବିଧିବଦ୍ଧ ଲାଗୁ ହୋଇ ପାରିନଥିଲା। ତେଣୁ ଭାଷା ଆନ୍ଦୋଳନ , ଓଡ଼ିଶା ତରଫରୁ ଓଡ଼ିଆରେ ଓଡ଼ିଶାର ଶାସନ ଖିଲାପକାରିଙ୍କୁ ଦଣ୍ଡବିଧାନ ପାଇଁ ଭାଷା ଆଇନ ସଂଶୋଧନ ହୋଇ ନିୟମାବଳୀ ପ୍ରକାଶ କରିବାକୁ ଦାବି ନେଇ ୧୩ ଏପ୍ରିଲ ୨୦୧୬ ରୁ ୧୯ ସେପ୍ଟେମ୍ବର ୨୦୧୮ ପର୍ଯ୍ୟନ୍ତ କଳାପତାକା ଅଭିଯାନ କରି ପ୍ରତିବାଦ ହେଇଥିଲା। ସରକାର ଆଇନ ସଂଶୋଧନ କରି ୧୭ ଅଗଷ୍ଟ ୨୦୧୯ରେ ଓଡ଼ିଆ ଭାଷା ସରକାରୀ ଭାଷା ଭାବେ ଘୋଷଣା କଲେ ଏବଂ ଯେଉଁମାନେ ଏହି ଆଇନ ଉଲ୍ଲଙ୍ଘନ କରିବେ ସେମାନଙ୍କୁ ସରକାରୀ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ରାଜପତ୍ରରେ ପ୍ରକାଶ ପାଇବା ଦିନଠାରୁ ହିଁ ଓଡ଼ିଆ ଭାଷା ସରକାରୀ ଭାଷା ଭାବରେ ପରିଗଣିତ ହେଲା। ଏଥି ପାଇଁ ଆଜିର ଦିନଟିକୁ ଓଡ଼ିଆ ସରକାରୀ ଭାଷା ଦିବସ ରୂପେ ପାଳନ କରୁଛୁ।

ଏହି ପ୍ରେକ୍ଷାପଟ୍ଟରେ ଭାଷା ଆନ୍ଦୋଳନ ତରଫରୁ ୮୭୮ ଦିନର ଆନ୍ଦୋଳନରେ ସାମିଲ ହୋଇଥିବା ଭାଷା ଯୋଦ୍ଧା ମାନଙ୍କର ଭାଷା ପ୍ରତି ମମତ୍ୱବୋଧ ତଥା ଭାଷା ଆଇନ ପ୍ରଣେତା ନବକୃଷ୍ଣ ଚୌଧୁରୀ ତଥା ଓଡ଼ିଶା ନିର୍ମାତା ଉତ୍କଳଗୌରବ ମଧୁସୁଧନ ଦାସଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଆଶିଷ ବୋର୍ଡ଼ା, ଆପୋଲୋ ସେଠି, ନବକିଶୋର ପ୍ରଧାନ, ନାରାୟଣ ଖୁଣ୍ଟିଆ, ବିସ୍ୱରାଜ ନାୟକ, ସତ୍ୟ ରଞ୍ଜନ ସ୍ୱାଇଁ, ମାନସ ବସ୍ତିଆ, ବି ମୁରଲୀଧର, ମନୋଜ ନାୟକ, ନୀଳମଣି ମିଶ୍ର, ସାଗର ଶତପଥୀ, ସାରଦା ପ୍ରସାଦ ମହାପାତ୍ର ପ୍ରମୁଖ ଭାଷା ଯୋଦ୍ଧାମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି ବୋଲି ଆବାହକ ପବିତ୍ର ମହାରଥା କହିଛନ୍ତି।

### ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା

# ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବ କ୍ରାଇମବ୍ରାଞ୍ଚ

**ଭୁବନେଶ୍ୱର,୧୯।୮ (ମହାଭାରତ):** ଓଟିଇଟି ପ୍ରଶ୍ନପତ୍ର କେଳେଙ୍କରୀ ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଆଉ ଦୁଇ ଜଣଙ୍କୁ ରିମାଣ୍ଡରେ ନେବୟ ସେମାନେ ହେଲେ ଅଭିଯୁକ୍ତ ରାମଜୀ ପ୍ରସାଦ ଗୁପ୍ତା ଏବଂ ସନାତନ ବିଷୋୟୀ। ଉଭୟଙ୍କୁ ୨ ଦିନି ପାଇଁ ରିମାଣ୍ଡରେ ନେଇ ଅଧିକ ପଚରାଉଚରା କରିବା ଲାଗି କ୍ରାଇମବ୍ରାଞ୍ଚ ପକ୍ଷରୁ ଜେଏମଏଫସି-୩ କୋର୍ଟରେ ଆବେଦନ କରାଯାଇଥିଲାୟ କୋର୍ଟ ରିମାଣ୍ଡ ପାଇଁ ଅନୁମତି ପ୍ରଦାନ କରିଛନ୍ତି। ଅନ୍ୟପଟେ ଏହି ମାମଲାରେ କେସ୍ ଡାଏରୀ ଦାଖଲ ପାଇଁ ସମୟ ନେଇଛି କ୍ରାଇମବ୍ରାଞ୍ଚ। ସୋମବାର ଏହି ମାମଲାରେ ଶୁଣାଣି ବେଳେ କ୍ରାଇମବ୍ରାଞ୍ଚ ସମୟ ମାଗିଥିଲା। ସମସ୍ତ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ମଧ୍ୟ ଘୁଞ୍ଚିଛି। ଆସନ୍ତା ୨୨ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାରେ କ୍ରାଇମବ୍ରାଞ୍ଚ ହାତରେ ଲାଗିଛି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ। ଆଗକୁ ବୋର୍ଡର ପୂର୍ବତନ ଉପସଭାପତି ନିହାର ରଞ୍ଜନ ମହାନ୍ତିଙ୍କୁ ରିମାଣ୍ଡରେ ନେବାକୁ ଯୋଜନା ରଖିଛି ତଦନ୍ତକାରୀ ଟିମ୍। ଗିରଫ ନିହାରଙ୍କ ସହ ଜିତନର ଲିଙ୍କ୍ ସମ୍ପର୍କରେ ତଦନ୍ତକାରୀ ଟିମ୍ ପାଖରେ ଗଦାଗଦା ପ୍ରମାଣ ଥିବାରୁ ସେ ଜେରା ସମୟରେ ମିଛ କହିବାକୁ ଚେଷ୍ଟା କରିଥିଲେ ମଧ୍ୟ ମିଛ ଧରା ପଡ଼ିଯାଇଥିଲା। ଅନ୍ୟପକ୍ଷରେ ପ୍ରଶ୍ନପତ୍ର ଚୋରି କରିବା ପୂର୍ବରୁ ଜିତନ୍ ସହ ଅନେକ କିଛି ଶିକ୍ଷକ ନେତା ଯୋଗାଯୋଗରେ ଥିବା ତା'ର କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍)ରୁ ପ୍ରମାଣ ମିଳିଛି। ସିଡିଆଇରୁ ମିଳିଥିବା ତଥ୍ୟ ଆଧାରରେ ଜେରା ଚାଲିଥିବାରୁ ଅକଳରେ ପଡ଼ି ଜିତନ ଅନେକ କଥା ତଦନ୍ତକାରୀ ଅଫିସରଙ୍କ ନିକଟରେ ସ୍ୱୀକାର କରିଥିବା ସୂଚନା ମିଳିଛି ।

# ଏଚ୍‌ସିଜି କ୍ୟାନ୍‌ସର ହସପିଟାଲରେ ୭୮ ବର୍ଷ ବୟସ୍କା ମହିଳାଙ୍କ ଜୀବନ ରକ୍ଷାହେଲା

**କଟକ,୧୯।୮ (ମହାଭାରତ):** କଟକର ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସପିଟାଲରେ ଏକ ଉଲ୍ଲେଖନୀୟ ଅସ୍ତ୍ରୋପଚାର ଲାରିଙ୍ଗିଆଲ୍ କ୍ୟାନ୍‌ସରରେ ପୀଡିତ ରୋଗୀମାନଙ୍କୁ ନୂତନ ଆଶା ପ୍ରଦାନ କରିଛି। ଡା. ଜ୍ୟୋତି ରଂଜନ ସ୍ୱାଇଁଙ୍କ ନେତୃତ୍ୱରେ ବହୁ ବିଭାଗୀୟ ଟିମ୍ ସଫଳତାର ସହିତ ଜଣେ ୭୮ ବର୍ଷ ବୟସ୍କା ମହିଳା ଲତା (ନାମ ପରିବର୍ତ୍ତିତ ହୋଇଛି)ଙ୍କର ସଫଳତାର ସହିତ ଚିକିତ୍ସା କରିଛନ୍ତି, ଯାହାଙ୍କର କର୍କଟ ରୋଗ ଟ୍ରାକିଆ ଏବଂ ଇସୋଫେଗସ୍‌କୁ ବ୍ୟାପି ଯାଇଥିଲା। ଏହି ଅସ୍ତ୍ରୋପଚାର ଓଡ଼ିଶାରେ ଘରୋଇ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନରେ ଏହି ଧରଣର ପ୍ରଥମ ବୋଲି ବିବେଚନା କରାଯାଉଛି। ଡାକ୍ତରୀ ଚିକିତ୍ସା କରାଇବା ପୂର୍ବରୁ ଦୀର୍ଘ ମାସ ଧରି କର୍କଶତା, ଶ୍ୱାସ ପ୍ରଶ୍ୱାସରେ କଷ୍ଟ ଏବଂ ଗିଳିବାରେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ସେ ଓଡ଼ିଶାର ଅନେକ ତୃତୀୟ ସ୍ତରର ଡାକ୍ତରଖାନାକୁ ଯାଇଥିଲେ, କିନ୍ତୁ ରୋଗୀଙ୍କର ବୟସ ଦୃଷ୍ଟିରୁ ଏବଂ ସମୁଦାୟ ସ୍ୱାସ୍ଥ୍ୟ ପରିସ୍ଥିତିରେ ଅବନତି ଘଟିଥିବାରୁ ତାଙ୍କୁ ସବୁ ସ୍ଥାନରେ ଅସ୍ତ୍ରୋପଚାର କରିବାକୁ ମନା କରିଦିଆଯାଇଥିଲା ଏବଂ ଡାକ୍ତରମାନେ ସେ ଜୀବିତ ରହିବା ନେଇ କମ୍ ସମ୍ଭାବନା ରହିଥିବା ଦର୍ଶାଇଥିଲେ। ପରିଶେଷରେ ତାଙ୍କୁ



୨୦୨୫ ଜୁଲାଇରେ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସପିଟାଲକୁ ନିଆଯାଇଥିଲା। ସେତେବେଳକୁ ତାଙ୍କ ଠାରେ ଲକ୍ଷଣ ଅତ୍ୟନ୍ତ ଖରାପ ଅବସ୍ଥାରେ ପହଞ୍ଚିଥିଲା ଏବଂ ସେଥିପାଇଁ ତାଙ୍କର ଟିକିନିଖି ଡାକ୍ତରୀ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ଏଚ୍‌ସିଜିରେ ଚିକିତ୍ସାଗତ ମୂଲ୍ୟାୟନ ଏବଂ ନିଦାନକାରୀ ଇମେଜିଂ ପରେ ଏହା ନିଶ୍ଚିତ ହୋଇଥିଲା ଯେ ଟ୍ୟୁମର ତାଙ୍କର ଲାରିନ୍‌କ୍ସ, ଅପର୍ ଟ୍ରାକିଆ (ପବନ ଆତଯାତ ନଳୀ) ଏବଂ ଅପର୍ ଇସୋଫେଗସ୍ (ଖାଦ୍ୟ ନଳୀ)କୁ ବ୍ୟାପିସାରିଛି। ଏଥିସହିତ ହସପିଟାଲର ବହୁ ବିଭାଗୀୟ ଟ୍ୟୁମର ବୋର୍ଡ ଦ୍ୱାରା ତାଙ୍କ ରୋଗ ସମ୍ପର୍କରେ ପୁନଶ୍ଚ ସମୀକ୍ଷା କରାଯିବା ପରେ ସମ୍ମିଳିତ ଅସ୍ତ୍ରୋପଚାର ପଦକ୍ଷେପ ଗ୍ରହଣ କରିବାକୁ ସୁପାରିଶ କରାଯାଇଥିଲା, କିନ୍ତୁ ରୋଗୀଙ୍କର ବୟସ ଏବଂ ଦୁର୍ବଳତା କାରଣରୁ ସେଥିରେ କିଛିଟା ଆପଦ ରହିଥିଲା। ଅସ୍ତ୍ରୋପଚାର ଯୋଜନାରେ ଏନ୍ ବ୍ଲକ୍ ରିସେକ୍‌ସନ ସଂପୃକ୍ତ ଥିଲା, ଯେଉଁଥିରେ ସ୍ୱର ପେଟିକା (ଲାରିନ୍‌କ୍ସ), ଟ୍ରାକିଆର କିଛି ଅଂଶ ଏବଂ ଇସୋଫେଗସ୍‌କୁ ଗୋଟିଏ ଥର ଅସ୍ତ୍ରୋପଚାର ପଦ୍ଧତିରେ ବାହାର କରିଦେବାକୁ ଥିଲା।

## ଚତୁର୍ଥ ବୃହତ୍ତମ ଅର୍ଥନୀତି

ସ୍ୱାଧୀନତାର ୭୮ ବର୍ଷ ଭିତରେ ଭାରତ ବିଶ୍ୱର ଏକ ପ୍ରମୁଖ ସଭ୍ୟ ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି । ଅନେକ କ୍ଷେତ୍ରରେ ଆମେ ଆତ୍ମନିର୍ଭରଶୀଳ ହୋଇପାରିଛୁ । ବିଶେଷ କରି ପ୍ରତିରକ୍ଷା କ୍ଷେତ୍ରରେ ଆମେ ବିଶ୍ୱର ପଞ୍ଚମ ଶକ୍ତି ଭାବେ ଉଭା ହୋଇଛୁ । ମହାକାଶ ବିଜ୍ଞାନ ଏବଂ ଗବେଷଣାରେ ଭାରତ ଏକ ଅଗ୍ରଣୀ ରାଷ୍ଟ୍ରର ମାନ୍ୟତା ପାଇଛି । ଅନ୍ୟାନ୍ୟ ଶିଳ୍ପ ଏବଂ କୃଷି ଉତ୍ପାଦନରେ ଭାରତ ନିଜକୁ ପ୍ରତିଷ୍ଠିତ କରିପାରିଛି । ବିଗତ ସାତ ଦଶନ୍ଧି ଭିତରେ ଭାରତର କୃଷି ଉତ୍ପାଦନ ବହୁ ଗୁଣିତ ହୋଇଛି । କିନ୍ତୁ ଭାରତର ଜନସଂଖ୍ୟା ୪ଗୁଣ ହୋଇଛି । ତେଣୁ ଭାରତ କାଦ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିନି । ବିଦେଶରୁ ଆମକୁ କାଇବା ତେଲ, ଡାଲି ଆଦି ଆମଦାନୀ କରିବାକୁ ପଡୁଛି । ସ୍ୱାଧୀନତା ପରେ ଭାରତର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ସୁଦୃଢ଼ ହୋଇଛି । ଭାରତ ସହିତ ସ୍ୱାଧୀନତା ପାଇଥିବା ଅନେକ ଦେଶରେ ଗଣତନ୍ତ୍ର ବିପନ୍ନ ହୋଇଥିବା ବେଳେ ଏବଂ ଶ୍ରୀଲଙ୍କା ଭଳି ରାଷ୍ଟ୍ରରେ ଉତ୍କଟ କାଦ୍ୟାଭାବ ଦେକା ଦେଇଥିବା ବେଳେ ଭାରତର ସ୍ଥିତି ଯଥେଷ୍ଟ ଭଲ । ତେବେ ଅନେକ ସମୟରେ ଅନୁଭବ କରାଯାଉଛି ଯେ, ଭାରତରେ ଗଣତାନ୍ତ୍ରିକ ସ୍ୱାଧୀନତା ନାମରେ ଅରାଜକତା ଦେଖିବାକୁ ମିଳୁଛି । ଦେଶରେ ଆନ୍ଦୋଳନ ନାମରେ ଅରାଜକତା ଚାଲିଛି । ସଂସଦ ଓ ବିଧାନସଭାରେ ରାଷ୍ଟ୍ରୀୟ ପ୍ରସଙ୍ଗ ଏବଂ ଲୋକଙ୍କ ସ୍ୱାର୍ଥ ପାଇଁ ବିତର୍କ ହେବା ପରିବର୍ତ୍ତେ ହଟ୍ଟଗୋଳରେ ସମୟ ନଷ୍ଟ ହେଉଛି ଏବଂ ଲୋକଙ୍କ ଟିକସ ଅର୍ଥର ଦୁରୂପଯୋଗ ହେଉଛି । ଏଥିପାଇଁ ଉଭୟ ଶାସକ ଓ ବିରୋଧୀ ଦଳ ଦାୟୀ । ଆଜି ଚୀନ ଆମଠାରୁ ସବୁ କ୍ଷେତ୍ରରେ ଆଗରେ ରହିଛି । ଏହାର କାରଣ ହେଲା ସେଠାରେ ଗଣତନ୍ତ୍ର ନାହିଁ ଏବଂ ଏକଛତ୍ରବାଦ ଚାଲିଛି । ସରକାର ଯାହା ନିଷ୍ପତ୍ତି ନେଉଛନ୍ତି ତାହା ତତ୍କାଳ କାର୍ଯ୍ୟକାରୀ କରାଯାଉଛି । ଭାରତରେ କିନ୍ତୁ ସବୁ କଥାରେ ବିରୋଧ, ସମାଲୋଚନା ଏବଂ ସରକାରୀ ନାଲିଫିତାର ପ୍ରତିବନ୍ଧକ ରହିଛି । ତେଣୁ ବିକାଶ ଏଠାରେ ଧିମେଇ ଯାଉଛି । ଏହା ସହିତ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି । ମହାତ୍ମା ଗାନ୍ଧି ଥରେ କହିଥିଲେ ଯେ, ଯେଉଁଦିନ ଭାରତର ଜଣେ ନାରୀ ରାତି ଅଧରେ ସ୍ୱଚ୍ଛନ୍ଦରେ ଯାଇପାରିବ, ସେହିଦିନ ଭାରତ ପ୍ରକୃତରେ ସ୍ୱାଧୀନତା ପାଇଲା ବୋଲି ବିଚାର କରିବାକୁ ପଡ଼ିବ । କିନ୍ତୁ ଏବେ ପରିସ୍ଥିତି ପୁରା ଭିନ୍ନ । ମହିଳାମାନେ ଶିକ୍ଷିତ ଏବଂ ସ୍ୱାବଲମ୍ବୀ ହେଉଛନ୍ତି ସତ୍ୟ, ମାତ୍ର ସେମାନଙ୍କ ସୁରକ୍ଷା ପ୍ରତି ଏବେ ବି ପ୍ରଶ୍ନବାଚୀ ରହିଛି । ପ୍ରତିଦିନ କେଉଁଠି ନା କେଉଁଠି ମହିଳାଙ୍କ ପ୍ରତି ଦୁଷ୍କର୍ମ ଅଭିଯୋଗ ଆସୁଛି । ସେହିପରି ଆଭ୍ୟନ୍ତରୀଣ ସୁରକ୍ଷା ଆଉ ଏକ ଆହ୍ୱାନ ହୋଇଛି । ବାମପନ୍ଥୀ ଉଗ୍ରବାଦୀଙ୍କ ସହିତ ଆତଙ୍କବାଦୀଙ୍କ ଉତ୍ପାତ ବଢ଼ି ଚାଲିଛି । ପଡ଼ୋଶୀ ଦେଶ ଭାରତରେ ଆତଙ୍କବାଦକୁ ପ୍ରୋତ୍ସାହିତ କରୁଛି । ଭାରତୀୟ ସେନା ଏବଂ ସୁରକ୍ଷା ବାହିନୀ ଏହାର ସଫଳତାର ସହ ମୁକାବିଲା କରି ଆସୁଛି । ଅନେକ ୧ବୀର ଯବାନ ଏଥିରେ ଶହୀଦ ହେଲେଣି । ଆଜି ପବିତ୍ର ସ୍ୱାଧୀନତା ଦିବସ ଅବସରରେ ସେମାନଙ୍କୁ ଦେଶବାସୀଙ୍କ ସଲାମ । ସାମଗ୍ରୀକ ଭାବେ ଆମର କଷ୍ଟଲବ୍ଧ ସ୍ୱାଧୀନତା ବ୍ୟର୍ଥ ହୋଇନି । କିନ୍ତୁ ଆମକୁ ଆହୁରି ଆଗକୁ ବଢ଼ିବାର ଅଛି । ଦେଶକୁ ପ୍ରତି କ୍ଷେତ୍ରରେ ସ୍ୱାବଲମ୍ବୀ ହେବାକୁ ପଡ଼ିବ । ଆଜି ଆମେରିକା ଭାରତ ଉପରେ ଟାରିଫ ବୋଝ ଲଦିଛି । ଏହାକୁ ଏକ ସୁଯୋଗ ଭାବେ ଗ୍ରହଣ କରି ଭାରତ ନିଜକୁ ଆମେରିକାର ସମକକ୍ଷ ହେବାକୁ ଉଦ୍ୟମ କରିବାକୁ ପଡ଼ିବ । ପଡ଼ୋଶୀ ଚୀନ ସହ ଆର୍ଥିକ ଦୃଷ୍ଟିରୁ ମୁକାବିଲା କରିବାକୁ ହେଲେ ଆମକୁ ଟେକ୍ନୋଲୋଜିରେ ଆହୁରି ଆଗକୁ ବଢ଼ିବାକୁ ପଡ଼ିବ । କଷ୍ଟଲବ୍ଧ ସ୍ୱାଧୀନତାର ଶତ ପ୍ରତିଶତ ସଦୁପଯୋଗ କରିବାକୁ ପଡ଼ିବ । ଆମେ ସ୍ୱଳ୍ପ ସମୟ ଭିତରେ ଏକ ସମୃଦ୍ଧ ରାଷ୍ଟ୍ର ହୋଇନପାରୁ । କିନ୍ତୁ ସ୍ୱାଲମ୍ବୀ ହୋଇପାରିବା । ଏଥିପାଇଁ ସମ୍ବଳର ସୁଷମ ବଣ୍ଟନ ଏବଂ କୃଷି ଉତ୍ପାଦନକୁ ଦ୍ୱିଗୁଣିତ କରିବାକୁ ପଡ଼ିବ । ଏବେ ବି ଦେଶର ହଜାର ହଜାର ହେକ୍ଟର ଜମି ପାଣି ଅଭାବରୁ ପଡ଼ିଆ ପଡ଼ିଛି ।

## ଜଳକଷ୍ଟ ଓ ମାନବ ସମାଜ ପାଇଁ ଜଳର ଉପଯୋଗିତା

"ତେବେ ଚଳିତ ବର୍ଷ ଦେଖା ଦେଇଥିବା ଏ ପାନୀୟ ଜଳାଭାବ ଏକ ବ୍ୟତିକ୍ରମ ନୁହେଁ । ପ୍ରାୟ ପ୍ରତିବର୍ଷ ରାଜ୍ୟରେ ନିଦାଘ ଗ୍ରୀଷ୍ମ ତା ସହ ପାନୀୟ ଜଳ ସମସ୍ୟାକୁ ସାଥୀରେ ନେଇ ଆସେ । ପ୍ରତିବର୍ଷ ଏହାର ନିରାକରଣ ପାଇଁ ପଦକ୍ଷେପ ଘୋଷଣା କରାଯାଏ, ଅଥଚ ପରବର୍ତ୍ତୀ ବର୍ଷ ପୁଣି ସମସ୍ୟାର ପୁନରାବୃତ୍ତି ହୁଏ । ବିଡ଼ମ୍ବନାର ବିଷୟ ହେଲା, ପାନୀୟ ଜଳ ଯୋଗାଣ ପାଇଁ ଅନେକ ଯୋଜନା ଚାଲିଥିବା ଦାବି କରାଯାଉଛି, କିନ୍ତୁ ଅବସ୍ଥାରେ ଉନ୍ନତି ହେବା ପରିବର୍ତ୍ତେ ସ୍ଥିତି ଅଧିକ ବିଗିଡ଼ି ଚାଲିଛି ।

॥ ଅନ୍ତର୍ଯ୍ୟାମୀ ପଟ୍ଟନାୟକ ॥

ସହରୀକରଣ, ଖାଦ୍ୟ ଉତ୍ପାଦନର ଚାପ, ଜନସଂଖ୍ୟା ବୃଦ୍ଧି ଏବଂ ନିର୍ମାଣ, ଘରୋଇ ଓ ଶକ୍ତି କ୍ଷେତ୍ରର ବଢୁଥିବା ଚାହିଦା ଯୋଗୁଁ ୨୦୩୦ ବେଳକୁ ବିଶ୍ୱ ୪୦ ପ୍ରତିଶତ ଜଳ ସଙ୍କଟର ସମ୍ମୁଖୀନ ହେବ । ବିଶ୍ୱ ଜଳ ଦିବସରେ ଜାତିସଂଘ ଏହି ଚେତାବନୀ ଦେଇଛି । ଜାତିସଂଘ ଜାରି କରିଥିବା ବିଶ୍ୱ ଜଳ ରିପୋର୍ଟ-୨୦୨୩ରେ ଏହି ତଥ୍ୟ ସାମ୍ନାକୁ ଆସିଛି । ବିଶ୍ୱରେ ଜଳ ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ଜଳ ରହିଛି । କିନ୍ତୁ ଜଳ ବ୍ୟବହାରରେ ପରିବର୍ତ୍ତନ ବିନା ଏହା ସମ୍ଭବ ନୁହେଁ ବୋଲି ଜାତିସଂଘର ବାର୍ଷିକ ବିଶ୍ୱ ଜଳ ବିକାଶ ରିପୋର୍ଟ କହିଛି । ଜଳର ସଠିକ ମାନ ନିର୍ଦ୍ଧାରଣ, ତଦାରଖ ଓ କାର୍ଯ୍ୟକାରୀ କରାନଗଲେ ଜଳାଭାବକୁ ରୋକାଯାଇ ପାରିବନାହିଁ । ରିପୋର୍ଟ ଅନୁସାରେ, ଜଳ ସଙ୍କଟର ସବୁଠୁ ବଡ଼ କାରଣ ସାଜିଛି ଜନସଂଖ୍ୟା ବୃଦ୍ଧି । ବିଶ୍ୱଜନସଂଖ୍ୟା ବର୍ତ୍ତମାନ ୭ଶହ କୋଟିରୁ ଅଧିକ ଥିବାବେଳେ ପ୍ରତିବର୍ଷ ହାରାହାରି ୮ କୋଟି ହିସାବରେ ଏହି ହାର ବଢ଼ିଚାଲିଛି । ଏପରି ହେଲେ ୨୦୫୦ ବେଳକୁ ଜନସଂଖ୍ୟା ୯ଶହ କୋଟି ଅତିକ୍ରମ କରିବ ବୋଲି ଆଶଙ୍କା କରାଯାଉଛି । ପ୍ରତିଦିନ ୭୪୮ ମିଲିଅନ୍ ଲୋକ ସ୍ୱଚ୍ଛ ପାନୀୟ ଜଳର ଉତ୍ତମ ଓ ସୁରକ୍ଷିତ ସ୍ରୋତ ପାଇବାରେ ଆଜି ବି ବଞ୍ଚିତ । ଗରିବ, ସାଧାରଣ ସାମାଜିକ ସୁବିଧାରୁ ବଞ୍ଚିତ ଏବଂ ମହିଳା ଏଥିରେ ସର୍ବାଧିକ ପ୍ରଭାବିତ । ଭୂତଳ ଜଳ ଭଣ୍ଡାର ହ୍ରାସ ଭାରତ, ଚୀନ, ପାକିସ୍ତାନ, ନେପାଳ, ବାଙ୍ଗଲାଦେଶ ଭଳି ଦେଶ ପାଇଁ ବଡ଼ ସମସ୍ୟା ପାଲଟିଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ଠିକ୍ ସମୟରେ ବର୍ଷା ହେଉନାହିଁ । ଏସବୁ ଉତ୍କଟ ସମସ୍ୟା ଆଗାମୀ ଦିନରେ ଭୟଙ୍କର ରୂପ ନେବ ।

ବର୍ତ୍ତମାନର ଭୟାବହ କରୋନା ଖବର ଭିତରେ ଆଗକୁ ଆସୁଛି ପ୍ରଚଣ୍ଡ ଖରାର ସମୟ । ଉପକୂଳ ଓଡ଼ିଶା ଠାରୁ ଆରମ୍ଭ କରି ରାଜ୍ୟର ପଶ୍ଚିମାଞ୍ଚଳ, ଦକ୍ଷିଣର ପାହାଡ଼ିଆ ଇଲାକା ପର୍ଯ୍ୟନ୍ତ ସବୁଠି ପିଇବା ପାଣି ପାଇଁ ଲୋକେ ଉହଳ ବିକଳ ହୋଇଥାନ୍ତି । ଖରାର ତାତି ଯେତିକି ବଢୁଛି, ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳ କଷ୍ଟ ସେତିକି ଉତ୍କଟ ହେବାରେ ଲାଗିଥାଏ । ରାଜ୍ୟର କେତେକ ସ୍ଥାନରେ ପାଣି ମୁନ୍ଦିଏ ପାଇଁ ମହିଳାଙ୍କୁ ତିନିରୁ ପାଞ୍ଚ କିଲୋମିଟର ପର୍ଯ୍ୟନ୍ତ ଦୂର ସ୍ଥାନକୁ ଯିବାକୁ ପଡ଼େ । କେଉଁଠି ପାନୀୟ ଜଳର ଆଦୌ ବ୍ୟବସ୍ଥା ନାହିଁ ତ ଆଉ କେଉଁଠି ବ୍ୟବସ୍ଥା ଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ । ସରକାରୀ ରେକର୍ଡ଼ ଅନୁଯାୟୀ ଗ୍ରାମାଞ୍ଚଳର ନଳକୂପ, ଷ୍ଟାଣ୍ଡପୋଷ୍ଟ ସମେତ ପ୍ରାୟ ୩ଲକ୍ଷ ୧୨ ହଜାର ୨୮୧ଟି ୱାଟର ସ୍ପଟ ରହିଛି । ସେଥିରୁ ଏବେ ବହୁ ସଂଖ୍ୟକ ଅଚଳ, ବ୍ୟବହାର ଅନୁପଯୋଗୀ । କେଉଁଠି ନଳକୂପ ଭାଙ୍ଗି ଅଚଳ ହୋଇପଡ଼ିଛି ତ ଆଉ କେଉଁଠି ଭୂତଳ ଜଳସ୍ତର କମି ଯାଇଥିବାରୁ ନଳକୂପରୁ ପାଣି ବାହାରୁ ନାହିଁ । ଆଉ କେଉଁଠି ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ । ପାଇପ୍ ଖୋଲିଲେ ପାଣି ବଦଳରେ ସଁ ସଁ ହୋଇ ପବନ ବାହାରୁଛି । ବହୁ ସଂଖ୍ୟକ ଗାଁରେ ପାନୀୟ ଜଳର ମୁଖ୍ୟ ଉତ୍ସ କୂଅ ଗୁଡ଼ିକ ଶୁଖିଯିବା ଫଳରେ ସମସ୍ୟା ଦେଖାଦେଉଛି । ପାନୀୟ ଜଳର ଏ ଉତ୍କଟ ସମସ୍ୟା ଭିତରେ ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଲୁଚି ଯାଉଛି । କିନ୍ତୁ ପାନୀୟ ଜଳ ସମସ୍ୟା ଠାରୁ ବିଶୁଦ୍ଧ ଜଳ ପାନୀୟ ଜଳ ସମସ୍ୟା ଅଧିକ ଗୁରୁତର, ଯାହାଫଳରେ ବିପଜ୍ଜନକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବା ଆଶଙ୍କା ରହିଛି ।

ତେବେ ଚଳିତ ବର୍ଷ ଦେଖା ଦେଇଥିବା ଏ ପାନୀୟ ଜଳାଭାବ ଏକ ବ୍ୟତିକ୍ରମ ନୁହେଁ । ପ୍ରାୟ ପ୍ରତିବର୍ଷ ରାଜ୍ୟରେ ନିଦାଘ ଗ୍ରୀଷ୍ମ ତା ସହ ପାନୀୟ ଜଳ ସମସ୍ୟାକୁ ସାଥୀରେ ନେଇ ଆସେ । ପ୍ରତିବର୍ଷ ଏହାର ନିରାକରଣ ପାଇଁ ପଦକ୍ଷେପ ଘୋଷଣା କରାଯାଏ, ଅଥଚ ପରବର୍ତ୍ତୀ ବର୍ଷ ପୁଣି ସମସ୍ୟାର ପୁନରାବୃତ୍ତି ହୁଏ । ବିଡ଼ମ୍ବନାର ବିଷୟ ହେଲା, ପାନୀୟ ଜଳ ଯୋଗାଣ ପାଇଁ ଅନେକ ଯୋଜନା ଚାଲିଥିବା ଦାବି କରାଯାଉଛି, କିନ୍ତୁ ଅବସ୍ଥାରେ ଉନ୍ନତି ହେବା ପରିବର୍ତ୍ତେ ସ୍ଥିତି ଅଧିକ ବିଗିଡ଼ି ଚାଲିଛି । ଏ ସନ୍ଦର୍ଭରେ ଜନଗଣନା ରିପୋର୍ଟର ତଥ୍ୟକୁ ଉଦ୍ଧାର କରାଯାଇପାରେ । ପାନୀୟ ଜଳ ସ୍ଥିତି ନେଇ ୨୦୦୧ ଏବଂ ୨୦୨୦ ଜନଗଣନା ରିପୋର୍ଟର ତୁଳନାତ୍ମକ ବିଶ୍ଳେଷଣ କଲେ ସ୍ଥିତିରେ ଅବନିତି ସ୍ପଷ୍ଟ ଜଣାପଡ଼େ । ଦଶବର୍ଷ ତଳେ ରାଜ୍ୟର ୩୦.୮ ପ୍ରତିଶତ ପରିବାରଙ୍କୁ ନିଜ ଘରଠାରୁ ୫୦୦ ମିଟରରୁ ଅଧିକ ଦୂରକୁ ଯାଇ ପାଣି ଆଣିବାକୁ ପଡୁଥିଲା । ୨୦୨୧ ବେଳକୁ ନିଜ ଘରୁ ୫୦୦ ମିଟରରୁ ଅଧିକ ଦୂର ଯାଇ ପାଣି ଆଣୁଥିବା ପରିବାରଙ୍କ ଭାଗ ୩୫.୪ ପ୍ରତିଶତକୁ ବୃଦ୍ଧି ପାଇଛି । ବର୍ତ୍ତମାନ ବି ରାଜ୍ୟର ମାତ୍ର ୨୨.୪ ପ୍ରତିଶତ ପରିବାର ପାଇଁ ନିଜ ଘର ପରିସରରେ ପାନୀୟ ଜଳର ବ୍ୟବସ୍ଥା ଥିବା ବେଳେ ଅବଶିଷ୍ଟ ୭୭ ପ୍ରତିଶତ ପରିବାରକୁ ପାଣି ପାଇଁ ଘରୁ ବାହାରକୁ ଯିବାକୁ ପଡ଼େ । ଖୋଦ ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ୪୬ ହଜାର ୭୩୨ଟି ଗ୍ରାମ ଅନ୍ତର୍ଗତ ମୋଟ ୧ଲକ୍ଷ ୪୧ ହଜାର ୯୨୮ଟି ଜନବସତି ମଧ୍ୟରୁ ୮୧,୮୧୨ଟି ଜନବସତି ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ଏହାର ଅର୍ଥ ହେଲା ବର୍ତ୍ତମାନ ବି ପ୍ରାୟ ୪୦ ପ୍ରତିଶତ ଜନବସତି ଜଳ କ୍ଲିଷ୍ଟ । ଏହାହିଁ ରାଜ୍ୟର ପାନୀୟ ଜଳ ସମସ୍ୟାର ଉତ୍କଟ ରୂପର ଦୁଃଖଦ ଚିତ୍ର ପ୍ରଦାନ କରୁଛି । ଯଦି ସାଧାରଣ ଭାବେ ପାନୀୟ ଜଳ ଯୋଗାଣର ସ୍ଥିତି ଏହା, ଗ୍ରୀଷ୍ମରେ ସମସ୍ୟା ଅଧିକ ଗୁରୁତର ହେବା ସ୍ୱାଭାବିକ । ଏହା କେବଳ ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ବିଫଳତାର ସୂଚନା ଦେଉନାହିଁ, ସାମଗ୍ରୀକ ଭାବେ ବିକାଶ ଓ ପ୍ରଗତି ନେଇ ଦାବି କେତେ ଫମ୍ପା ଓ ଅନ୍ତଃସାରଶୂନ୍ୟ ତାହାର ମଧ୍ୟ ଦୁର୍ଭାଗ୍ୟଜନକ ଇଙ୍ଗିତ ।

ଉଲ୍ଲେଖ ନିଷ୍ପ୍ରୟୋଜନ ଯେ, ଏହି ମୌଳିକ ଆବଶ୍ୟକତା ପୂରଣ ପାଇଁ ନିଷ୍ଠା ଓ ଆନ୍ତରିକତାର ସହ ତ୍ୱରାନ୍ୱିତ ପଦକ୍ଷେପ ନିଆଯିବା ଏକାନ୍ତ ଜରୁରୀ । ପାନୀୟ ଜଳ ବ୍ୟବସ୍ଥା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଭିଜନ୍ ୨୦୨୩ ପ୍ରସ୍ତୁତ କରାଯାଇଛି । ଏହି ଯୋଜନା ଅଧୀନରେ ରାଜ୍ୟର ସବୁ ଅଞ୍ଚଳକୁ ଫ୍ଲୋରୋସିସ୍ ମୁକ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରଖାଯାଇଛି । ପ୍ରତି ବ୍ଲକର ୧୬ଶହଟି ନଳକୂପ ଏବଂ ୫୮ଟି ପାଇପ୍ ଜଳ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଯୋଜନା ରହିଛି । ତେବେ ଏହାର କାର୍ଯ୍ୟକାରିତା କ୍ଷେତ୍ରରେ ଉଦାସୀନତା ଫଳରେ ଲକ୍ଷ୍ୟ ହାସଲ ନେଇ ସନ୍ଦେହ ଦେଖାଦେଇଛି । ଏହାଛଡ଼ା ତ୍ରୟୋଦଶ ଅର୍ଥ କମିଶନ ପାନୀୟ ଜଳ, ପରିମଳ ପାଇଁ ସ୍ୱତନ୍ତ୍ର ଭାବେ ୨,୭୫୬ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଥିଲେ ସୁଦ୍ଧା ଏହାର ବିନିଯୋଗ ଆଦୌ ଉତ୍ସାହଜନକ ନୁହେଁ । ସାଂପ୍ରତିକ ପାନୀୟ ଜଳ ସମସ୍ୟାର ମୁକାବିଲା ସରକାରୀ କଳ ପାଇଁ ଏକ ବଡ଼ ଆହ୍ୱାନ । ଏଥିପାଇଁ ଉଭୟ ସ୍ୱଳ୍ପମିଆଦୀ ଏବଂ ଦୀର୍ଘମିଆଦୀ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି । ପ୍ରଥମ, ସ୍ୱଳ୍ପମିଆଦୀ ପଦକ୍ଷେପ ସ୍ୱରୂପ ଯୁଦ୍ଧକାଳୀନ ଭିତ୍ତିରେ ଅନେକ ନଳକୂପର ମରାମତି କରାଯାଇ ସେଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଉ, ଦୂଷିତ ହୋଇ ଯାଇଥିବା ଜଳ ଉତ୍ସ ଗୁଡ଼ିକ ବିଶୋଧୀକରଣ ଏବଂ ଜଳକ୍ଲିଷ୍ଟ ଅଞ୍ଚଳରେ ନୂତନ ଗଭୀର ନଳକୂପ ଖନନ ପାଇଁ ଜରୁରୀ ପଦକ୍ଷେପ ଗ୍ରହଣ କରାଯାଉ । ଦୀର୍ଘମିଆଦୀ ପଦକ୍ଷେପ ସ୍ୱରୂପ ପାନୀୟ ଜଳ ଯୋଗାଣ ନେଇ ପ୍ରସ୍ତୁତ ଭିଜନ ୨୦୨୩ ଏବଂ ଅନ୍ୟ ଯୋଜନା ଗୁଡ଼ିକର ରୂପାୟନକୁ ତ୍ୱରାନ୍ୱିତ କରାଯାଉ । ଜଳ ସୃଷ୍ଟି ଆମ ହାତରେ ନାହିଁ, କିନ୍ତୁ ପ୍ରାକୃତିକ ସାଧନଗୁଡ଼ିକୁ ରକ୍ଷା କରିବା ଆମ କର୍ତ୍ତବ୍ୟ । ଜଳ ସଂରକ୍ଷଣ ପାଇଁ ଆବାଳବୃଦ୍ଧବନିତା ଶପଥ ନେଲେ ଏହି ସଙ୍କଟ କେତେକାଂଶରେ ଦୂର କରାଯାଇପାରେ । ସଂପ୍ରତି ସମଗ୍ର ବିଶ୍ୱରେ ଉତ୍କଟ ଜଳାଭାବ ଦେଖିବା ସହ ସେହିକ୍ରମରେ ଜଳ ପ୍ରଦୂଷଣ ଦେଖାଯାଉଛି ଇଆଡ଼େ ଅବିଚାରିତ ଭାବେ ଜଳ ନଷ୍ଟ ହେଉଥିଲେ ମଧ୍ୟ ଆମ ମାନଙ୍କ ଭିତରେ ସେତେଟା ସଚେତନ ବଢ଼ିନାହିଁ । ବ୍ୟାପକ ବୃକ୍ଷରୋପଣ ଓ ଜଳ ସୁରକ୍ଷା ପାଇଁ ଆମ ମାନଙ୍କ ଭିତରେ ସଚେତନତା ବଢ଼ିବା ଜରୁରୀ । ଆସନ୍ତୁ ପ୍ରାକୃତିକ ଜଳ ଉତ୍ସକୁ ସୁରକ୍ଷିତ ରଖିବା ସହ ଜଳ ସଂରକ୍ଷଣ ଓ ଆବଶ୍ୟକତାକୁ ଦେଖି ଜଳ ବ୍ୟବହାର ସହ ଜଳ ପ୍ରଦୂଷଣ ପାଇଁ କିପରି ଆମେମାନେ ବ୍ୟକ୍ତିଗତ ଉଦ୍ୟମରେ ବା ଗୋଷ୍ଠୀଗତ ଭାବରେ କିଛି କାର୍ଯ୍ୟକ୍ରମ ହାତକୁ ନେବା ଏହାଦ୍ୱାରା ଭଗବାନଙ୍କ ପ୍ରଦତ୍ତ ଅମୂଲ୍ୟ ଜଳ ମାନବ ଜୀବନ ପାଇଁ ଗୁରୁତ୍ୱ ପ୍ରତିପାଦିତ ହୋଇପାରନ୍ତା ।

ପାରାଦ୍ୱୀପ, ଓଡ଼ିଶା
ଦୂରଭାଷ : ୯୪୩୭୦୨୨୦୬୧

## ପ୍ରେମର ଅନୁଶୀଳନ

॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥

ଅତି ଦୁଃଖର କଥା ଯେ ଏହି ଦେଶ, ଯେଉଁଠି ମନୁଷ୍ୟର ଦିବ୍ୟତ୍ୱ ଏବଂ ସେହି ଦିବ୍ୟତ୍ୱର ପୁନଃ ପ୍ରାପ୍ତି ଉପାୟ ଆବିଷ୍କୃତ ହୋଇଥିଲା, ଯେଉଁ ଦେଶରେ ମୁନିଋଷିମାନଙ୍କର ଅବିରତ ପ୍ରବାହ ମନୁଷ୍ୟକୁ ଭଗବତ ଅଭିମୁଖୀ ଯାତ୍ରାରେ ତାହାର ଭୂମିକା ସ୍ମରଣ କରାଇ ଦେଇଆସିଛି, ସେହି ଦେଶରେ ଲୋକମାନେ ଶିକ୍ଷାର ଅଧଃପତନ ଏବଂ ଅଭ୍ୟାସର ମଳିନତା ପାଇଁ ସୁଯୋଗ ଦେଉଅଛନ୍ତି । ଏହି ମଧୁର ଜ୍ଞାନରେ ସିକ୍ତ ହୃଦୟ ବିଷ ପାତ୍ରରେ ପରିଣତ ହୋଇଅଛି । ଘୃଣା ସେମାନଙ୍କୁ କଠୋର କରି ଦେଉଛି, ଲୋଭ ସେମାନଙ୍କୁ ଧୂର୍ତ୍ତ କରି ଦେଇଛି; ଗର୍ବ ସେମାନଙ୍କୁ କଳୁଷିତ କରିଛି । ପୁନର୍ବାର ତା ଭିତରେ ଅନ୍ତର୍ନିହିତ ଆନନ୍ଦର ଝରଣା ସମ୍ପର୍କରେ ମନୁଷ୍ୟକୁ ସଚେତନ କରାଇବାକୁ ପଡ଼ିବ, ଯଦ୍ୱାରା ସେସୁଖୀ ହୋଇ ପାରିବ ଏବଂ ଉତ୍କଣ୍ଠାରେ ଉତ୍ତୋଜିତ ହେବନାହିଁ । ମାନବୀୟ ଆଦର୍ଶରେ ଏତେ ଅଧଃପତନ ଘଟିଛି ଯେ ମନୁଷ୍ୟ ଅବତାରମାନଙ୍କର ସୌନ୍ଦର୍ଯ୍ୟ, ଜ୍ଞାନ ଓ ଶକ୍ତିକୁ ଚିହ୍ନିବା ପାଇଁ ଅସମର୍ଥ ହୋଇପଡ଼ିଛି । ସେମାନେ ନିଜେ ଅଂଶ ବିଶେଷ ହୋଇ ଥିବା ଗୌରବ ଓ ଐଶ୍ୱର୍ଯ୍ୟର ସହଜାତ ଅନୁଭୂତି ପାଇଁ ଅଭିଳାଷ କରୁନାହାନ୍ତି । ଅନାଦି ଓ ଅନନ୍ତ ଶକ୍ତି ଭଗବାନଙ୍କ ଚିନ୍ତନରୁ ପ୍ରବାହିତ ଆନନ୍ଦର ଧାରାରେ ସେମାନେ ନିଜକୁ ହଜାଇ ଦେଉନାହାଁନ୍ତି' - ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଦିବ୍ୟସମ୍ଭାଷଣରେ ଉପରୋକ୍ତ ବାଣୀ ଗୁଡ଼ିକ ଆମ ପାଇଁ ପ୍ରଦାନ କରିବା ସହ ଏହା ମଧ୍ୟ କହିଛନ୍ତି ଆଜି ଆମେ କୃଷ୍ଣଙ୍କର ଜନ୍ମଦିନ ପାଳନ କରୁଛେ । ଏହାକୁ ସେହି ଆନନ୍ଦର ପ୍ରାପ୍ତି ନିମନ୍ତେ ତୁମ ଜୀବନକୁ ପୁନଃ ଉତ୍ସର୍ଗୀକୃତ କରିବାରେ ସଦୁପଯୋଗ କର । କୃଷ୍ଣ ଶବ୍ଦର ତିନୋଟି ପୃଥକ୍ ଅର୍ଥ ଅଛି । (୧) 'କର୍ଷ' ଧାତୁରୁ ଏହି ଶବ୍ଦର ବ୍ୟୁତ୍ପତ୍ତି ହୋଇଛି । ଏହାର ଅର୍ଥ ଯାହା ଆକର୍ଷଣ କରେ । କୃଷ୍ଣ ତାଙ୍କର ଲୀଳା ଖେଳା, ଆସୁରିକ ଶକ୍ତି ଉପରେ ଅଲୌକିକ ବିଜୟ, ମନମୁଗ୍ଧକାରୀ ବାର୍ତ୍ତାଳାପ ତାଙ୍କର ଜ୍ଞାନ, ତାଙ୍କର ମୋହନୀୟ ରୂପ ବଳରେ ସମସ୍ତ ହୃଦୟକୁ ଆକର୍ଷଣ କରନ୍ତି । (୨) ଏହି ଶବ୍ଦ 'କୃଷ୍' ସହିତ ମଧ୍ୟ ସମ୍ବନ୍ଧିତ । ଏହାର ଅର୍ଥ ଶସ୍ୟ ଉତ୍ପାଦନ ନିମନ୍ତେ ଭୂମିକୁ କର୍ଷଣ କରିବା । କୃଷ୍ଣ ଶବ୍ଦର ଅର୍ଥ ଯାହା ମନୁଷ୍ୟର ହୃଦୟରୁ ଅନାବନା ଗଛ ସଫାକରେ ଏବଂ ବିଶ୍ୱାସ, ସାହସ ଓ ଆନନ୍ଦର ବୀଜ ବପନ କରେ । (୩) ଏହା 'କୃଷ୍' ଧାତୁ ଅର୍ଥାତ୍ ତିନିଗୁଣ ଓ ତିନିକାଳର ଅତୀତ, ସହିତ ମଧ୍ୟ ସମ୍ବନ୍ଧିତ । 'ନ' ଅର୍ଥ ସତ୍-ଚିତ୍-ଆନନ୍ଦ । ଭାଗବତରେ ବର୍ଣ୍ଣିତ ହୋଇଛି ଯେ କୃଷ୍ଣ ତାଙ୍କର ଲୀଳା ଓ ମହିମା ବଳରେ ମାନବ ଜାତିର ପ୍ରେମକୁ ଆକର୍ଷଣ କରନ୍ତି, ତାଙ୍କର ଭକ୍ତମାନଙ୍କ ହୃଦୟରେ ଆନନ୍ଦର ଫସଲ ଉତ୍ପାଦନ କରନ୍ତି ଏବଂ ତାଙ୍କ ସତ୍-ଚିତ୍-ଆନନ୍ଦ ଭାବ ସମ୍ବନ୍ଧରେ ସେମାନଙ୍କୁ ଅବଗତ କରନ୍ତି ।'

ଆମେମାନେ ଭାଗ୍ୟବାନ । କାରଣ, ଆମେ ଭଗବାନଙ୍କ ଶକ୍ତିର ଅନେକ ଅଭିବ୍ୟକ୍ତି ଦେଖି ଅଛୁ । କିନ୍ତୁ ସେଗୁଡ଼ିକ ଅଭିବ୍ୟକ୍ତ ହେବାକୁ ଥିବାରୁ ଅଭିବ୍ୟକ୍ତ ହୋଇଅଛି; ଭଗବାନଙ୍କ ଏହା ପ୍ରତିଭାର ପ୍ରଦର୍ଶନ ନୁହେଁ ବା ପେଷାଦାରୀ ଯୋଗସୂତ୍ର ପ୍ରତିଷ୍ଠା ନିମନ୍ତେ ନୁହେଁ । ଇଚ୍ଛାଶକ୍ତିର ଆବଶ୍ୟକତା ପଡ଼ିଲେ ସେ ଗୁଡ଼ିକ ସ୍ୱାଭାବିକ ଭାବେ ଅଭିବ୍ୟକ୍ତ ହୁଏ, ଆପେ ଆପେ ଅନ୍ୟ ଶାରୀରିକ କାର୍ଯ୍ୟ ପରି । ବାବା ଆହୁରି ମଧ୍ୟ କହିଛନ୍ତି 'ମୁଁ ସତ୍ୟର ସତ୍ୟ, ମୁଁ ସତ୍ୟ ଆଡ଼କୁ ଦିଗ ଦର୍ଶନ କରାଏ । ମୁଁ ସତ୍ୟ ପରିପ୍ରକାଶ କରେ ମନୁଷ୍ୟ ଯେତେବେଳେ ସତ୍ୟର ଉପଲବ୍ଧି କରେ ସେ ମୋତେ ଉପଲବ୍ଧି କରେ । ରସୋ ବୈସଃ । ସେ ହିଁ ରସ । ସେହିପରି ତାଙ୍କର ସୃଷ୍ଟି, ଜଗତକୁ ଯେଉଁମାନେ ତାଙ୍କର ହସ୍ତକର୍ମ ରୂପେ ଗ୍ରହଣ କରନ୍ତି, ସେମାନଙ୍କ ପାଇଁ ବିଶ୍ୱ ରସ ବିନା ଆଉ କିଛି ହୋଇନପାରେ । ଭଗବାନଙ୍କର ଐଶ୍ୱର୍ଯ୍ୟ ଓ ଶକ୍ତି ସମ୍ବନ୍ଧରେ ଶିକ୍ଷା ଦେବା ପାଇଁ ଜଗତକୁ ପ୍ରୟୋଗ କରିବାକୁ ହେବ । ଏହାଦ୍ୱାରା ତୁମେ ତାଙ୍କର ଅନ୍ୱେଷଣ କରି ପାରିବ ଓ ତାଙ୍କ ପାଖରେ ପହଞ୍ଚିପାରିବ । ଏହି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଚାରୋଟି ସୋପାନ ଅଛି । ପ୍ରତ୍ୟେକକୁ ଲୋକ ବୋଲି କୁହାଯାଏ । ପ୍ରଥମଟି ଅବିଦ୍ୟା ଲୋକ । ଏହି ଅଜ୍ଞାନ ଓ ମୋହ ଲୋକରେ ଦୁଃଖ ଓ ସନ୍ତାପ ଦ୍ୱାରା ପ୍ରେରିତ ହୋଇ ତୁମେ ଯାତ୍ରା ଆରମ୍ଭ କରିଥାଅ । ଦ୍ୱିତୀୟଟି ବିଦ୍ୟାଲୋକ । ଏଠାରେ ତୁମେ ବିଜ୍ଞାନମୟ କୋଷ ଉପରେ ଅଭିନିବେଶ କର ଏବଂ ସତ୍ୟ ଓ ମିଥ୍ୟା, ଧାନ ଓ ଅଗାଡ଼ି ଭିତରେ ପ୍ରଭେଦ କରିବାକୁ ସମର୍ଥ ହୁଏ । ତୃତୀୟଟି ଆନନ୍ଦ ଲୋକ । ଏଠାରେ ତୁମେ ଶକ୍ତି ଓ ଶାନ୍ତିର ଚିରନ୍ତନ ଉତ୍ସଙ୍କର ଝଲକ ପାଇ ଆନନ୍ଦରେ ନିମଜ୍ଜିତ ହୁଏ । ଶେଷରେ ଗୋଲୋକ । ଏଠାରେ ଗୋପାଳ ଶାସନ କରନ୍ତି । ଏଠାରେ ସମସ୍ତେ ଗୋ (ଜୀବ, ଦିବ୍ୟତ୍ୱର ସ୍ଫୁଲିଙ୍ଗ, ପ୍ରେମ ସାଗରର ତରଙ୍ଗ) ଅତ୍ୟୁଲ୍ଲାସ ଓ ଅତି ଔଜ୍ଜଲ୍ୟ ସ୍ଥିତିରେ ଏକ ହୁଅନ୍ତି । ତୁମ ପାଖରେ ପ୍ରେମ ନଥିଲେ ତୁମେ ଭଗବତ୍ ପ୍ରେମୀ ମାନଙ୍କ ସହିତ ସମ୍ପର୍କ ସ୍ଥାପନ କରି ପାରିବନାହିଁ । କେବଳ ବାହ୍ୟାଚାରର ନିର୍ଭୁଲ ପାଳନ, ଆଡ଼ମ୍ବର ପୂର୍ଣ୍ଣ ଅର୍ଚ୍ଚନା ବା ଉଚ୍ଚସ୍ୱରରେ ଜୟଧ୍ୱନି କଲେ ଗୋଲୋକର ଫାଟକରେ ତୁମେ ପ୍ରବେଶ କରି ପାରିବନାହିଁ । ଏଗୁଡ଼ିକ ପ୍ରେମର ରତ୍ନ ସିନ୍ଧୁକ ଆଗରେ ଟିଣ ଡବା ସଦୃଶ । ପ୍ରେମ ଜନ୍ମରୁ ଅମରତ୍ୱ ଆଡ଼କୁ ଏବଂ ମୃତ୍ୟୁରୁ ଅଜାତତ୍ୱ ଆଡ଼କୁ ଯିବା ପାଇଁ ସେତୁ ସଦୃଶ । ତୁମେ ଜୀବ ଭାବରୁ ଦେବ ଭାବକୁ ଉନ୍ନୀତ ହେଲେ ଆଉ ଜନ୍ମ ବା ମୃତ୍ୟୁ ରହିବା ନାହିଁ । ତୁମେ ଯେତେବେଳେ ପ୍ରତ୍ୟେକ ଜୀବକୁ ଏତେ ପ୍ରଗାଢ଼ ଭାବରେ ଭଲ ପାଅ ଯେ ତୁମକୁ ସବୁ କେବଳ ଏକ ପରି ଲାଗେ ସେତେବେଳେ ହିଁ ମୋକ୍ଷ ପ୍ରାପ୍ତି ହୁଏ । ହୃଦୟକୁ ପ୍ରେମରେ ଆର୍ଦ୍ରକର, କର୍ମକୁ ଧର୍ମରେ ଆର୍ଦ୍ରକର, ବାସନାକୁ ଦୟାରେ ଆର୍ଦ୍ରକର, ତେବେ ତୁମେ ଅତି ଶୀଘ୍ର ଭଗବାନଙ୍କୁ ଲାଭ କରିପାରିବ ।'

ପ୍ରେମ ସ୍ୱରୂପ କୃଷ୍ଣଙ୍କ ଧ୍ୟାନ କରି ଆମେମାନେ ପ୍ରେମରେ ବିକଶିତ ହେବା ଉଚିତ । ଜୀବନ ବିକଳ କ୍ରନ୍ଦନରେ, ପୀଡ଼ିତର ଆବିସ୍ମିକ ଆଦେଶରେ, କ୍ଷୁଧାର୍ତ୍ତର ଆର୍ତ୍ତନାଦରେ ଆମର ହୃଦୟ ଦ୍ରବୀଭୂତ ଓ କୋମଳ ନ ହେବା ପର୍ଯ୍ୟନ୍ତ, ସେଥିରେ ଥିବା ପ୍ରେମର ନିର୍ଝରିଣୀ ଗର୍ବରତପ୍ତ କିରଣରେ ଅବରୁଦ୍ଧ ଥିବାଯାଏଁ କୃଷ୍ଣ ଆମ୍ଭ ମାନଙ୍କ କାମରେ ବଂଶୀ ବଜାଇବେ ନାହିଁ, ଆମେ ଗୀତା ଓ ଭାଗବତରେ ପଣ୍ଡିତ ହୋଇପାରୁ କିନ୍ତୁ ଆମେ କୃଷ୍ଣଙ୍କ ସେବାରେ କେତେ ଦଶନ୍ଧି ବିତାଇ ଦେଇଛେ ବୋଲି ଦାବି କରିପାରିବା ? କିନ୍ତୁ ପ୍ରେମର ଚାବି ବିନା ଆମେ ତାଙ୍କର ନିବାସ ସ୍ଥଳ ଗୋଲକ ଭିତରକୁ ପ୍ରବେଶାନୁମତି ପାଇ ପାରିବ ନାହିଁ । ଆମେ ବହୁ ବର୍ଷ ଧରି ପ୍ରଶାନ୍ତି ନିଳୟମ୍‌ରେ ଥାଇପାର ଏବଂ ସ୍ୱାମୀଙ୍କ ପାଖରେ ଓ ନିକଟରେ ଅଛ ବୋଲି ଦାବି କରିପାରୁ, କିନ୍ତୁ ସେବା ମାଧ୍ୟମରେ ଅଭିବ୍ୟକ୍ତ ପ୍ରେମର ଅନୁଶୀଳନ ବିନା ଆମେମାନେ ଭଗବାନଙ୍କୁ ଜାଣିପାରିବା ନାହିଁ ।

ଅଲିଶା ବଜାର, କଟକ, ଦୂରଭାଷ : ୯୩୩୭୨୪୨୯୫୫

## ସଂଗ୍ରାମୀ ଗୁଣନିଧି ମହାନ୍ତିଙ୍କ ତ୍ୟାଗର ପ୍ରତୀକ

॥ ତପସ୍ୱିନୀ ପଟ୍ଟନାୟକ ॥

କିଏ ତାଙ୍କୁ ସଂଗ୍ରାମୀ କହନ୍ତି ତ ଆଉ କିଏ କୁହନ୍ତି ସତ୍ୟାଗ୍ରହୀ, ଭୂଦାନକର୍ମୀ । କିଏ କୁହେ ଘରଜଗୁଆ ତ କିଏ କୁହେ ମୁଖିଆ । କେତେବେଳେ ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହରେ ତ କେବେ ପୁଣି ଆଚାର୍ଯ୍ୟ ବିନୋବାଙ୍କ ଭୂଦାନ ଆନ୍ଦୋଳନରେ ଆଉ ମା'ରମାଦେବୀଙ୍କ ନିଶା ନିବାରଣ ଅଭିଯାନରେ ସିଏ ଥିଲେ ସକ୍ରିୟ । ଦେଶମାତୃକା ପାଇଁ ସାରା ଜୀବନକୁ ଉତ୍ସର୍ଗ କରି ଦେଇଥିବା ଏହି ମହାନ ବ୍ୟକ୍ତି ଗୁଣନିଧି ମହାନ୍ତିଙ୍କ ତ୍ୟାଗର ଗାଥା ବହନ କରୁଛି ଥୋରିଆ ସାହିସ୍ଥିତ ଗୁଣନିଧି ଭବନ ।

୪୨ ମୌଜା ଦେଉଳି ଗ୍ରାମର ଏକ ମଧ୍ୟବିତ୍ତ ପରିବାରରେ ଗୁଣନିଧି ମହାନ୍ତିଙ୍କ ଜନ୍ମ । ଜନ୍ମ ତାରିଖ ବିଷୟରେ କିଛି ପ୍ରମାଣ ନଥିଲେ ମଧ୍ୟ ଗୁଣନିଧି ୧୮୮୫ ମସିହାରେ ଜନ୍ମ ହୋଇଥିବା ଜଣାଯାଏ । ୧୯୨୧ ମସିହାରେ ଗାନ୍ଧିଜୀଙ୍କ ଡାକରାରେ ସରକାରୀ ଚାକିରୀ ଛାଡ଼ି ଅସହଯୋଗ ଆନ୍ଦୋଳନରେ ସାମିଲ ହୋଇଥିଲେ । ଲବଣ ସତ୍ୟାଗ୍ରହ ପାଇଁ ସ୍ୱାକ୍ଷର କରିଥିବା ୨୦ଜଣ ଓଡ଼ିଆଙ୍କ ମଧ୍ୟରୁ ସେ ଥିଲେ ଅନ୍ୟତମ । ୧୯୩୪ ମସିହାରେ ବାଲେଶ୍ୱର ଇଞ୍ଚୁଡିରୁ ଆରମ୍ଭ ହୋଇଥିବା ଲବଣ ସତ୍ୟାଗ୍ରହରେ ଗାନ୍ଧିଜୀଙ୍କ କଥା ବୁଝିବାର ଦାୟିତ୍ୱ ତାଙ୍କ କାନ୍ଧରେ ଥିଲା । ସ୍ୱାଧୀନତା ସଂଗ୍ରାମ ସମୟରେ ଅନ୍ନପୂର୍ଣ୍ଣା ମହାରଣା, ମଙ୍ଗଳା ମାଉସୀଙ୍କ ସହିତ ମିଶି ଗୁଣନିଧି ବାବୁ ବିଭିନ୍ନ ବ୍ୟକ୍ତିଙ୍କ ଠାରୁ ଚାନ୍ଦା ଆଦାୟକ କରି ସଂଗ୍ରାମୀଙ୍କ ଖାଦ୍ୟପେୟ କଥା ବୁଝୁଥିଲେ । ସ୍ୱାଧୀନତା ପରେ ୧୯୫୦ରେ ଆଚାର୍ଯ୍ୟ ବିନୋବା ଆରମ୍ଭ କରିଥିବା ଭୂଦାନ ଆନ୍ଦୋଳନରେ ସେ ସକ୍ରିୟ ହୋଇଥିଲେ । ୧୯୫୫ ମସିହାରେ ବାଲେଶ୍ୱରରୁ କୋରାପୁଟ ପର୍ଯ୍ୟନ୍ତ ଭୂଦାନ ପଦଯାତ୍ରାରେ ସଂଗ୍ରାମୀ ମହାନ୍ତିଙ୍କ ଉଲ୍ଲେଖନୀୟ ଭୂମିକା ଥିଲା । ଏହା ପୂର୍ବରୁ ବକ୍ସିବଜାର ଥୋରିଆସାହିସ୍ଥିତ ତାଙ୍କ ପୈତୃକ ସମ୍ପତ୍ତିକୁ ସର୍ବୋଦୟ କର୍ମୀଙ୍କ ପାଇଁ ଅର୍ପଣ କରିଥିଲେ । ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ ଏହି ଜମିକୁ ଶ୍ରୀ ମହାନ୍ତି ଭୁବନାନନ୍ଦ ଦାସ, ସ୍ୱାମୀ ବିଚିତ୍ରାନନ୍ଦ ଦାସ, ଗୋପବନ୍ଧୁ ଦାସଙ୍କ ନାମରେ ଦାନ କରିଦେଇଥିଲେ । ଗୁଣନିଧି ଭବନ ନାମରେ ପରିଚିତ ଏହି ଘର ଅନେକ ଦଶନ୍ଧି ଧରି ଜନସେବାର ପ୍ରାଣକେନ୍ଦ୍ର ଥିଲା । ଏଇଠି ଗୋପବନ୍ଧୁ ଚୌଧୁରୀଙ୍କ ପରିବାର ବହୁ ଦିନ ଧରି ରହିଥିଲେ । ଗୁଣନିଧିଙ୍କ କର୍ମମୟ ଜୀବନ ଏଇଠି ଅତିବାହିତ ହୋଇଥିଲା । ଗୁଣନିଧି କମ୍ ବୟସରୁ ବିପତ୍ନୀକ ହୋଇ ଯାଇଥିଲେ । ସେ ଦେଉଳିସ୍ଥିତ ପୈତୃକ ସମ୍ପତ୍ତିକୁ ଦୁଇ ପୁତୁରାଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ । ଶେଷରେ ଡିସେମ୍ବର ୧୭ ତାରିଖ ୧୯୬୧ ମସିହାରେ ଗୁଣନିଧିଙ୍କ ଜୀବନ ଦୀପ ନିର୍ବାପିତ ହୋଇଥିଲା । ଏବେ ତାଙ୍କ ପ୍ରଦତ୍ତ ଗୁଣନିଧି ଭବନ ଦିନ, ଦୁଃଖୀଙ୍କ ସହାୟତାର କେନ୍ଦ୍ର ପାଲଟିଛି । ଖାଲି ସେତିକି ନୁହେଁ ଏଠାରେ ଉତ୍କଳ ସେର୍ବାଦୟ ମଣ୍ଡଳ, ଉତ୍କଳ ଖଦୀ ମଣ୍ଡଳ, ସର୍ବୋଦୟ ରିଲିଫ୍ କମିଟି, ରମାଦେବୀ ଟ୍ରଷ୍ଟ, ରାଷ୍ଟ୍ରୀୟ ଯୁବା ସଂଗଠନ ଭଳି ଅନେକ ଅନୁଷ୍ଠାନ କାର୍ଯ୍ୟ କରୁଛି । ଗୁଣନିଧି ମହାନ୍ତିଙ୍କ ସଂପର୍କରେ ସୁମିତ୍ରା ଚୌଧୁରୀ ସ୍ୱର୍ଗତଃ ମନମୋହନ ଚୌଧୁରୀଙ୍କ ପତ୍ନୀ କହନ୍ତି ଯେ ବରୀ ଛାଡ଼ିବା ପରେ ସେ ପରିବାର ସହ ଥୋରିଆସାହି ଗୁଣନିଧି ଭବନରେ ରହୁଥିଲେ । ସେଠାରେ ଗୁଣନିଧି ବାବୁ ମଧ୍ୟ ରହୁଥିଲେ । ଗୁଣନିଧି ବାବୁ ଥିଲେ ଅତ୍ୟନ୍ତ ମଜାଳିଆ ଲୋକ । ରମାଦେବୀ, ଆଚାର୍ଯ୍ୟ ମହାଶୟ, ଗୋପବନ୍ଧୁ ଚୌଧୁରୀ, ଭୁବନାନନ୍ଦ, ବିଚିତ୍ରାନନ୍ଦ ପ୍ରମୁଖ ଖୁବ୍ ଘନିଷ୍ଠ ଥିଲେ । ଗୁଣନିଧି ଖୁବ୍ ଖାଦ୍ୟ ପ୍ରିୟ ଥିଲେ । ବରା ତାଙ୍କର ପ୍ରିୟ ଖାଦ୍ୟ ଥିଲା । ଅନ୍ୟମାନଙ୍କୁ ଖାଇବାକୁ ଦେବାକୁ ଭଲ ପାଉଥିଲେ । ସର୍ବୋପରି ସେ ଜଣେ ମୂଲ୍ୟବୋଧସଂପନ୍ନ ମଣିଷ ଥିଲେ ବୋଲି କହନ୍ତି ସୁମିତ୍ରା ଚୌଧୁରୀ । ଗୁଣନିଧି ମହାନ୍ତି ତାଙ୍କ ନାମର ସାର୍ଥକତା ପ୍ରତିପାଦନ କରିଛନ୍ତି । ତାଙ୍କର ତ୍ୟାଗ ଓ ବହୁମୁଖୀ ପ୍ରତିଭା ପାଇଁ ଏବେ ବି ଝୁରୁଛି ଥୋରିଆ ସାହିଘର, କଟକ ମାଟି, ସର୍ବୋଦୟ ମଣ୍ଡଳ ।

ଶିକ୍ଷାବିତ୍, ମହାନଦୀ ବିହାର, କଟକ

## କେବେ ସୁଧୁରିବ ରାଇହରି-ଜାମୁଡ଼ାଳି ଗ୍ରାମ୍ୟ ରାସ୍ତାର ଅବସ୍ଥା ?



ରାଇରଙ୍ଗପୁର, (ମହାଭାରତ) : ମୟୁରଭଞ୍ଜ ଜିଲ୍ଲାର ବିଜାତଳା ବ୍ଲକ ଅଧିନ ରାଇହରି ପଞ୍ଚାୟତର ରାଇହରି ଠାରୁ ଜାମୁଡ଼ାଳି ଗ୍ରାମ୍ୟ ରାସ୍ତାର ଅବସ୍ଥା ସୁଧୁରିବ କେବେ ? ଏହି ରାସ୍ତାର ଶୋଚନୀୟ ଅବସ୍ଥା ସମ୍ପର୍କରେ ବାରମ୍ବାର ଗଣମାଧ୍ୟମରେ ପ୍ରକାଶିତ ହୋଇଆସୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପ୍ରଶାସନର ଦୃଷ୍ଟି ପଡ଼ିନାହିଁ। ସୂଚନାଯୋଗ୍ୟ ଯେ ରାଇହରି - ଜାମୁଡ଼ାଳି ଗ୍ରାମ୍ୟ ରାସ୍ତା ଦୀର୍ଘ୍ୟ ଦିନ ହେଲା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ଏ ସମ୍ପର୍କରେ ପଞ୍ଚାୟତ ଏବଂ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଯୋଗୁଁ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ରାଇହରି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ଆସିବା ପାଇଁ ପନ୍ଦର ବର୍ଷ ତଳେ ରାଇହରି ଓ ଜାମୁଡାଳିର କିଛି ଲୋକେ ନିଜସ୍ୱ ମାଲିକାନାରେ ଥିବା ଜମି ଦାନ କରି ଏହି ଦୁଇ କିଲୋମିଟର ବିଶିଷ୍ଟ ରାସ୍ତା ନିର୍ମାଣ କରିଥିଲେ । କିନ୍ତୁ ପରିତାପର ବିଷୟ ସେହି ଦିନଠାରୁ ଏପର୍ଯ୍ୟନ୍ତ ସରକାରୀ ଭାବେ ରାସ୍ତାର ଉନ୍ନତିକରଣ ପାଇଁ କୌଣସି ଅର୍ଥରାଶି ବ୍ୟୟବରାଦ ହୋଇନାହିଁ । କେବଳ ନାଳ ଉପରେ ପୋଲ ଏବଂ ପୋଲର ଉଭୟ ପାର୍ଶ୍ୱରେ ପଚାଶ ମିଟର ବିଶିଷ୍ଟ ନିମ୍ନମାନର କଂକ୍ରିଟ ରାସ୍ତା ବ୍ୟତୀତ ଆଉ କୌଣସି କାମ ହୋଇନାହିଁ । ଫଳରେ ରାସନ ସାମଗ୍ରୀ ଆଣିବା ପାଇଁ ଏବଂ ଅନ୍ୟ କାର୍ଯ୍ୟରେ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାଆସିବା ପାଇଁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଖୁବଶୀଘ୍ର ଏହି ରାସ୍ତାକୁ ପକ୍କା ସଡ଼କରେ ପରିଣତ ନକଲେ ପଞ୍ଚାୟତ ଏବଂ ବ୍ଲକ କାର୍ଯ୍ୟାଳୟକୁ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ରାଇହରି ଓ ଜାମୁଡାଳି ଗ୍ରାମବାସୀ ଚେତାବନୀ ଦେଇ କହିଛନ୍ତି ।

## ୨୦୦୮ ରୁ ୧୮ ମଧ୍ୟରେ ନିଯୁକ୍ତ ପ୍ରାପ୍ତ କର୍ମଚାରୀଙ୍କୁ ଅନୁଦାନ ଦାବିରେ ମହାବିଦ୍ୟାଳୟରେ ଅନଶନ




ଗଣିଆ, (ମହାଭାରତ): ବିଭିନ୍ନ ବେସରକାରୀ ଅନୁଦାନ ଓ ଅଣ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଗୁଡିକରେ ୨୦୦୮ ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀ ନିଯୁକ୍ତିଙ୍କୁ ସରକାରୀ ଅନୁଦାନ ଭୁକ୍ତ କରିବା ନିମନ୍ତେ ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ବାରମ୍ବାର ଦାବି ଉପସ୍ଥାପନା କରିଆସୁଛନ୍ତି । ମାତ୍ର ସରକାର ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ ନ କରିବା କାରଣରୁ ଗତ କାଲି ସୋମବାର ଠାରୁ ଶ୍ରୀ ଶ୍ରୀ ରଘୁନାଥ ଜୀଉ ସ୍ନାତକ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ ଓ ଅଧ୍ୟାପିକା ମାନେ କାଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇ ଧାରଣାରେ ବସିରହିଛନ୍ତି । ସେମାନଙ୍କ ଦାବି ହେଉଛି ସରକାର ତୁରନ୍ତ ସେମାନଙ୍କୁ ଅନୁଦାନ ପରିସରର୍ଭୁକ୍ତ କରିବାର ନୀତିଗତ ନିଷ୍ପତି ନିଅନ୍ତୁ ନଚେତ କୌଣସି ଅପ୍ରିତିକାର ପରିସ୍ଥିତି ପାଇଁ ସରକାର ଦାୟୀ ରହିବେ ବୋଲି ଅଧ୍ୟପାକ ରାକେଶ ବରାଡ଼ ଓ ଭଗବାନ ପୃଷ୍ଟି କହିଛନ୍ତି ।

## ରାଇଘର ପାଇଁ ଗୌରବ ଆଣିଲେ ଛାତ୍ରୀ ସୁଶ୍ରୀ ହରପ୍ରିୟା ଗଣ୍ଡ



ରାଇଘର, (ମହାଭାରତ): ଆଜି ଆମେ ରାଇଘର ଅଞ୍ଚଳର ମୂଳନୀବାସୀ ନିଶ୍ଚିତ ଭାବରେ ଗର୍ବିତ। କାରଣ ଦିନକୁ ଦିନ ଦେଖାଯାଉଛି ପଲ୍ଲୀରୁ ଦିଲ୍ଲୀ ତଥା ପଙ୍କରୁ ପଦ୍ମ ପରି ଓଡିଶାପ୍ରଦେଶର ଉପାନ୍ତଏହି ରାଇଘର ମାଟିରୁ ନିଜର କଠିନ ପରିଶ୍ରମ ଏବଂ ପ୍ରଚେଷ୍ଟା ଫଳରେ ଛାତ୍ରଛାତ୍ରୀମାନେ ସଫଳତା ସାଉଁଟି ବହୁତ ଦୁରକୁ ଆଗେଇଲେଣି। ସହିପରି ଆମ ରାଇଘର ବ୍ଲକ ଗୋଣ୍ଡୱାନା ବିକାଶ ମଣ୍ଡଳ ସମ୍ପାଦକ ଓ ମହାନୁଭବି। ସମାଜର ଶୁଭଚିନ୍ତକ ତଥା ସମାଜ ସେବକ, ଶିକ୍ଷକ ଶ୍ରୀଯୁକ୍ତ ଫଗୁନୁରାମ ଗଣ୍ଡ ଓ ଶିକ୍ଷୟତ୍ରି ଅନିତା ଗଣ୍ଡଙ୍କ ଝିଅ ସୁଶ୍ରୀ- ହରପ୍ରିୟା ଗଣ୍ଡ ଏମ୍ ବି ବି ଏସ , ଏମ୍ କେ ସି ଜି ମେଡିକାଲ କଲେଜ ଏବଂ ହସ୍ପିଟାଲ ବ୍ରହ୍ମପୁରରେ ପଢିବା ପାଇଁ ଚୟନ ହୋଇଛନ୍ତି। ସେ ଏ ଅଞ୍ଚଳରେ ନିଜକୁ ପ୍ରତିଷ୍ଠିତ କରିବା ସହିତ ସର୍ବ ସମ୍ମୁଖରେ ଆମ ଏ ଅଞ୍ଚଳ ପାଇଁ ଗୌରବ ଅର୍ଜନ କରିଛନ୍ତି। ଏହା ଆମ ମୂଳନୀବାସୀ ତଥା ଅଞ୍ଚଳ ପାଇଁ ଅତ୍ୟନ୍ତ ଖୁସିର ବିଷୟ ତେଣୁ କୃତିତ୍ୱ ହାସଲ କରିଥିବା ସୁଶ୍ରୀ ହରପ୍ରିୟା ଗଣ୍ଡ ଓ ତାଙ୍କ ପିତାମାତାଙ୍କୁ ମଧ୍ୟ ଆମ ରାଇଘର ବ୍ଲକ ଗାଣ୍ଡାସମାଜ ତରଫରୁ ନ୍ୟୁଜ୍ ମାଧ୍ୟମରେ ଗାଡ଼ା ଗାଡ଼ା ସେୱା ଜୋହାର, ଜୟ ଭୀମ ଜଣାଇଛନ୍ତି।

## ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଗାଇଗୋରୁଙ୍କ ଅବାଧ ବିଚରଣ



ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ଏକ ସ୍ୱର୍ଶକାତର ଓ କଡା ସୁରକ୍ଷିତ ଅଞ୍ଚଳ ହୋଇଥିବା ବେଳେ ଏଠାରେ ଦୈନିକ ଜାହାଜରେ ପଣ୍ୟ ବୋଝେଇ ଓ ଖଲାସ କାର୍ଯ୍ୟ ସମେତ ବିଭିନ୍ନ ଭାରି ଯାନରେ ପଣ୍ୟ ଆନ୍ତଃ ପରିବହନ, ଦୈନିକ ପଣ୍ୟବାହୀ ଟ୍ରେନ ଚଳାଚଳ ସହ ବହୁ ଭାରୀ ଯାନ୍ତ୍ରିକ ଯାନ କାର୍ଯ୍ୟ କରିଥାଏ। ଏତଦବ୍ୟତୀତ ବନ୍ଦର ନିଷିଦ୍ଧାଞ୍ଚଳର ସୁରକ୍ଷା ପାଇଁ ଏହାର ଚତୁଃପାର୍ଶ୍ୱରେ ବିରାଟ ସୁଦୃଢ ପାଚେରୀ ଓ ସମସ୍ତ ତନଖି ପାଇଁ ୫ ଟି ଫାଟକ ରହିଥିବା ବେଳେ ଏଥିରେ କେନ୍ଦ୍ରୀୟ ସୁରକ୍ଷା ବଳ (ସିଆଇଏସଏଫ) ର ଯବାନ ମାନେ ମୃତୟନ ହୋଇଛନ୍ତି। ଏଥିସହ ନିଷିଦ୍ଧାଞ୍ଚଳ ମଧ୍ୟରେ ସିଆଇଏସଏଫର ପାଟ୍ରୋଲିଙ୍ଗ ଟିମ ନିୟମିତ ଭାବେ ବୁଲି ସୁରକ୍ଷା ପ୍ରକ୍ରିୟାକୁ ଯାଞ୍ଚ କରିଥାନ୍ତି । ତେବେ ଏତେ କଡ୍ଡା ସୁରକ୍ଷା ସତ୍ୱେ ଏହା ଭିତରକୁ ବୁଲା ଗାଇ ଗୋରୁ କିପରି ପଶୁଛନ୍ତି ଏବଂ ଏଠାରେ ଦୀର୍ଘ ଦିନ ବିଚରଣ କରୁଛନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ସହ ସୁରକ୍ଷା କର୍ମୀଙ୍କ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ ନିଷିଦ୍ଧାଞ୍ଚଳରେ ଏହି ଗାଇଗୋରୁ ମାନଙ୍କ ଅବାଧ ପ୍ରବେଶ ଓ ବିଚରଣ ପାଇଁ ଅନେକ ସମୟରେ ଟ୍ରେନ ଲାଇନରେ ଧକ୍କା ହୋଇ ବହୁ ଗାଇଗୋରୁ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ଆହତ ଅବସ୍ଥାରେ ନିଃସହାୟ ଭାବେ ପଡିରହିଥିବା ଦୃଶ୍ୟ ଅତି ହୃଦୟ ବିଦାରକ ହୋଇପଡିଛି । ତେବେ କିଛି ସହୃଦୟ ବନ୍ଦର କର୍ମଚାରୀ ଏହି ଆହତ ଗୋରୁ ମାନଙ୍କୁ ଆଶୁ ଚିକିତ୍ସା କରାଇବା ସହ ଏହି ଅସହାୟ ଗାଇ ମାନଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ସେମାନେ କ୍ଷୋଭର ସହ କହିଛନ୍ତି । ସେହିପରି ବନ୍ଦର ସହରାଞ୍ଚଳର ବିଭିନ୍ନ କଲୋନୀ ଓ ମୁଖ୍ୟ ରାସ୍ତା ମାନଙ୍କରେ ବୁଲା ଗାଇ ଷଣ୍ଡଙ୍କ ଅବାଧ ବିଚରଣ ଓ ଦୌରାତ୍ମ୍ୟ ବୃଦ୍ଧି ପାଇ ସାଧାରଣରେ ଧନ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି । ତେବେ ଏଥିପ୍ରତି ଦୈତ୍ୟ ପାରାଦୀପ ଓ ପୌର ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବୀ ହେଉଛି ।

## ପାରାଦୀପ ଦେବ ଚା ଦୋକାନକୁ ଭୁଲି ପାରିନାହାନ୍ତି ଲୋକପ୍ରିୟ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ସ୍ୱାଇଁ



ପାରାଦୀପ, (ମହାଭାରତ) : ପାରାଦୀପ ବିଜେପି ବିଧାୟକ ତଥା ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ନିର୍ବାଚିତ ଏବଂ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀପଦ ପାଇବା ପରେ ତାଙ୍କ ପାରାଦୀପ ନିର୍ବାଚନ ମଣ୍ଡଳୀ କୁ ନିୟମିତ ଗସ୍ତ କରି ଲୋକ ମାନଙ୍କ ସମସ୍ୟା ବୁଝିବାର ନିରବଛିନ୍ନ ପ୍ରୟାସ ଜାରି ରଖିଛନ୍ତି । ତେବେ ତାଙ୍କର ଏହି ପ୍ରଚେଷ୍ଟା ପାଇଁ ସେ ସାଧାରଣରେ ସର୍ବାଦୃତ ହେବା ସହ ତାଙ୍କର ଲୋକପ୍ରିୟତା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । କିନ୍ତୁ ଏତେ ବ୍ୟସ୍ତତା ମଧ୍ୟରେ ମଧ୍ୟ ମନ୍ତ୍ରୀ ପାରାଦୀପ ବଡ଼ପଡ଼ିଆ ଥାନା ଛକ ଠାରେ ଥିବା ଧନେଶ୍ୱର ସାହୁ (ଦେବ ଭାଇ)ଙ୍କ ଚା' ଦୋକାନକୁ ଭୁଲି ପାରିନାହାନ୍ତି । ସୂଚନାଥାଉକି ଗତ ସାଧାରଣ ନିର୍ବାଚନ ପ୍ରଚାର ସମୟରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିଜ ଦଳୀୟ ସମର୍ଥକଙ୍କ ସହ ଏଠାରେ ଚା ପିଇ ସାଧାରଣ ଲୋକଙ୍କ ସହ ମିଶିଥାନ୍ତି । ନିର୍ବାଚନ ପରେ ପାରାଦୀପ କୁ ବିଭିନ୍ନ କାର୍ଯ୍ୟକ୍ରମ ଗସ୍ତ କରିବା ସମୟରେ ମନ୍ତ୍ରୀ ଦେବ ଚା ଦୋକାନରେ ନିଜ ସମର୍ଥକ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହ ଏକାଠି ଚା' ପିଇବାର ଦୃଶ୍ୟ ସାଧାରଣରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି । ଚା' ପିଇବା ସମୟରେ ପାରାଦ୍ୱୀପ ଅଞ୍ଚଳର ବିକାଶ ପ୍ରସଙ୍ଗ ଉପରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଉପସ୍ଥିତ ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରିଥାନ୍ତି । ତେବେ ଏହି ଘଟଣାକୁ ନେଇ ଦେବ ଚା ଦୋକାନ ଏବେ ବେଶ ଚର୍ଚ୍ଚାରେ ।

## ଜନବସତିରେ ବେଆଇନ କୁକୁଡ଼ା ଫାର୍ମ : ଦୂଷିତ ଗ୍ୟାସ୍ ଓ ପାଣି ପାଇଁ ସ୍ଥାନୀୟ ଲୋକଙ୍କ ଯାଉଛି ଆକଳନରେ ଜୀବନ



ଭାପୁର , ( ମହାଭାରତ ) : ଜନବସତି ନିକଟରେ ବେଆଇନ ଭାବେ କୁକୁଡ଼ା ଫାର୍ମ ନିର୍ମାଣ କରାଯାଇଥିବାରୁ ଏହାକୁ ବିରୋଧ କରିଛନ୍ତି ସ୍ଥାନୀୟ ବାସିନ୍ଦା। କୁକୁଡ଼ା ଫାର୍ମ ରୁ ବାହାରୁ ଥିବା ଗ୍ୟାସ ପରିବେଶକୁ ଦୂଷିତ କରିବା ସହ ବିଷାକ୍ତ ଦୁର୍ଗନ୍ଧ ପାଇଁ ଯାତାୟାତରେ ସମସ୍ୟା ଭୋଗୁଛନ୍ତି ସ୍ଥାନୀୟ ଜନ ସାଧାରଣ। ସେପଟେ କୁକୁଡ଼ାଙ୍କ ମଳମୂତ୍ର ବାହାରେ ପକାଯାଉଥିବାରୁ ଏହା ପିଇବା ଓ ଗାଧୁଆ ପାଣିରେ ମିଶୁଛି। ଦୂଷିତ ପାଣି ପିଇ ସ୍ଥାନୀୟ ଅଞ୍ଚଳର ଲୋକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଆକଳନ ଜୀବନ ହରାଉଛନ୍ତି। ଦୁଇ ବର୍ଷ ମଧ୍ୟରେ ସ୍ଥାନୀୟ ଅଞ୍ଚଳର ଆଠ ଜଣଙ୍କର କିଡନୀ ନଷ୍ଟ ହୋଇ ମୃତ୍ୟୁ ହୋଇଥିବା ବେଳେ ୫୦ରୁ ଉର୍ଦ୍ଧ ଲୋକଙ୍କ କିଡନୀ ରୋଗରେ ଆକ୍ରାନ୍ତ ଥିବା ଅଭିଯୋଗ ହୋଇଛି। ଜନ ବସତି ନିକଟରୁ ସ୍ଥାନାନ୍ତର ପାଇଁ ସ୍ଥାନୀୟ ଲୋକଙ୍କ ବିରୋଧ ଏବଂ ପ୍ରତିବାଦ। ଲୋକଙ୍କ ଅଭିଯୋଗ କୁକୁଡ଼ା ଫାର୍ମ ଯୋଗୁ ଅକାଳରେ ଜୀବନ ହରାଉଛନ୍ତି ସ୍ଥାନୀୟ ବାସିନ୍ଦା। ନୟାଗଡ଼ ଭାପୁର ବ୍ଲକ ମାରଡା କେନ୍ଦୁପଲ୍ଲୀ ଗାଁ ନିକଟରେ ଗଢି ଉଠିଥିବା କୁକୁଡ଼ା ଫାର୍ମଙ୍କୁ ନେଇ ବିବାଦ ଦେଖା ଦେଇଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ କୁକୁଡ଼ା ଫାର୍ମରୁ ବାହାରୁଥିବା ବିଷାକ୍ତ ଦୁର୍ଗନ୍ଧ ଗ୍ୟାସ ଏବଂ ମଳ ମୂତ୍ର ଯୋଗୁ ପରିବେଶ ପ୍ରଦୂଷିତ ହେଉଛି। ଏହା ଦ୍ୱାରା ମାରଡା କେନ୍ଦୁପଲ୍ଲୀ ଏବଂ ମାଧପୁର ର ଗାଁ ଲୋକ ମାନେ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହୋଇ ଅକାଳରେ ଜୀବନ ହରାଉଛନ୍ତି। ଅଭିଯୋଗ କଲେ କୁକୁଡ଼ା ଫାର୍ମ ମାଲିକ ହତ୍ୟା ଧମକ ଦେଉଛନ୍ତି। ସରକାରଙ୍କ ନିୟମ ରହିଛି ଜନବସତି ଠାରୁ ୫୦୦ ମିଟର ଦୂରରେ କୁକୁଡ଼ା ଫାର୍ମ ନିର୍ମାଣ ପାଇଁ। କିନ୍ତୁ ନିୟମ କାନୁନ୍ କୁ ଫୁ କରି ଭୁବନେଶ୍ୱରର ହାଚେରି ପ୍ରାଇଭେଟ୍ ଲିମିଟେଡ ନାମକ ସଂସ୍ଥା ତିନି ବର୍ଷ ହେଲା କେନ୍ଦୁପଲ୍ଲୀ ଗାଁର ଜନବସତି ନିକଟରେ କୁକୁଡ଼ା ଫାର୍ମ ନିର୍ମାଣ କରିଛି। କୁକୁଡ଼ା ଫାର୍ମରୁ ବାହାରୁ ଥିବା ମଇଳା ଆବର୍ଜନା ପାଣିଙ୍କୁ ବାହାରେ ଛାଡିବା ଯୋଗୁ କୁଅ ଏବଂ ପୋଖରୀ ପାଣିରେ ମିଶୁଛି। ଏହି ପାଣିଙ୍କୁ ବ୍ୟବହାର କରି ସ୍ଥାନୀୟ ବାସିନ୍ଦା ଚର୍ମ ରୋଗ ଠାରୁ ଆରମ୍ଭ କରି କିଡିନୀ ନଷ୍ଟ ଭଳି ଅନେକ ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ଜୀବନ ହରାଉଛନ୍ତି। ଅକାଳ ରେ ଚାଲି ଯାଉଛି ପିଲାଙ୍କ ଠାରୁ ଆରମ୍ଭ କରି ଭେଣ୍ଡିଆ ଏବଂ ବୃଦ୍ଧ ବୃଦ୍ଧା ଙ୍କ ଜୀବନ। ଅଧିକାଂଶ ଯୁବକ, ମହିଳା ଏବଂ ପିଲା ମାନେ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଅଭିଯୋଗ ହୋଇଛି। ଚର୍ମ ଓ କିଡନୀ ରୋଗ ରେ ଅସୁସ୍ଥ ମାନେ ହେଲେ ବରଜ ବେହେରା, କାହ୍ନୁ ବେହେରା, ସନା ବେହେରା, କୁସୁନିଆ ବେହେରା, କାଶିଆ ବେହେରା ଏବଂ ଇନ୍ଦ୍ରମଣି ବେହେରା ପରି ବହୁତ ଏହି ଗ୍ରାମରେ ରୋଗାକ୍ରାନ୍ତ ହୋଇ ଅଛନ୍ତି। ତିନି ବର୍ଷ ତଳେ ସ୍ଥାନୀୟ ଅଞ୍ଚଳର ପ୍ରସନ୍ନ କୁମାର ସାହୁ ନାମକ ବ୍ୟକ୍ତି ଏଠାରେ ସିମେଣ୍ଟ ଇଟା ଇଣ୍ଡଷ୍ଟ୍ରି ନିର୍ମାଣ କରିବା ନାଁରେ ଲୋକଙ୍କୁ ମିଛ କହି କୁକୁଡ଼ା ଫାର୍ମ ନିର୍ମାଣ କରିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। କୁକୁଡ଼ା ଫାର୍ମ ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ଅନୁମତି ଦିଆଯାଇ ନଥିବା ବେଳେ ବଳପୂର୍ବକ ଭାବେ ଏଠାରେ କୁକୁଡ଼ା ଫାର୍ମ ନିର୍ମାଣ ହୋଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଚଉଦ ଏକର ଜମିରେ ନିର୍ମାଣ ହୋଇଛି ବିରାଟ କୁକୁଡ଼ା ଫାର୍ମ। ଏହି ଫାର୍ମ ରୁ ବାହାରୁ ଥିବା ମଇଳା ଆବର୍ଜନା ଜୀବାଣୁ ଏବଂ ଦୁର୍ଗନ୍ଧ ଗ୍ୟାସ ପ୍ରୟୋଗ ଦ୍ୱାରା କେନ୍ଦୁପଲ୍ଲୀ ଗାଁର ୫୦୦ ପରିବାରର ୧୨ ଶହ ଲୋକ ବଞ୍ଚିବା ପାଇଁ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। କୁକୁଡ଼ା ଫାର୍ମ ରୁ ବାହାରୁ ଥିବା ବିଷାକ୍ତ ଗ୍ୟାସ ଏବଂ ମଇଳା ଜମିରେ ପଡି ଧାନ ଫସଲ ମଧ୍ୟ ନଷ୍ଟ ହେଉଛି। ମଲା କୁକୁଡ଼ା ମାଂସ ଖାଇ ପଶୁ ପକ୍ଷୀ କାଉ କୁକୁରଙ୍କ ମୃତ୍ୟୁ ହେଉଛି। କୁକୁଡ଼ା ଫାର୍ମର ମଳ ମୂତ୍ର ଦୁର୍ଗନ୍ଧ ପାଇ ଶରିଶୃପଙ୍କ ବୃଦ୍ଧି ଯୋଗୁଁ ବିଷଧର ସାପ କାମୁଡାରେ ଲୋକଙ୍କ ମୃତ୍ୟୁ ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। କୁକୁଡ଼ା ଫାର୍ମ ଯୋଗୁ ସ୍ଥାନୀୟ ଲୋକଙ୍କ ମୁଣ୍ଡ ଗଡୁ ଥିବାରୁ ତୁରନ୍ତ ଏହାକୁ ସ୍ଥାନାନ୍ତର ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏ ନେଇ ନୟାଗଡ଼ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ ଏବଂ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ସେପଟେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିଯୋଗ କାରୀ ଙ୍କୁ ପ୍ରତିଶୃତି ଦବାସହ ତଦନ୍ତ ପାଇଁ ଟିମ୍ ଗଠନ କରାଯାଇଛି। ଖୁବ୍ ଶୀଘ୍ର ବେଆଇନ କୁକୁଡ଼ା ଫାର୍ମ ଙ୍କୁବନ୍ଦ କରାଯିବ। ସ୍ଥାନୀୟ ବାସିନ୍ଦା ଅଭିଯୋଗ କୁକୁଡ଼ା ଫାର୍ମର ବିଷାକ୍ତ ଗ୍ୟାସ ପ୍ରଭାବରେ କେବଳ କେନ୍ଦୁପଲ୍ଲୀ ଗାଁ ର ଆଠ ଜଣ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ହୋଇଛି। ଦେଖାଯାଉ ଗ୍ରାମ ବାସୀ ଙ୍କ ଅଭିଯୋଗ ଅନୁଯାୟୀ ଜିଲ୍ଲା ପ୍ରଶାସନ କୁକୁଡ଼ା ଫାର୍ମ ଉପରେ କି ପଦକ୍ଷେପ ନେଉଛି। ନା ଗ୍ରାମ ବାସୀ ଙ୍କୁ ଦେଇଥିବା ପ୍ରତିଶ୍ରୁତି କୁ ପାଣିର ଗାର ପରି କରୁଛି।

## ଗୋଧୀକୁ ମାରି ରୋଷେଇ କରି ଖାଇ ସାମାଜିକ ଗଣମାଧ୍ୟମରେ ଛାଡ଼ି ଗିରଫ ହେଲେ ୟୁଟୁବର

କରଞ୍ଜିଆ, (ମହାଭାରତ): ଏକ ଗୋଧିକୁ ମାରି ରୋଷେଇ ଖାଇ ଭିଡ଼ିଓ କରି ସାମାଜିକ ଗଣମାଧ୍ୟମ ରେ ଛାଡ଼ିବାରୁ ଗିରଫ ହେଲେ ଜଣେ ୟୁଟୁବର । ଏପରି ଘଟଣା ରଖିବାକୁ ମିଳିଛି କରଞ୍ଜିଆ ବନଖଣ୍ଡ ଅଧୀନ ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ ଚମ୍ପାଝର ଫରେଷ୍ଟ ବିଟ ଅସନବଣୀ ଗ୍ରାମ ର ୟୁଟୁବର ରୂପା ନାଏକ । ରୂପା ନାଏକ ଜଣେ ଆଦିବାସୀ ସେ ଆଦିବାସୀ ମାନଙ୍କ ଖାଦ୍ୟ ପେୟ ଉପରେ ଭିଡିଓ କରି ସାମାଜିକ ଗଣମାଧ୍ୟମ ରେ ଛାଡନ୍ତି। ଗତ ରାକ୍ଷୀ ପୂର୍ଣ୍ଣିମା ଦିନ ଶଶୁର ଘରୁ ଫେରିବା ବେଳେ ରାସ୍ତା ଧରେ ଏକ ଗୋଧୀ ମରି ଥିବା ଦେଖି ତାକୁ ଘରକୁ ନେଇ ଆସିଥିଲେ ଥିଲେ । ପରେ ତାକୁ କାଟି ରୋଷେଇ କରି ଖାଇ ସାମାଜିକ ଗଣମାଧ୍ୟମ ରେ ଛାଡି ଥିଲେ । ତାହା ପ୍ରଘଟ ହେବା ପରେ ଠାକୁରମୁଣ୍ଡା ବ୍ଲକ ଅଞ୍ଚଳର ୟୁଟୁବୁର ବୋଲି ଚର୍ଚ୍ଚା ହେଉଥିଲା କ୍ଷ ତାକୁ ଗୁରୁତର ସହ ନେଇ ଠାକୁରମୁଣ୍ଡା ବନବିଭାଗ ସତ୍ୟ ସତ୍ୟା ଯାଞ୍ଚ କରିଥିଲା । ୟୁଟୁବର ଜଣକ ଚମ୍ପାଝର ନିକଟ ଆସନବଣୀ ଗ୍ରାମର ର ରୂପା ନାଏକ ବୋଲି ଜଣାପଡି ତାକୁ ଗିରଫ କରିଥିଲା ବନବିଭାଗ । ପଚରା ଉଚରା ବେଳେ ସେ ମାନିଥିଲେ ଘଟଣା ଟି ସତ୍ୟ ଲୋକେ କୁକୁଡ଼ା ଛେଳି ମାରି ଖାଉଛନ୍ତି ଆଦିବାସୀ ମାନେ ଗଧୀ ଖାଇଲେ ଅସୁବିଧା କଣ ବୋଲି ଯୁକ୍ତି ବାଢ଼ିଥିଲେ। ଏ ବିଷୟରେ କରଞ୍ଜିଆ ବନଖଣ୍ଡ ଅଧିକାରୀ ବୈଦନାଥ ମାଝୀଙ୍କୁ ପଚାରି ବାରୁ କହିଛନ୍ତି ଗଧି ଏକ ସରୀସୃପ ପ୍ରଜାତିର ବନ୍ୟଜନ୍ତୁ ଯାହାକି ବିଲୁପ୍ତ ପ୍ରଜାତିର ଏହାର ସୁରକ୍ଷା ଓ ସଂରକ୍ଷଣ ନିହାତି ଜରୁରୀ ଆବଶ୍ୟକ ଏପରି ସ୍ଥଳେ ଗୋଧି ମାରି କାଟି ଖାଇବା ଧ୍ରତ୍ୟବ ଅପରାଧ । ଯେ କେହିବି କୌଣସି ପ୍ରକାର ବନ୍ୟପ୍ରାଣୀଙ୍କୁ ଶିକାର କରି ପାରିବ ନାହିଁ ସରକାରଙ୍କ ଏଥି ପାଇଁ କଡ଼ା ନିୟମ ଅଛି । ଏପରି ଘଟଣା ଘଟିଲା କେବଳ ବନବିଭାଗ ନୁହେଁ ପୋଲିସ ମଧ୍ୟ ଏହା ଉପରେ କାର୍ଯାନୁଷ୍ଠାନ ନେଇପାରିବ । ଲୋକଙ୍କୁ ବନ୍ୟ ପ୍ରାଣୀ ଶିକାର ଉପରେ ପ୍ରଜାପ୍ତ ପରିମାଣ ର ସଚେତନ ଆବଶ୍ୟକ । ତେବେ ୟୁଟୁବରେ ପ୍ରଘଟ ପରେ ଠାକୁରମୁଣ୍ଡା ବନବିଭାଗ ୬୮/୨୦୨୫ ନମ୍ବର ରେ କେଶ ରୁଜୁ କରି ରୂପା ନାଏକ କୁ ଗିରଫ କରି ଅଧିକ ତଦନ୍ତ କରୁଛି । ଏହି ସମୟ ରେ ଏସିଏଫ ପ୍ରଭାତ କୁଅଁର ରେଞ୍ଜର ଉମାକାନ୍ତ ବେହେରା, ଫରେଷ୍ଟର ବିଦ୍ୟାଧର ମହାନ୍ତ,ବନ୍ଦନା ମହାନ୍ତ ଓ ବନବିଭାଗ ର କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ଦୁର୍ଗମ ଅଞ୍ଚଳରେ ଜନନୀ ଯନ୍ତ୍ରଣା: ଖଟିଆରେ ବୁହାହେଲେ ଗର୍ଭବତୀ



ଲାଞ୍ଜିଗଡ, (ମହାଭାରତ): ସହରାଞ୍ଚଳ ତଥା ଗ୍ରାମାଞ୍ଚଳ ମାନଙ୍କରେ ଉନ୍ନତିକରଣ ପାଇଁ ଉଭୟ ସରକାର ମାଲମାଲ ଯୋଜନା ପ୍ରସ୍ତୁତ କରି କୋଟିକୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରି ରାସ୍ତାଘାଟ ନିର୍ମାଣ କରୁଛନ୍ତି । ହେଲେ ଏବେ ବି ଦୁର୍ଗମ ଅଞ୍ଚଳ ଲୋକଙ୍କୁ ଯାତାୟାତ ପାଇଁ ସବୁଦିନିଆ ରାସ୍ତା ଖଣ୍ଡେନାହିଁ । ରାସ୍ତା ନଥିବା ଯୋଗୁଁ ଦୁର୍ଗମ ଅଞ୍ଚଳ ବାସୀଙ୍କୁ ଭୋଗିବାକୁ ପଡିଥାଏ ନାହିଁ ନଥିବା ଦୁର୍ଦ୍ଦଶା। ସେହିପରି ସ୍ୱାସ୍ଥ୍ୟ ସେବା ଭଳି ଜରୁରୀକାଳୀନ ପରିସ୍ଥିତିରେ ସମସ୍ୟା ସାଂଘାତିକ ହୋଇପଡିଥାଏ ।ଗାଁକୁ ଆମ୍ବୁଲାନ୍ସ ଟିଏ ପହଞ୍ଚି ପାରେନି ବୋଲି ଜୀବନ ଯନ୍ତ୍ରଣାରେ ଛଟପଟ ହୋଇଥାନ୍ତି ଗୁରୁତ୍ୱର ରୋଗୀ ତଥା ଗର୍ଭବତୀ ମହିଳା । ତେେ୍ୱ ଦୁର୍ଗମ ଅଞ୍ଚଳରେ ଗୁରୁତ୍ୱର ବା ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୁହା ହେବା ଭଳି ଅନେକ ଘଟଣା ଘଟିଥାଏ କିନ୍ତୁ ଦୁର୍ଗମ ଅଞ୍ଚଳରେ କୌଣସି ସରକାରୀ ବାବୁ ବା ରାଜନେତାଙ୍କ ଦୃଷ୍ଟି ପଡ଼ି ନ ଥାଏ । ଯାହାଫଳରେ ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ଠିକ ଭାବରେ ଆମ୍ବୁଲାନ୍ସ ସେବା ମଧ୍ୟ ମିଳିନଥାଏ। ଦୁର୍ଗମ ଅଞ୍ଚଳରେ ଅନେକ ସମୟରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳୁଥିବା ବେଳେ ଆଜି ପୁଣି ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ମେଳବହାଲି ବଣ୍ଡେଲ ଗାଁରେ। ଗାଁର ମିଶ୍ର ମାଝୀଙ୍କ ସ୍ତ୍ରୀ କାଞ୍ଚ ମାଝୀ ରାତି ୧୦ ଘଟିକା ସମୟ ରେ ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ପରିବାର ଡାକ୍ତରଖାନା ନେବାପାଇଁ ୧୦୮ ଆମ୍ବୁଲାନ୍ସ କୁ ଯୋଗାଯୋଗ କରାଯାଇଥିଲା। ହେଲେ ରାସ୍ତା ଅତି ଶୋଚନୀୟ ହୋଇ ଥିବାରୁ ଆମ୍ବୁଲାନ୍ସ ଆସି ଅଧବାଟ ବଣ୍ଡେଲ ଛକ ମେନ ରୋଡ଼ ନିକଟରେ ଅଟକି ରହିଲା। ଆଗକୁ ରାସ୍ତା ଠିକ୍ ନଥିବା ଯୋଗୁଁ ଆମ୍ବୁଲାନ୍ସ ଆଗକୁ ବଢିପାରିନଥିଲା। ଗ୍ରାମବାସୀଙ୍କ ସହଯୋଗରେ ପରିବାର ଲୋକେ ପ୍ରାୟ ୧ କିଲୋମିଟର ଖଟିଆରେ ବୋହିଲା ପରେ ବଣ୍ଡେଲ ଛକ ମେନ ରୋଡ଼ ରେ ଅଟକି ଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ ।ସେହିଠାରେ ଆମ୍ବୁଲାନ୍ସ ଯୋଗ ଗର୍ଭବତୀ ମହିଳାଙ୍କୁ କଲ୍ୟାଣସିଙ୍ଗ ପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଁ ଭର୍ତ୍ତି କରିଥିବା ପରିବାର ଲୋକଙ୍କ ପକ୍ଷରୁ ସୁଚନା ମିଳୁଛି ।

## ବିଷମ କଟକରେ ଖୁସିର ଲହରି: ନୂଆ ଏନଏସି ଘୋଷଣା

ବିଷମ କଟକ(ମହାଭାରତ): ଓଡ଼ିଶା ସରକାରଙ୍କ ଶହର ଉନ୍ନତିକରଣ ପ୍ରୟାସରେ ବିଷମ କଟକ ପାଇଁ ଖୁସିର ଲହରି ବାହାରିଛି । ଗୃହ ଓ ଶହର ବିକାଶ ବିଭାଗ ୭ଟି ଜିଲ୍ଲାରେ ମୋଟ ୧୨ଟି ନୂଆ ନୋଟିଫାଇଡ୍ ଏରିଆ କାଉନ୍ସିଲ୍ (ଏନଏସି) ଗଠନ ପାଇଁ ଖସଡ଼ା ସୂଚନା ଜାରି କରିଛି, ଯାହାରେ ବିଷମ କଟକର ନାମ ସମ୍ମିଳିତ ହୋଇଛି ।ପ୍ରମୁଖ ସଚିବ ସୁଶ୍ରୀ ଉଷା ପାଢୀଙ୍କ ପ୍ରୟାସରେ ଏହି ପଦକ୍ଷେପ ଆଗକୁ ବଢ଼ିଛି । ଏହା ଦ୍ୱାରା ସ୍ଥାନୀୟ ଶାସନକୁ ଶକ୍ତିଶାଳୀ କରାଯିବା ସହିତ ଶହରୀୟ ପ୍ରାଥମିକ ସଂରଚନାରେ ନୂତନ ଦିଗ ଖୋଲିବ ବୋଲି ଆଶା କରାଯାଉଛି ।ସରକାରଙ୍କ ଏହି ପଦକ୍ଷେପ ରାଜ୍ୟର ଶହରୀକରଣ ସ୍ତରକୁ ବର୍ତ୍ତମାନର ୧୭% ରୁ ୩୦% କୁ ବୃଦ୍ଧି କରିବାରେ ସହାୟକ ହେବ। ବିଷମ କଟକ ସହ ଅଙ୍ଗୁଳ (ପଲ୍ଲହାରା), ସୁବର୍ଣ୍ଣପୁର (ବିରମହାରାଜପୁର), ବାଲେଶ୍ୱର (ସିମୁଳିଆ, ବାସ୍ତା, ବେଟନୋଟି), ମୟୁରଭଞ୍ଜ (ବାଙ୍ଗିରିପୋସି, ଚିତ୍ରଡା), ସମ୍ବଲପୁର (ବାମ୍ରା, ରେଙ୍ଗାଲି) ଓ ଭଦ୍ରକ (ତିହିଡି, ଧୁସୁରି) ଘଇଉ ଗୁଡ଼ିକ ପ୍ରସ୍ତାବିତ ।ଏହି ସୁଖବର ସହ ବିଷମ କଟକରେ ଲୋକମାନଙ୍କ ମଧ୍ୟରେ ଅପାର ଆନନ୍ଦର ପରିବେଶ ସୃଷ୍ଟି ହୋଇଛି । ସ୍ଥାନୀୟ ବାସିନ୍ଦାମାନେ ଏହାକୁ ଏକ ଐତିହାସିକ ସୁଯୋଗ ବୋଲି କହିଛନ୍ତି ଓ ଏହାରେ ଆଗାମୀଦିନରେ ଶହରୀୟ ସୁବିଧା, ପ୍ରାଥମିକ ସଂରଚନା ଓ ସମୃଦ୍ଧିର ନୂଆ ପଥ ଖୋଲିବ ବୋଲି ଆଶା କରିଛନ୍ତି।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ ଜଣେ ଗୁରୁତର

ବାଲିଚନ୍ଦ୍ରପୁର,(ନିପ୍ର) ବାଲିଚନ୍ଦ୍ରପୁର ଥାନା କଳାଶ୍ରୀ ଗୋପାଳପୁର ପଞ୍ଚାୟତ ଖଡ଼ଗପୁର ଗ୍ରାମର ରମେଶ ପାତ୍ରଙ୍କ ପୁଅ ଆକାଶ ପାତ୍ର (୨୩)ଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ସେହି ଗ୍ରାମର ବିଷ୍ଣୁ ବେହେରାଙ୍କ ପୁଅ ଜ୍ଞାନରଞ୍ଜନ ବେହେରା (୨୮) ଗୁରୁତର ହୋଇ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି। ଘଟଣାରୁ ପ୍ରକାଶ ଯେ ଆକାଶ ଓ ତାଙ୍କର ବନ୍ଧୁ ଜ୍ଞାନ ରଞ୍ଜନ ପାରାଦ୍ୱୀପ ଅଞ୍ଚଳରୁ ନିଜ ସ୍କୁଟି ଯୋଗେ ଏନ.ଏଚ ୫୩ରେ ତାଙ୍କ ଗ୍ରାମ ଖଡ଼ଗପୁରକୁ ଫେରୁଥିବା ବେଳେ ଦୁହୁରିଆ ଠାରେ ଏକ ଦୃତଗାମୀ ଅଜଣା ଟ୍ରକ ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଦୁର୍ଘଟଣା ସ୍ଥଳରେ ଆକାଶଙ୍କର ମୃତ୍ୟୁ ଘଟିଥିବା ବେଳେ ଜ୍ଞାନରଞ୍ଜନ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ କେନ୍ଦ୍ରାପଡ଼ା ମେଡ଼ିକାଲ ନେଇଯିବା ସହ ତଦନ୍ତ ଚାଲୁରଖିଥିବା ଜଣାପଡ଼ିଛି। ତେବେ ଜ୍ଞାନରଞ୍ଜନଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଆକାଶଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଖଡ଼ଗପୁର ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ମେଧାବୀ, ମିଷ୍ଟଭାସି, ବନ୍ଧୁବତ୍ସଳ ଯୁବକ ଥିଲେ। ତାଙ୍କର ମରଶରୀର ବ୍ୟବଚ୍ଛେଦ ହୋଇ ଗ୍ରାମରେ ପହଞ୍ଚିଥିବା ବେଳେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।

## ବାଲ୍ୟ ବିବାହ ଆଇନକୁ ମାନୁନାହାଁନ୍ତି ଜନସାଧାରଣ ନାବାଳକ ପୁଅକୁ ବାହା ହେଲେ ସାବାଳିକା କନ୍ୟା

ବାଲିଚନ୍ଦ୍ରପୁର,(ନିପ୍ର) ସରକାରଙ୍କ ଆଇନ ପ୍ରଣୟନ ଅନୁଯାୟୀ ନାବାଳକ ପୁଅ ବା ଝିଅ ବିବାହ କରିବା ଅବରାଧ ଅଟେ। ତେବେ ସରକାରଙ୍କ ଏହି ଆଇନକୁ ଖୋଲା ଉଲଂଘନ କରି ବିଭିନ୍ନ ଅଞ୍ଚଳରେ ବାଲ୍ୟ ବିବାହ ଚାଲୁରହିଛି। ଏମିତି ଏକ ସ୍ୱର୍ଷକାତର ଘଟଣା ଦେଖିବାକୁ ମିଳିଛି ବଡ଼ଚଣା ଗ୍ରାମୀଣ ଶିଶୁ ବିକାଶ ପ୍ରକଳ୍ପ ଅଧିନସ୍ଥ କଳାଶ୍ରୀ ଗୋପାଳପୁର ପଞ୍ଚାୟତର ଚଣ୍ଡିଆ ଗ୍ରାମର। ଉକ୍ତ ଗ୍ରାମର ଭ୍ରମର ଦେହୁରୀଙ୍କ ୧୭ ବର୍ଷ ପୁଅ ଧର୍ମଶାଳା ଅନ୍ତର୍ଗତ ଜାରକା ନିକଟସ୍ଥ ଅଭୟପୁର ଗ୍ରାମର ରେଙ୍ଗା ରେଡ଼ିଙ୍କ ୨୧ ବର୍ଷିୟ ଝିଅ ଆଶାଲତା ରେଡ଼ିଙ୍କୁ ବିବାହ ପାଇଁ ସମ୍ମତି ମିଳିଥିଲା। ଏହି ଖବର ପାଇ ବଡ଼ଚଣା ଗ୍ରାମୀଣ ଶିଶୁ ବିକାଶ ପ୍ରକଳ୍ପର ଅଧିକାରିଣୀ ଚନ୍ଦନା ମିଶ୍ର ଚଣ୍ଡିଆ ଗ୍ରାମର ଭ୍ରମର ବରଙ୍କ ଘରେ ପହଞ୍ଚିବା ସମୟରେ ସେଠାରେ ବିବାହ ଉତ୍ସବ ସହ ଭୋଜିଭାତ ଚାଲିଥିବା ଦେଖିବାକୁ ପାଇଥିଲେ। ତେବେ ଶ୍ରୀମତୀ ମିଶ୍ର ଉଭୟ ପୁଅ ଝିଅଙ୍କ ଆଧାରକାର୍ଡ଼ ମଗାଇ ଦେଖିବା ପରେ ପୁଅର ବିବାହ ବୟସ ହୋଇନଥିବା ଜାଣିବାକୁ ପାଇବା ପରେ ଉଭୟଙ୍କୁ ବୟଷ ହେବା ପରେ ବିବାହ କରିବା ପାଇଁ ପରାମର୍ଶ ଦେଇଥିଲେ। ତେବେ ତାଙ୍କର ଏହି ପରାମର୍ଶ ଉଭୟ ପରିବାର ମାନିନଥିବାରୁ ଶ୍ରୀମତୀ ମିଶ୍ର ବାଧ ହୋଇ ଫେରିଆସିଥିଲେ।

## ସମାଜସେବୀ ଚିନ୍ମୟୀ ଦାସ ଙ୍କୁ ମରଣାନ୍ତକ ଆକ୍ରମଣ

ଅନୁଗୋଳ,(ମହାଭାରତ):ଦୀର୍ଘ ଦିନ ଧରି ଜୀବନ ପ୍ରତି ବିପଦ ରହିଛି ବୋଲି ବାରମ୍ବାର ଅଭିଯୋଗ କରି ଆସୁଛନ୍ତି କିଉର ଚିନ୍ମୟୀ ଦାସ ।ରାଜ୍ୟପାଳ ଙ୍କ ଠାରୁ ରାଷ୍ଟ୍ରପତି ଙ୍କ ପର୍ଯ୍ୟନ୍ତ ଏବଂ ଆଇ ଆଇ ସି ଙ୍କ ଠାରୁ ଡି ଆଇ ଜି ସମସ୍ତ ଙ୍କ ରେଜେଷ୍ଟି ଚିଠି ପଠେଇ ସାରିଲେଣି। କିନ୍ତୁ କୌଣସି ବିଭାଗ ରୁ ଉତ୍ତର ମିଳିପାରିନି ।ସୂଚନା ଅନୁସାରେ,ଗତକାଲି ସନ୍ଧ୍ୟା ରେ ମାର୍କେଟ ରୁ ମାନବ ସେବାଶ୍ରମ କୁ ଫେରୁଥିବା ସମୟ ରେ ଗୋଟିଏ ମଟରସାଇକେଲ ରେ ଦୁଇ ଜଣ ଯୁବକ ଚିନ୍ମୟୀ ଙ୍କ ପିଛା କରି ଥିଲେ ଓ ତାଙ୍କ ଭିତରୁ କେହି ଜଣେ ଶକ୍ତ ଗୋଇଠା ଚିନ୍ମୟୀ ଙ୍କ ସ୍କୁଟି କୁ ମାରିଥିଲା ଯାହା ଫଳରେ ତଳକୁ ଖସି ସ୍ଥାନୀୟ ଲୋକ ଙ୍କ ଦ୍ୱାରା ଉଦ୍ଧାର ପାଇଥିଲେ । ପରେ ମେଡିକାଲ ରେ ଚିକିତ୍ସା ହୋଇ ଅନୁଗୋଳ ଟାଉନ ଥାନା ରେ ଅଭିଯୋଗ କରିଛନ୍ତି ଚିନ୍ମୟୀ । ଘଟଣା ର ତଦନ୍ତ କରିବା ସହିତ ବିଭିନ୍ନ ସ୍ଥାନ ର ସି ସି ଟି ଭି ଯାଞ୍ଚ କରି ଦୋଷୀ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପ୍ରତିଶୃତି ଦେଇଛି । ଏହି ଘଟଣା କୁ ବୁଦ୍ଧିଜୀବୀ ମହଲ ରେ ନିନ୍ଦା କରାଯାଇଛି ।

## ଭେଙ୍କଟରାଇପଲ୍ଲୀ ଶୁଣ୍ଢୀ ବନ୍ଧରେ ଟ୍ରାକ୍ଟର ଓଲଟି ଚାଳକ ମୃତ୍ୟୁ

ଆସିକା (ମହାଭାରତ): ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ କୋଟିନଡା ଥାନା ଅନ୍ତର୍ଗତ ଭେଙ୍କଟରାଇପଲ୍ଲୀ ଶୁଣ୍ଢୀ ବନ୍ଧ ଠାରେ ଟ୍ରାକ୍ଟର ଓଲଟି ଚାଳକ ର ମୃତ୍ୟୁ ହୋଇଛି । ପ୍ରକାଶ ଥାଉକି ଆଜି ସନ୍ଧ୍ୟା ସମୟରେ ମଞ୍ଜାପଡା ରୁ ଗୋଟିଏ ଟ୍ରାକ୍ଟର ଇଟା ଧରି ଭେଙ୍କଟରାଇପଲ୍ଲୀ ଅଭିମୁଖେ ଆସୁଥିଲା । ଗ୍ରାମରେ ଇଟାଖାଲି କରି ଖାଲି ଗାଡି ଧରି ଚାଳକ ନିଜ ଗ୍ରାମ କୁ ଫେରୁଥିବା ବେଳେ ଅସାବଧାନତା ବଶତଃ ଭାରସାମ୍ୟ ହରାଇ ଭେଙ୍କଟରାଇପଲ୍ଲୀ ଶୁଣ୍ଢୀ ବନ୍ଧ କୁ ଓଲଟି ପଡିଥିଲା । ଦୁର୍ଘଟଣା ରେ ଟ୍ରାକ୍ଟର ଚାଳକ ହରିଡ଼ା ପଦର ଗ୍ରାମ ର ମନୋଜ ନାୟକ (୩୮) ଗାଡି ତଳେ ଚାପି ହୋଇ ରହିଯାଇଥିଲା । ଗାଡ଼ିର ପଛ ଡାଲା ରେ ଅନ୍ୟ କିଛି ଶ୍ରମିକ ବସିଥିଲେ । ସେମାନେ କୌଶଳ କ୍ରମେ ଡେଇଁ ଗାଡ଼ିରୁ ଓହ୍ଲାଇ ପଡ଼ିଥିଲେ ଲ ବନ୍ଧରୁ ମନୋଜ କୁ ଉଦ୍ଧାର କରି ମେଡିକାଲ ଅଣାଯାଇଥିଲା ।ଆସିକା ମେଡିକାଲ ରେ ଡାକ୍ତର ମନୋଜ କୁ ମୃତ୍ୟୁ ଘୋଷଣା କରିଥିଲେ।

# ଭୋଟର ପରିଣାମ ବାଉଁଶ ରାସ୍ତା: ଲୋକେ ହନ୍ତସନ୍ତ

ଅସ୍ତରଙ୍ଗ ( ମହାଭାରତ) -ପୁରୀ ଜିଲ୍ଲାର ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଞ୍ଚାୟତ ର ମାଣ୍ଡୁକି ଗ୍ରାମର କଳଘର ଛକ ଠାରୁ ପାପିରା ବନ୍ଧକୁ ସଂଯୋଗ କରୁଥିବା କଚ୍ଚା ରସ୍ତାର ଅବସ୍ଥା ଦୀର୍ଘଦିନ ଧରି ଶୋଚନୀୟ ହୋଇରହିଛି । ସ୍ୱାଧୀନତାର କୁ ୭୯ ବର୍ଷ ପୂର୍ଣ୍ଣ ହେଲାଣି କିନ୍ତୁ ଏହି ରସ୍ତା ଅବସ୍ଥା ଆଗରୁ ଯେମିତି ଏବେ ସେମିତି କାମ ହେଡ ଦୂରର କଥା ଏପର୍ଯ୍ୟନ୍ତ ମାଟି ଟୋକେଇଟେ ପଡ଼ିନାହିଁ ବୋଲି ଗ୍ରାମବାସୀ କହିବା ସହିତ ଅସନ୍ତୋଷ ପ୍ରକାଶ



କରୁଛନ୍ତି ।ଏହି ରସ୍ତା ଦେଇ ପାପିରା, ଡାଲୁଳକଣି, ରାଇକଣା, ରାଇବେରୁହାଁ, କଣ୍ଡେଇମୁଣ୍ଡୁଳି ଆଦି ଗ୍ରାମର ଲୋକେ ଅସ୍ତରଙ୍ଗ ବଜାର, ସ୍କୁଲ କଲେଜ, ଡାକ୍ତରଖାନା ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ କୁ ଯାଇଥାନ୍ତି । ଖରାଦିନେ ଜେନେ ତେନେ ଯାନବାହନ ଚଳାଚଳ କରୁଥିବା ବେଳେ ବର୍ଷାଦିନରେ କାଦୁଆ ପଚପଚ ରସ୍ତା ପାଇଁ ସବୁ ଠପ ହୋଇଯାଇଛି ।ଶିଶୁ, ମହିଳା ଓ ପ୍ରସୁତୀ ମା'ଙ୍କୁ ଚିକିତ୍ସାଳୟ ପହଞ୍ଚିବା ପାଇଁ କଷ୍ଟ ସହିବାକୁ ପଡୁଛି । ଛାତ୍ରଛାତ୍ରୀଙ୍କୁ ବି ଏହି କାଦୁଆ ରସ୍ତା ହୋଇ ପାଦରେ ଚାଲି ବିଦ୍ୟାଳୟକୁ ଯିବାକୁ ପଡୁଛି । ପ୍ରାୟ ଏକ କି.ମି. ଲମ୍ୱା ଏହି କଚ୍ଚା ରସ୍ତାର କିଛି ମିଟର ଅତିକ୍ରମ କଲେ ପଡ଼େ ଏକ ପଡା ଜନବସତି ଉକ୍ତ କଚ୍ଚ ରାସ୍ତାରୁ ସେହି ଜନବସତି ମଧ୍ୟରେ ଏକ ପାଣି ନାଳ ଯେଉଁଥିରେ ସ୍ଥାୟୀ ବ୍ରିଜ ନଥିବାରୁ ସେଠାକାର ବାସିନ୍ଦା ଯିବାଆସିବା କରିବାକୁ ହେଲେ ପାଣିରେ ପଶିକି ନଚେତ ବାଉଁଶ ଭରା ହେଲା ବିକଳ୍ପ,ପ୍ରଫୁଲ୍ଲ କାଣ୍ଡି, ଧ୍ରୁବ କାଣ୍ଡି ଓ ପୁନିଆ କାଣ୍ଡି-ଏହି ୩ଟି ଦଳିତ ପରିବାରର ପ୍ରାୟ ୧୫ଜଣ ସ୍ଥାୟୀ ବାସିନ୍ଦା, ଜିଲ୍ଲା ଓ ରାଜ୍ୟ ସରକାରଙ୍କୁ ବାରମ୍ବାର ଗୁହାରୀ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ପକା ରାସ୍ତା ପାନୀୟ ଜଳ ଯୋଗାଣ ଓ ମୌଳିକ ସୁବିଧାର ଅଭାବ ଥିବାରୁ ଏହି ଦଳିତ ପରିବାରମାନେ ଦୀର୍ଘଦିନ ଧରି ଅବହେଳିତ ହୋଇଆସୁଛନ୍ତି । ତେଣୁ ଗ୍ରାମବାସୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଜିଲ୍ଲା ପ୍ରଶାସନ ଙ୍କୁ ନିବେଦନ କରିଛନ୍ତି କି ଯଥା ଶୀଘ୍ର ସ୍ଥାୟୀ ସଡ଼କ, ବ୍ରିଜ ଓ ମୌଳିକ ସୁବିଧା ପ୍ରଦାନ କରିବା ପାଇଁ ।

## ଗୌତମ ବୃଦ୍ଧ ସଂସ୍କୃତି ଭବନରେ ସ୍ଥାନ ପାଇଲା ସହୀଦ ଓ ସଂଗ୍ରାମୀଙ୍କ ଫଟୋଚିତ୍ର

ବାଲିଚନ୍ଦ୍ରପୁର,(ମହାଭାରତ) ଯାଜପୁର ମାଟିର ୪ ଜଣ ସହିଦ ସଂଗ୍ରାମୀ ବରୀ ଶ୍ରୀରାମପୁର ଗାଁର ସାଉଁଟି ମଲ୍ଲିକ, କୃଷ୍ଣନଗର ଗାଁର ସାନନ୍ଦ ସ୍ୱାଇଁ, ହାଡ଼ିବନ୍ଧୁ ପଣ୍ଡା ଓ ହାଟସାହି ଗାଁର ମାୟାଧର ଭୂୟାଁଙ୍କ ଫଟୋଚିତ୍ର ସ୍ଥାନ ପାଇଛି ଜିଲ୍ଲା ସଦର ମହକୁମାସ୍ଥିତ ଗୌତମ ବୃଦ୍ଧ ସଂସ୍କୃତି ଭବନର ପ୍ରବେଶ ପଥରେ। ୭୯ତମ ସ୍ୱାଧିନତା ଦିବସ ପାଳନ ଅବସରରେ ଜିଲ୍ଲାପାଳ ଅମ୍ବର କୁମାର କର ଏହି ଫଟୋଚିତ୍ର ସହିତ ବଡ଼ଚଣା ମାଟିର ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ରାଜ୍ୟ ସ୍ୱାଧିନତା ସଂଗ୍ରାମୀ ସମିତିର ସଭାପତି ଦିବଙ୍ଗତ ନୀଳମଣି ସାମଲଙ୍କ ଫଟୋଚିତ୍ରକୁ ଅନାବରଣ କରିଛନ୍ତି। ଏଠାରେ ପ୍ରକାଶ ଯୋଗ୍ୟ ଯେ ୮୩ ବର୍ଷ ତଳେ ୧୯୪୨ ମସିହା ଅଗଷ୍ଟ ୨୬ ତାରିଖ ଦିନ ସଂଗ୍ରାମୀ ମାଟି ବରୀର କଳାମାଟିଆ ଠାରେ ଇଂରାଜୀ ସରକାରଙ୍କ ପୋଲିସ ବାହିନୀର ବାୟୋନେଟ୍ ଭୁସା ଓ ଗୁଳିକାଣ୍ଡରେ ଏହି ୪ ଜଣ ସଂଗ୍ରାମୀ ବୀରଗତି ପ୍ରାପ୍ତ ହୋଇଥିଲେ। ତତ୍କାଳୀନ ପୋଲିସ ଡ଼ି.ଏସ.ପି ଲକ୍ଷ୍ମଣ ମିଶ୍ର ଓ ବିଞ୍ଝାରପୁର ଥାନା ପୋଲିସ ଇନଚାର୍ଜ ନବାବ ଖାଁଙ୍କ ନେତୃତ୍ୱରେ ଯାଇଥିବା ପୋଲିସ ବାହିନୀ ସଂଗ୍ରାମୀ ମାନଙ୍କୁ ଗିରଫ କରି ନେଉଥିଲା ବେଳେ ନୁଆନଇ ଘାଟ ନିକଟରେ ଗହ୍ମାପୂର୍ଣ୍ଣିମା ଦିନ ଏହି ଗୁଳିକାଣ୍ଡ ଘଟିଥିଲା। ସହିଦଙ୍କ ସ୍ମୃତିରେ କଳାମାଟିଆ ଠାରେ ସହିଦ ସ୍ମୃତିପୀଠ ଓ ଭବ୍ୟ ସ୍ୱାଗତ ତୋରଣ ପ୍ରତିଷ୍ଠା କରାଯାଇ ଏହି ଦିବସରେ ସ୍ମୃତିଚାରଣ କରାଯାଇଥାଏ। ସେହିଭଳି ବଡ଼ଚଣା ମାଟି ବାଲିପଡ଼ିଆ ଗ୍ରାମର ସ୍ୱାଧିନତା ସଂଗ୍ରାମୀ ନୀଳମଣି ସାମଲ ସ୍ୱାଧିନତା ଆନ୍ଦୋଳନରେ ଝାସଦେଇ କାରାବରଣ କରିଥିଲେ। ରାଜ୍ୟ ସ୍ୱାଧିନତା ସଂଗ୍ରାମୀ ସମିତିର ସଭାପତି ଥିବା ଶ୍ରୀ ସାମଲ ୧୦୦ ବର୍ଷ ପରଲୋକ ଗମନ କରିଥିବା ବେଳେ ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ରାଷ୍ଟ୍ରପତି ଭବନରେ ୪ ଥର ସମ୍ବର୍ଦ୍ଧିତ ହୋଇଥିଲେ। ସ୍ୱାଧିନତା ଦିବସ ଅବସରରେ ଫଟୋଚିତ୍ର ଅନାବରଣ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ପରିଷଦ ଅଧକ୍ଷା ନଳିନୀପ୍ରଭା ଜେନା, ଉପାଧକ୍ଷ ଗଣେଶ୍ୱର ବରାଳ, ଜିଲ୍ଲା ଏସ.ପି ଯସପ୍ରତାପ ଶ୍ରୀମଲ, ପ୍ରକଳ୍ପ ନିର୍ଦ୍ଦେଶକ ଦେବୀ ପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଟିର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଗୌତମ ବୃଦ୍ଧ ସଂସ୍କୃତି ଭବନ ପ୍ରବେଶ କକ୍ଷ ପ୍ରାଙ୍ଗଣରେ ଜିଲ୍ଲାର ସମସ୍ତ ସ୍ୱାଧିନତା ସଂଗ୍ରାମୀଙ୍କ ନାମ ତାଲିକା ସ୍ଥାନିତ କରାଯାଇଛି।

## ଅଶୋକ କୁମାର ସାହୁ ପାରାଦୀପ ବନ୍ଦର ପ୍ରାଧିକରଣ ର ନୂତନ ମୁଖ୍ୟ ଅର୍ଥ ପରାମର୍ଶଦାତା ଭାବେ ଅବସ୍ଥାପିତ



ପାରାଦୀପ(ମହାଭାରତ): ପାରାଦୀପ ବନ୍ଦର ପ୍ରାଧିକରଣ ର ମୁଖ୍ୟ ଅର୍ଥ ପରାମର୍ଦାତା ଡି.ଏନ. ସୋଧୀ ଙ୍କ ଅବସର ଗ୍ରହଣ ପରେ ଅଶୋକ କୁମାର ସାହୁଙ୍କୁ ଗତ ଅଗଷ୍ଟ୭ ତାରିଖରେ ପାରାଦୀପ ବନ୍ଦର ର ନୂତନ ଅର୍ଥ ପରାମର୍ଶଦାତା ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ସାହୁ ୨୦୦୫ ମସିହାରେ ୟୁରାନିୟମ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ ସହିତ ଜୁନିଅର୍ ଆକାଉଣ୍ଟସ୍ ଅଧିକାରୀ ଭାବରେ ତାଙ୍କର ବୃତ୍ତିଗତ ଯାତ୍ରା ଆରମ୍ଭ କରିଥିଲେ। ପରେ ସେ ପାରାଦୀପ ବନ୍ଦର ପ୍ରାଧିକାରଣରେ ଯୋଗ ଦେଇଥିଲେ, ଯେଉଁଠାରେ ସେ ୨୦୦୫ ରୁ ୨୦୧୬ ମଧ୍ୟରେ ଆକାଉଣ୍ଟସ୍ ଅଧିକାରୀ ଗ୍ରେଡ୍-୧ ଏବଂ ବରିଷ୍ଠ ଆକାଉଣ୍ଟସ୍ ଅଧିକାରୀ ଭାବରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଥିଲେ। ୨୦୧୬ ମସିହାରେ, ତାଙ୍କୁ ବରିଷ୍ଠ ଉପମୁଖ୍ୟ ଆକାଉଣ୍ଟସ୍ ଅଧିକାରୀ ପଦବୀକୁ ପଦୋନ୍ନତି ଦିଆଯାଇଥିଲା ଏବଂ ୨୦୧୯ ପର୍ଯ୍ୟନ୍ତ ନ୍ୟୁ ମାଙ୍ଗାଲୋର ବନ୍ଦର ପ୍ରାଧିକାରଣରେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ୨୦୧୯ ରୁ ୨୦୨୧ ପର୍ଯ୍ୟନ୍ତ ପାରାଦୀପ ବନ୍ଦରରେ ସମାନ ପଦବୀରେ ନିଯୁକ୍ତି ଦିଆଯାଇଥିଲା। ୨୦୨୧ ମସିହାରେ, ତାଙ୍କୁ ଭି.ଓ. ଚିଦାମ୍ବରନର ବନ୍ଦର କର୍ତ୍ତୃପକ୍ଷରେ ଆର୍ଥିକ ପରାମର୍ଶଦାତା ଏବଂ ମୁଖ୍ୟ ଆକାଉଣ୍ଟସ୍ ଅଧିକାରୀ ପଦବୀକୁ ଉନ୍ନୀତ କରାଯାଇଥିଲା, ଯେଉଁଠାରେ ସେ ତାଙ୍କର ବର୍ତ୍ତମାନର ପୋଷ୍ଟିଂ ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା ।ଜଣେ ଦକ୍ଷ ଆର୍ଥିକ ବୃତ୍ତିଗତ ଅଧିକାରୀ ଭାବେ ଶ୍ରୀ ସାହୁ ଭାରତୀୟ କଷ୍ଟ ଆକାଉଣ୍ଟ ସଂସ୍ଥାର ଜଣେ ଫେଲୋ ସଦସ୍ୟ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତିୟ ସେ ଶକ୍ତି ଏବଂ ବନ୍ଦର କ୍ଷେତ୍ରରେ ୨କ୍ସ ବର୍ଷରୁ ଅଧିକ ସମୃଦ୍ଧ ଅଭିଜ୍ଞତା ସହିତ ଆର୍ଥିକ ଯୋଜନା, ବଜେଟିଂ, ମୂଲ୍ୟ ନିୟନ୍ତ୍ରଣ ଏବଂ ପ୍ରକଳ୍ପ ଆର୍ଥିକ କ୍ଷେତ୍ରରେ ବିଶେଷଜ୍ଞତା ହାସଲ କରିଛନ୍ତି ।

## ଦକ୍ଷତା ବିକାଶ ପାଇଁ ପ୍ରଶିକ୍ଷଣ

ଦେବଗଡ଼ (ମହା ଭାରତ): ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ତିନି ବ୍ଲକ ପଞ୍ଚାୟତ କର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନେଇ ଦକ୍ଷତା ବିକାଶ ନିମନ୍ତେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲା ଜରୁରୀକାଳୀନ ଅଧିକାରୀ ହେମନ୍ତ କୁମାର ସିଂ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ କର୍ମଶାଳା ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ପ୍ରଦୀପ ପ୍ରଜ୍ୱଳନ କରି କର୍ମଶାଳାକୁ ଶୁଭ ଉଦଘାଟନ କରିଥିଲେ । ଜିଲ୍ଲାପାଳ ଶ୍ରୀ ସାହୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନଙ୍କର ବିପର୍ଯ୍ୟୟ ପରିଚାଳନା ନିମନ୍ତେ କିପରି ଲୋକମାନଙ୍କର ଦକ୍ଷତା ବିକାଶ ହେବା ସହିତ, ପଞ୍ଚାୟତ ସ୍ତରରେ ସମସ୍ତ ପଞ୍ଚାୟତ ବାସିଙ୍କ ର କିପରି ବିପର୍ଯ୍ୟୟ ପରିଚାଳନା ପାଇଁ ପ୍ରସ୍ତୁତ କରାଇବା ଓ ନିଜ ଜୀବନ ବଞ୍ଚିବା ସହିତ କିପରି ଅନ୍ୟର ଜୀବନ ବ□ାଇ ପାରିବା, ବିପର୍ଯ୍ୟୟ ଦ୍ୱାରା ମିଳୁଥିବା ଆର୍ଥିକ ସହାୟତା ବିଷୟରେ ପଞ୍ଚାୟତ ବାସୀଙ୍କୁ ଅବଗତ କରାଇବା, ବିପର୍ଯ୍ୟୟ ପରିଚାଳନା ବିଷୟରେ ଲୋକମାନଙ୍କୁ ଅବଗତି କରାଇବା, ବିପର୍ଯ୍ୟୟ ପୂର୍ବରୁ, ସମୟରେ ଓ ପରେ କିପରି ସତର୍କତା ର ସହିତ ମୁକାବିଲା କରିବା ଉପରେ ଆଲୋକପାତ କରିଥଲେ ।ଭୁବନେଶ୍ୱର ରୁ ଆସିଥିବା ମାଷ୍ଟର ଟ୍ରେନର ଅସ୍ମି କୁମାର ସାହୁ ଓ ପିଙ୍କି ବେହେରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ମାନଙ୍କୁ ପ୍ରଶିକ୍ଷଣ ତାଲିମ ଦେଇଥିଲେ ।ପ୍ରଶିକ୍ଷଣ ଶିବିର ୧୯.୦୮.୨୦୨୫ ରୁ ୨୨.୦୮.୨୦୨୫ ପର୍ଯ୍ୟନ୍ତ ତାଲିମ ପ୍ରଦାନ କରାଯିବ ।ଶିବିରରେ ଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ରାଜେନ୍ଦ୍ର କୁମାର ମିଞ୍ଜ ,ଓ ତିନି ବ୍ଲକ ର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତୀୟ ଡାକ ବିଭାଗର ୩ୟ, ୪ର୍ଥ ଶ୍ରେଣୀ, ଗ୍ରାମୀଣ କର୍ମଚାରୀ ଓ ପୋଷ୍ଟମ୍ୟାନ ସଂଘର ୧୮ତମ ଦ୍ୱିତୀୟ ବାର୍ଷିକ ସମ୍ମିଳନୀ




କଣ୍ଟାପଡ଼ା (ମହାଭାରତ):ଭାରତୀୟ ଡାକ ବିଭାଗର ୩ୟ, ୪ର୍ଥ ଶ୍ରେଣୀ , ଗ୍ରାମୀଣ କର୍ମଚାରୀ ଓ ପୋଷ୍ଟମ୍ୟାନ ସଂଘର ୧୮ତମ ଦ୍ୱିତୀୟ ବାର୍ଷିକ ଅଧିବେଶନ ଉଦ୍ୟାପିତ ରାଜ୍ୟ ରାଜପଥ ୬୦ ଫୁଲନଖରା ନିଆଳି ରାସ୍ତାର ଥିବା ମଠ ବଜାର ସ୍ଥିତ ବାସନ୍ତୀ ଏନକ୍ଲେଭ୍ ପ୍ରାଙ୍ଗଣରେ ବାର୍ଷିକ ଅଧିବେଶନ ଉତ୍ସବମୁଖର ପରିବେଶରେ ହୋଇଯାଇଅଛି। ସଙ୍ଗଠନର ମୁଖ୍ୟ ପରାମର୍ଶଦାତା ରାଜ କିଶୋର ମହାପାତ୍ରଙ୍କ ତତ୍ୱାବଧାନରେ ଏହି ସମ୍ମିଳନୀ ଆରମ୍ଭ ହୋଇଥିଲା । ଏହି ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ କଟକ ସିଟି ଡିଭିଜନର ପୂର୍ବତନ ବରିଷ୍ଠ ଅଧିକ୍ଷକ ସର୍ବେଶ୍ୱର ମିଶ୍ର, ସମ୍ମାନୀୟ ଅତିଥି ପୂର୍ବତନ ସହକାରୀ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ପଣ୍ଡା ଏବଂ ଭାରତୀୟ ଡାକ ବିଭାଗ ଆର୍ ଏମ ଏସ ର ପୂର୍ବତନ ସମ୍ପାଦକ କିଶୋର କୁମାର କର ପ୍ରମୁଖ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ଦୁଇ ଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ବିଭିନ ଜିଲ୍ଲାରୁ ଆସିଥିବା କର୍ମଚାରୀ ସଦସ୍ୟମାନେ ଅଂଶଗ୍ରହଣ କରି, ବିଭିନ୍ନ ସମସ୍ୟା ଦାବି ଓ ଭବିଷ୍ୟତ କାର୍ଯ୍ୟଯୋଜନା ବିଷୟରେ ଆଲୋଚନା କରିଥିଲେ । ସମ୍ମିଳନୀରେ ବକ୍ତାମାନେ କର୍ମଚାରୀଙ୍କ ସୁବିଧା, ନ୍ୟାୟସଙ୍ଗତ ପଦୋନ୍ନତି, ନିୟମିତିକରଣ, ପେନସନ ସୁବିଧା, ଏବଂ ଗ୍ରାମୀଣ ଡାକ କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବା ପାଇଁ ସରକାରଙ୍କୁ ଦାବି ଜଣାଇବା ପାଇଁ ମଧ ଆଲୋଚନା ହୋଇଥିଲା। ଅଧିବେଶନରେ ପ୍ରଦୀପ ପ୍ରଜ୍ୱଳନ ସହିତ,ସାମୂହିକ ଜାତୀୟ ସଙ୍ଗୀତ ଓ କେତେକ ସମ୍ମାନ ସମାରୋହ ଆୟୋଜିତ ହୋଇଥିଲା । ଏହି ସମ୍ମିଳନୀରେ ସଙ୍ଗଠନ କର୍ମକର୍ତ୍ତା ଭାବେ ବିଭିନ୍ନ ଜିଲ୍ଲାରୁ ଆସିଥିବା କର୍ମଚାରୀଙ୍କୁ ସଂଘର ଅନୁମୋଦନ କ୍ରମେ ନୂତନ କାର୍ଯ୍ୟକର୍ତ୍ତା ଭାବେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଏହି ନୂତନ କର୍ମ କର୍ତ୍ତା ଚୟନରେ ସନ୍ଦୀପ କୁମାର ଶତପଥୀ ସଭାପତି,ସୋରେନ କୁମାର ମହାନ୍ତି ସମ୍ପାଦକ,(ବିପିଇଏଫ୍) ଓଡ଼ିଶା ସର୍କଲ, ଇଂ.କାମାକ୍ଷା ପ୍ରସାଦ ପାତ୍ର ସଭାପତି , ବିଶ୍ୱନାଥ ସାମଲ ସମ୍ପାଦକ (ବିପିଇଏଫ୍ ପୋଷ୍ଟମ୍ୟାନ) ଓଡ଼ିଶା ସର୍କଲ, ହେମନ୍ତ ରାୟ ସଭାପତି ଗ୍ରାମୀଣ ଡାକ କର୍ମଚାରୀ ସଂଘ ଓଡ଼ିଶା ସର୍କଲ,ତୃତୀୟ ଥର ପାଇଁ ସତ୍ୟବ୍ରତ ଜେନା ଙ୍କୁ ସର୍କଲ ସମ୍ପାଦକ ଗ୍ରାମୀଣ ଡାକ କର୍ମଚାରୀ ସଂଘ ର ଦାୟିତ୍ୱ ଦିଆଯିବା ସହିତ ଅନ୍ୟ କର୍ମକର୍ତ୍ତାଙ୍କୁ ମଧ୍ୟ ନୂତନ ଭାବେ ଦାୟିତ୍ୱ ଦିଆଯାଇଥିଲା ।ଭୂପେନ କୁମାର ମୁଦୁଲି, ବିଶ୍ୱନାଥ ସାହୁ, ଭୀମସେନ ବିହାରୀ ଓ ସମ୍ଭବ କୁମାର ସ୍ୱାଇଁ ପ୍ରମୁଖ ଏହି ସମ୍ମିଳନୀ ସଭାକୁ ପରିଚାଳନା କରିଥିଲେ।

## ରାଷ୍ଟ୍ରୀୟ ସେବା ଯୋଜନାରେ ଯୋଗଦେଲେ ରାଜ୍ୟ ସଂଯୋଜକ

ଗଣିଆ, (ମହାଭାରତ): ଶିକ୍ଷାରେ ସମାଜ ସେବାକୁ ଏକ ସ୍ୱେଚ୍ଛାକୃତ କାର୍ଯ୍ୟଭାବେ ପ୍ରଚଳନ କରିବାକୁ ୧୯୬୯ମସିହା ସେପ୍ଟେମ୍ବର ୪ ତାରଖରେ ରାଷ୍ଟ୍ରୀୟ ସେବା ଯୋଜନା ଆରମ୍ଭ କରାଯାଇଥିଲା। ଗୋଷ୍ଠୀ ମାଧ୍ୟମରେ ଛାତ୍ରଛାତ୍ରମାନଙ୍କର ବ୍ୟକ୍ତିତ୍ୱର ବିକାଶର ଲକ୍ଷ ନେଇ ଆରମ୍ଭ କରାଯାଇଥବବା ଏହ ଯୋଜନାର ଆଦର୍ଶ ହେଉଛି ମୋ ପାଇଁ ନୁହେଁ ଆପଣଙ୍କ ପାଇଁ , ନିଜକୁ ବୁଝିବା ସହିତ ସେମାନଙ୍କ ସଂପର୍କକୁ ବୁଝିବା, ବିଭିନ୍ନ ସମସ୍ୟାକୁ ବୁଝି ତାର ସମାଧାନ କରିବା ଆଦି ଏହି କାର୍ଯକ୍ରମର ମୂଳ ଲକ୍ଷ । ମଙ୍ଗଳବାର ଗଣିଆ ବ୍ଲକ ଅନ୍ତର୍ଗତ ଶ୍ରୀ ଶ୍ରୀ ରଘୁନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆରମ୍ଭ ହୋଇଯାଇଛ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷା ସଲୀଳା ସେଠୀଙ୍କ ତ୍ୱାବଧାନରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଜାତୀୟ ସେବା ଯୋଜନାର ସଂଯୋଜକ ଡକ୍ଟର ବିଶ୍ ମୋହନ ଜେନା ଯୋଗଦେଇଥିବା ବେଳେ ସାମ୍ମାନୀତ ଅତିଥିଭାବେ ନୟାଗଡ଼ ଜିଲ୍ଲା ସଂଯୋଜକ ଡକ୍ଟର ଚିତ ରଞ୍ଜନ ଦାସ , ବିଦ୍ୟାଳୟପ୍ରୋଗ୍ରାମ ଅଫିସର ସୁନିଲ କୁମାର ନାୟକ ଓ ସଂସ୍କୃତ ବିଭାଗର ଅଧାପକ ପ୍ରଦ୍ୟୁମ୍ନ କୁମର ବଘାର ମଞ୍ଚାସିନ ଥିଲେ । ପ୍ରଥମେ ରଘୁନାଥଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ପରେ ଅତିଥି ମାନଙ୍କୁ ଫୁଲ ତୋଡ଼ା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ଶିବିରରେ ମହାବିଦ୍ୟାଳୟର ୩୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଯୋଗଦାନ କରିଥିବା ବେଳେ ଏହା ୨ଦିନ ଧରି ଚାଲିବ ବୋଲି ଅଧକ୍ଷା ଶ୍ରୀମତୀ ସେଠି କହିଥିଲେ। ତେବେ ଆଗାମୀ ଦିନରେ ଶିବିରରେ ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ଗ୍ରାମରେ ସ୍ୱଚ୍ଛତା କାର୍ଯ୍ୟକ୍ରମ, ବୃକ୍ଷ ରୋପଣ ଆଦି କାର୍ଯ୍ୟକ୍ରମ କରାଯିବ ବୋଲି ସୁଚନା ଦେଇଥିଲେ।

## ଫଟୋଗ୍ରାଫି କରି ତିଆରି କରିଛନ୍ତି ନିଜର ସ୍ୱତନ୍ତ୍ର ପରିଚୟ



ଗୋଟିଏ ଛୋଟିଆ ଗାଁ ସଠିଆପଲ୍ଲୀ ରେ ରୁହନ୍ତି କାହ୍ନୁ ।ବାପା ନିଳକଣ୍ଠ ସ୍ୱାଇଁ ବଡ଼ ପୁଅ ହେଉଛନ୍ତି କାହ୍ନୁଚରଣ ସ୍ୱାଇଁ। କାହ୍ନୁ ତୃତୀୟ ଶ୍ରେଣୀ ପଢୁଥିବା ବେଳୁ ଆରମ୍ଭ କରିଥିଲେ ଫଟୋଗ୍ରାଫି। ବାପା ଙ୍କ ପକେଟରୁ ଏକ ଟଙ୍କା ଠାରୁ ୧୦, ୨୦ ଟଙ୍କା ଲୁଚେଇ

ନୟାଗଡ଼, ( ମହାଭାରତ ) : ବିଶ୍ ଫଟୋଗ୍ରାଫି ଦିବସ ରେ ଫଟୋଗ୍ରାଫର ଙ୍କ ମତ। ଫଟୋଗ୍ରାଫି କରି ବନାଇ ପାରିଛନ୍ତି ନିଜର ସ୍ୱତନ୍ତ୍ର ପରିଚୟ। ନିଜ ଘରକୁ କରିଛନ୍ତି ଫଟୋଗ୍ରାଫି ହବ୍। ଏଭଳି ଜଣେ ସେ ଫଟୋଗ୍ରାଫର ଯେ ତାଙ୍କୁ ବିଭିନ୍ନ ମେଳା ମସୋସବ ଠାରୁ ଆରମ୍ଭ କରି ବାହାଘର ପୂଜା ପର୍ବାଣୀ ରେ ଖୋଜା ପଡ଼ନ୍ତି। ଆମେ କହୁଛୁ ସେହି ଚର୍ଚ୍ଚିତ ଫଟୋଗ୍ରାଫର କାହ୍ନୁଚରଣ ସ୍ୱାଇଁ ତଥା କାହ୍ନୁ ଙ୍କ କଥା। ଆଜକୁ ୨୨ବର୍ଷ ହେବ ସେ ଏହି ଫଟୋଗ୍ରାଫି କରି ନିଜ ପରିବାର ର ଭରଣ ପୋଷଣ କରିବା ସହ ବନାଇଛନ୍ତି ସ୍ୱତନ୍ତ୍ର ପରିଚୟ। ନୟାଗଡ଼ ସଦର ମହକୁମା ଠାରୁ ମାତ୍ର ୪ କିଲୋମିଟର ଗଲେ ଲୁଚେଇ କରି ନିଜ ପାଖରେ ଜମା ରଖି କିଣିଥିଲେ ୮୦୦ ଟଙ୍କା ଦେଇ ଏକ ରିଲ୍ କ୍ୟାମେରା। ଆଉ ସେହି ରିଲ୍ କ୍ୟାମେରା ରେ ନିଜ ମନ ପସନ୍ଦର କରିଥିଲେ ଫଟୋଗ୍ରାଫି। ଆଉ ସେବେଠାରୁ କାହ୍ନୁ ଙ୍କ ଜୀବନ ସାଥି ହୋଇଗଲା କ୍ୟାମେରାୟ ଆଜକୁ ୨୨ବର୍ଷ ହେବ ସେ କରୁଛନ୍ତି ଫଟୋଗ୍ରାଫି। ଘରେ ରଖିଛନ୍ତି ବିଭିନ୍ନ ଭେରାଇଟ୍ ର ବହୁ ନାମିଦାମୀ କ୍ୟାମେରା। ଆଉ ସେଥିରେ ସେ ବହୁ ବାହାଘର, ବ୍ରତଘର, ପୂଜା-ପାର୍ବାଣ ସହ ମେଳା ମସୋସବ କୁ ଉଉଳନ କରିଥାନ୍ତି। ଆଜି ଏହି ଫଟୋଗ୍ରାଫି ପାଇଁ ଓଡ଼ିଶା ରେ ମଧ ତିଆରି କରିପାରିଛନ୍ତି ସ୍ୱତନ୍ତ୍ର ପରିଚୟ। ଓଡ଼ିଶା ଆଗଧାଡ଼ିର ବହୁ ରାଜନେତା ଙ୍କ ଠାରୁ ଆରମ୍ଭ କରି ସିନେ କଳାକାର, ସମାଜସେବୀ, ସରକାରୀ ଅଧିକାରୀ ପାଖରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି କାହ୍ନ।

# ଆଦର୍ଶ ବିଦ୍ୟାଳୟ ଫାଟକ ସମ୍ମୁଖରେ କାଦୁଅ

## ଛାତ୍ରଛାତ୍ରୀଙ୍କ ଯାତାୟାତରେ ବାଧାପ୍ରାପ୍ତ

ନୂଆଗାଁ (ମହାଭାରତ) : ରାଜ୍ୟ ସରକାର ପ୍ରତେକ ବ୍ଲକରେ ମେଧାବୀ ଛାତ୍ର ଛାତ୍ରୀ ମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟ ନେଇ ଆଦର୍ଶ ବିଦ୍ୟାଳୟ ଖୋଲିଛନ୍ତି ।କିନ୍ତୁ ଆନୁସଙ୍ଗିକ ବ୍ୟବସ୍ଥା ନଥିବାରୁ ଛାତ୍ରଛାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଯାହା ଫଳରେ ଅଭିଭାବକ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛ। ଛାତ୍ରଛାତ୍ରୀ ମାନଙ୍କ ରହିବା ପାଇଁ ହଷ୍ଟେଲ ସୁବିଧା ନଥିବାରୁ ବାହାରେ ଘର ଭଡା ନେଇ ରହିବା ଫଳରେ




ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି ।ୟ ଛାତ୍ର ଛାତ୍ରୀ ଖେଳିବା ପାଁଇ ପଡିଆର ବ୍ୟବସ୍ଥା ନାହିଁ। ବିଦ୍ୟାଳୟ ଫାଟକ ପାଖରୁ ରାସ୍ତା କାଦୁଅ ହେଇଥିବାରୁ ସେହି ରସ୍ତା ଦେଇ ଛାତ୍ର ଛାତ୍ରୀ ମାନେ ବିପଦ ସଂକୁଳ ଅବସ୍ଥାରେ ଯିବାଆସିବା କରୁଛନ୍ତି କେତେ ବେଳେ ଅଘଟଣ ନଘଟିବ ତାହା କହି ହେବ ନାହିଁ। ତାହା ପାଁଇ କିଏ ଦାଇ ରହିବ ବୋଲି ଅଭିଭାବକ ମହଲରେ ଆଲୋଚନା ହେଉଛି। ଠିକାଦାର ସେହି ରାସ୍ତାରେ ଭାରି ଗାଡି ନେବା ଦ୍ୱାରା ରାସ୍ତା ଖରାପ ହେଉଛି କିନ୍ତୁ ରାସ୍ତା ମରାମତି କରୁନାହିଁ। ଫଳରେ ଛାତ୍ର ଛାତ୍ରୀ ବିଦ୍ୟାଳୟ କୁ ଯିବାଆସିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଓ ଠିକାଦାର ଦୃଷ୍ଟି ଦେବା ନିହାତି ଦରକାର ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ସ୍ୱାମୀଙ୍କୁ ମାରି ଘର ମାଲିକଙ୍କ ପୁଅ ସହ ଫେରାର ଥିବା ଦୁଷ୍ଚରିତା ନାରୀ ଗିରଫ

ନାଆଦିଲ୍ଲୀ : ସ୍ୱାମୀଙ୍କୁ ହତ୍ୟା କରି ଡ୍ରମରେ ଭର୍ତ୍ତି କରିବା ପରେ ଫେରାର ହୋଇଯାଇଥିବା ପତ୍ନୀ ଓ ତାଙ୍କ ପ୍ରେମିକାଙ୍କୁ ଶେଷରେ ଧରିବାକୁ ସକ୍ଷମ ହୋଇଛି ରାଜସ୍ଥାନ ପୁଲିସ୍ । ରବିବାର ସେମାନେ ଭଡ଼ାରେ ରହୁଥିବା ଖୈରଥାଲ-ତିଜାରା



ସ୍ଥିତ ଘରର ଛାତ ଉପରୁ ସ୍ୱାମୀଙ୍କ ଗଳିତ ମୃତଦେହ ମିଳିଥିଲା । ଡ୍ରମ୍ ଭିତରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ମିଳିଥିବା ବେଳେ ତାଙ୍କ ପତ୍ନୀ ଓ ୩ ପିଲା ଫେରାର ଥିଲେ । ବାସ୍ତବରେ ସ୍ୱାମୀଙ୍କୁ ମାରିବା ପରେ ସୁନିତା ନାମକ ମହିଳା ଘର ମାଲିକଙ୍କ ପୁଅ ଜିତେନ୍ଦ୍ର ସହ ଶନିବାର ଠାରୁ ଫେରାର ହୋଇ ଯାଇଥିଲେ । କିନ୍ତୁ ପୁଲିସ୍ ସୁନିତା ଓ ଜିତେନ୍ଦ୍ରଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଛି । ରବିବାର ସୁନିତାଙ୍କ ସ୍ୱାମୀ ହଂସରାମଙ୍କ ମୃତଦେହକୁ ଛାତ ଉପରେ ଥିବା ଗୋଟିଏ ବ୍ଲୁ ରଙ୍ଗର ଡ୍ରମ ଭିତରୁ ଠାବ କରାଯାଇଥିଲା । ଧାରୁଆ ଅସ୍ତ୍ରରେ ତଣ୍ଟି କାଟି ତାଙ୍କୁ ହତ୍ୟା କରାଯିବା ପରେ ଡ୍ରମ୍‌ରେ ଭର୍ତ୍ତି କରି ଛାତ ଉପରେ ରଖି ଦିଆଯାଇଥିଲା । ତେବେ ରବିବାର ଛାତ ଉପରେ ରହିଥିବା ଡ୍ରମ୍ ଭିତରୁ ଦୁର୍ଗନ୍ଧ ଆସୁଥିବା ପଡ଼ୋଶୀମାନେ ଅଭିଯୋଗ କରିବାରୁ ପୂରା ଘଟଣା ସାମ୍ନାକୁ ଆସିଥିଲା । ପୁଲିସ୍ କହିଛି ଯେ ମୃତଦେହକୁ ଡ୍ରମ୍‌ରେ ରଖି ଶୀଘ୍ର ପୋଚିବା ପାଇଁ ଏହା ଉପରେ ଲୁଣ ପକାଇଯାଇଥିଲା । ତେଣୁ ଦିନକ ଭିତରେ ମୃତଦେହ ପୋଚି ଯିବା ସହ ପ୍ରବଳ ଦୁର୍ଗନ୍ଧ ହୋଇଥିଲା । ପଡ଼ୋଶୀମାନେ ଏ ସମ୍ପର୍କରେ ଘର ମାଲିକଙ୍କୁ କହିବା ପରେ ଡ୍ରମ୍ ଭିତରୁ ହଂସରାମଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା । ହଂସରାମଙ୍କ ପ୍ରକୃତ ଘର ଉତ୍ତର ପ୍ରଦେଶର ଶାହଜାହାନପୁର । ଏଠାରେ ସେ ନିଜର ପତ୍ନୀ ଓ ୩ ପିଲାଙ୍କ ରହୁଥିଲେ । ସେ ଗୋଟିଏ ଇଟା ଭାଟିରେ କାମ କରିଥିବା ସହ ୨ ମାସ ହେଲା ନୂଆ ଭଡ଼ା ଘରକୁ ଆସୁଥିଲେ । ହଂସରାମ ସବୁ ଦିନ ମଦ ପିଅନ୍ତି । ଏପରି କି ସେ ଭଡ଼ାରେ ରହୁଥିବା ଘରର ମାଲିକଙ୍କ ପୁଅ ଜିତେନ୍ଦ୍ର ସହ ମିଶି ମଦ ପିଇବାକୁ ପଛାଉ ନଥିଲେ । ଉଭୟ ମଦ ପିଇବା ଭିତରେ ଜିତେନ୍ଦ୍ର ଓ ସୁନିତାଙ୍କ ଭିତରେ ସମ୍ପର୍କ ବଢ଼ିଥିଲା । ଧୀରେଧୀରେ ଏହା ପ୍ରେମର ରୂପ ନେଇଥିଲା । ଜିତେନ୍ଦ୍ର ପୂର୍ବରୁ ବାହା ହୋଇଥିଲେ ହେଁ ୧୨ ବର୍ଷ ତଳେ ପତ୍ନୀଙ୍କ ଦେହାନ୍ତ ହୋଇଯାଇଥିଲା । ଏଥିଯୋଗୁ ସେ ମଧ୍ୟ ସୁନିତାଙ୍କ ପ୍ରେମ ଉବୁଟୁବୁ ହେବାରେ ଲାଗିଥିଲେ । ଜିତେନ୍ଦ୍ର ଓ ସୁନିତା ପରସ୍ପରକୁ ଭଲ ପାଉଥିବା ବେଳେ ସେମାନଙ୍କ ରାସ୍ତାରେ ହଂସରାମ କଣ୍ଟା ହୋଇ ଛିଡ଼ା ହୋଇଥିଲେ । ଏହି କଣ୍ଟାକୁ ସବୁ ଦିନ ପାଇଁ ହଟାଇବା ପାଇଁ ଉଭୟ ଯୋଜନାବଦ୍ଧ ଭାବେ ହଂସରାମଙ୍କୁ ହତ୍ୟା କରି ଫେରାର ହୋଇ ଯାଇଥିଲେ ବୋଲି ପୁଲିସ୍ ଜାଣିବାକୁ ପାଇଛି ।

## ମହିଳା କନଷ୍ଟେବଲଙ୍କୁ ଅଟୋ ସହ ଘୋଷାଡ଼ି ନେଲା ମଦୁଆ ଡ୍ରାଇଭର

ନୂଆଦିଲ୍ଲୀ : ମହିଳା କନଷ୍ଟେବଲଙ୍କୁ ବିଚ୍ ରାସ୍ତାରେ ଘୋଷାଡ଼ି ନେଲା ଅଟୋ ଚାଳକ । ମହିଳା କନଷ୍ଟେବଲ ଜଣଙ୍କ ଅଟୋ ପଛରେ ଲାଖି ଥିବା ବେଳେ ତାଙ୍କୁ ରାସ୍ତାରେ ଘୋଷାଡ଼ି ଘୋଷାଡ଼ି ନେବାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି । ନିଶାରେ ବେପରୁଆ ଢଙ୍ଗରେ ବ୍ୟକ୍ତି ଜଣକ ଅଟୋ ଚଳାଉଥିଲା । ତାଙ୍କୁ ଅଟକିବାକୁ ମହିଳା କନଷ୍ଟେବଲ ଜଣଙ୍କ କହିବାରୁ ତାଙ୍କ ସହ ଏପରି ଘଟଣା ଘଟିଛି । ତାଙ୍କୁ ୧୦୦ରୁ ଅଧିକ ମିଟର ଯାଏ ଅଟୋ ଚାଳକ ଜଣଙ୍କ ଘୋଷାଡ଼ି ନେବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି । ମହାରାଷ୍ଟ୍ରର ସାତରା ସହରରେ ଏପରି ଘଟଣା ଘଟିଥିବା ବେଳେ ସାଧାରଣ ଲୋକଙ୍କ ହସ୍ତକ୍ଷେପ ଯୋଗୁ ମହିଳା କନଷ୍ଟେବଲ ଜଣଙ୍କ ରକ୍ଷା ପାଇଛନ୍ତି । ମହିଳା କନଷ୍ଟେବଲ ଭାଗ୍ୟଶ୍ରୀ ଯାଦବ ସାତରା ସହରର ଗୋଟିଏ କ୍ରସିଂରେ ଡ୍ୟୁଟି କରୁଥିଲେ । ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା ଅଟୋକୁ ସେ ଅଟକିବାକୁ କହିଥିଲେ । ସେ ଯାଞ୍ଚ ପାଇଁ ଅଟୋକୁ ଅଟକାଇବାକୁ ଚେଷ୍ଟା କରୁଥିବା ବେଳେ ଚଳାକ ଜଣକ କିଛି ଶୁଣି ନଥିଲା । ମଦ ନିଶାରେ ଗାଡ଼ି ଚଳାଉଥିବାରୁ ଜୋରିମାନା ଭୟରେ ଚାଳକ ଦେବରାଜ କାଲେ ନ ଅଟକି ଖସି ଯିବାକୁ ଚେଷ୍ଟା କରିଥିଲା । ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରୁଥିବା ବେଳେ ଅଟୋର ପଛ ପାଖରେ ଭାଗ୍ୟଶ୍ରୀ ଲାଖି ଯାଇଥିଲେ । ତଥାପି ଦେବରାଜ କିଛି ନଶୁଣି ତାଙ୍କୁ ୧୦୦ରୁ ଅଧିକ ମିଟର ଯାଏ ଘୋଷାଡ଼ି ନେଇଥିଲା । ଏହାକୁ ସାଧାରଣ ଲୋକ ଦେଖିବା ମାତ୍ରେ ଅଟକାଇବାକୁ ଚିତ୍କାର କରିଥିଲେ । ଏଥିସହ ଦେବରାଜକୁ ଅଟକାଇବାକୁ ସକ୍ଷମ ହୋଇଥିଲେ । ସେମାନେ ତାକୁ ମାଡ଼ ମାରିବା ସହ ଗୁରୁତର ଆହତ ହୋଇଥିବା ଭାଗ୍ୟଶ୍ରୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଏବେ ତାଙ୍କର ଚିକିତ୍ସା ଗୋଟିଏ ଘରୋଇ ହସ୍ପିଟାଲରେ କରାଯାଇଛି । ସେହିପରି ପୁଲିସ ମଦ ପିଇ ଗାଡ଼ି ଚଳାଇବା ଓ କର୍ତ୍ତବ୍ୟରତ ପୁଲିସ୍ କର୍ମଚାରୀଙ୍କୁ କ୍ଷତି ପହଞ୍ଚାଇବା ଘଟଣାରେ ଦେବରାଜକୁ ଗିରଫ କରିଛି ।

## ବ୍ରିଟେନରେ ପୁଣି ଶିଖଙ୍କୁ ଆକ୍ରମଣ ଭାରତରେ ଘୋର ଅସନ୍ତୋଷ

ନୂଆଦିଲ୍ଲୀ : ବ୍ରିଟେନରେ ପୁଣି ଭାରତୀୟ ଶିଖଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି । ଶୁକ୍ରବାର ବ୍ରିଟେନରେ ଘଟିଥିବା ଏହି ଘଟଣା ଭାରତର ଶିଖ୍ ସମ୍ପ୍ରଦାୟ ମଧ୍ୟରେ ଘୋର ଅସନ୍ତୋଷ ସୃଷ୍ଟି କରିଛି । ସୂଚନା ମୁତାବକ, ବ୍ରିଟେନ ୱାଲୱରହେମ୍ପଟନ୍ ରେଲୱେ ଷ୍ଟେସନ ନିକଟରେ ୩ ଜଣ କିଶୋର ଆସି ଦୁଇ ଜଣ ବରିଷ୍ଠ ଶିଖଙ୍କ ଉପରେ ଆକ୍ରମଣ କରିଥିଲେ । ଦୁଇ ବରିଷ୍ଠ ତଳେ



ପଡ଼ିଯିବା ପରେ ବି ଛାଡ଼ି ନଥିଲେ । ବାରମ୍ବାର ଗୋଇଠା ମାରିଥିଲେ । ଫଳରେ ସେମାନଙ୍କର ପଗଡ଼ି ଖୋଲିଯାଇଥିଲା । ଏହି ଘଟଣାରେ ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା କିନ୍ତୁ ପରେ ସେମାନଙ୍କୁ ଛାଡ଼ିଦେଇଥିବା ଜଣାପଡ଼ିଛି । ଏହି ଘଟଣାକୁ ନେଇ ଭାରତୀୟ ଶିଖ୍ ସମ୍ପ୍ରଦାୟ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ଶିରୋମଣି ଅକାଳି ଦଳର ମୁଖ୍ୟ ସୁଖବୀର ବାଦଲ ବିଦେଶମନ୍ତ୍ରୀ ଏସ ଜୟଶଙ୍କରଙ୍କୁ ନିଜର କ୍ଷୋଭ ଜଣାଇବା ସହ ବ୍ରିଟେନ ସରକାରଙ୍କ ଦୃଷ୍ଟିକୁ ଏହି ଘଟଣା ଆଣି ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଅପିଲ କରିଛନ୍ତି । ବ୍ରିଟେନରେ ରହୁଥିବା ଶିଖଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଅପିଲ କରିଛନ୍ତି ।

# ସୁପ୍ରିମକୋର୍ଟର ପୂର୍ବତନ ବିଚାରପତିଙ୍କୁ ଉପ ରାଷ୍ଟ୍ରପତି ପ୍ରାର୍ଥୀ କଲା ଇଣ୍ଡିଆ ମେଣ୍ଟ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିରୋଧୀଙ୍କୁ ଉପ ରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନଙ୍କୁ ସମର୍ଥନ କରିବାକୁ ଆହ୍ୱାନ କରିଥିଲେ ହେଁ ଇଣ୍ଡିଆ ମେଣ୍ଟ ପକ୍ଷରୁ ବଡ଼ ଘୋଷଣା କରାଯାଇଛି । ସେପଟେମ୍ବର ୯ରେ ହେବାକୁ ଥିବା ଉପ ରାଷ୍ଟ୍ରପତି ନିର୍ବାଚନ ପାଇଁ ବିରୋଧୀ ମେଣ୍ଟ ଇଣ୍ଡିଆ ପକ୍ଷରୁ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି । ବିରୋଧୀ ମେଣ୍ଟର ଉପ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଛନ୍ତି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ତଥା ଗୋଆର ପ୍ରଥମ ଲୋକାୟୁକ୍ତ ଜଷ୍ଟିସ ବି ସୁଦର୍ଶନ ରେଡ୍ଡୀ । ଇଣ୍ଡିଆ ମେଣ୍ଟ ଜଷ୍ଟିସ ରେଡ୍ଡୀଙ୍କୁ ପ୍ରାର୍ଥୀ କରିଥିବା ବେଳେ ତାଙ୍କର ଲଢ଼େଇ ଏନଡିଏ ପ୍ରାର୍ଥୀ ତଥା ମହାରାଷ୍ଟ୍ରର ରାଜ୍ୟପାଳ ସିପି ରାଧାକ୍ରିଷ୍ଣନଙ୍କ ସହ ହେବ । ଆନ୍ଧ୍ର ପ୍ରଦେଶର ରଙ୍ଗାରେଡ୍ଡୀ ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିବା ଜଷ୍ଟିସ ରେଡ୍ଡୀ ୧୯୭୧ରେ ଆଇନଜୀବୀ ଭାବେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ । ୧୯୪୬ ମସିହା ଜୁଲାଇ ୮ରେ ଜନ୍ମ ହୋଇଥିବା ଜଷ୍ଟିସ ରେଡ୍ଡୀ ଆନ୍ଧ୍ର ପ୍ରଦେଶ ହାଇକୋର୍ଟରେ ଆଇନଜୀବୀ ଭାବେ ପ୍ରଥମେ କାମ କରିଥିଲେ ।



୧୯୯୫ରେ ତାଙ୍କୁ ପ୍ରଥମଥର ପାଇଁ ଆନ୍ଧ୍ର ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ମିଳିଥିଲା । ଏହାପରେ ୨୦୦୫ରେ ସେ ଗୁହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ହୋଇଥିଲେ । ୧୯୯୦ରେ ସେ ସଂକ୍ଷିପ୍ତ ସମୟ ପାଇଁ କେନ୍ଦ୍ର ସରକାରରେ ଅତିରିକ୍ତ ଷ୍ଟାଣ୍ଡିଂ ଓକିଲ ଦାୟିତ୍ୱ ନିର୍ବାହ କରିଥିଲେ । ନିଜର ଆଇନଗତ କ୍ୟାରିୟରରେ ସେ ଓସମାନିଆ ବିଶ୍ୱବିଦ୍ୟାଳୟର ଆଇନ ପରାମର୍ଶ ଭାବେ ମଧ କାର୍ଯ୍ୟ କରିଛନ୍ତି । ବିଶିଷ୍ଟ ଆଇନଜ୍ଞ ଭାବେ ପରିଚିତ ଜଷ୍ଟିସ ରେଡ୍ଡୀ ୨୦୦୭ରେ ସୁପ୍ରିମକୋର୍ଟର ବିଚାରପତି ହେବା ସହ ୨୦୧୧ ଜୁଲାଇରେ ଅବସର ନେଇଥିଲେ । ଅବସର ନେବା ପରେ ସେ ଗୋଆର ପ୍ରଥମ ଲୋକାୟୁକ୍ତ ଭାବେ କାମ ଆରମ୍ଭ କରିଥିଲେ । ଜଷ୍ଟିସ ସୁଦର୍ଶନଙ୍କୁ ବିରୋଧୀ ମେଣ୍ଟର ମିଳିତ ପ୍ରାର୍ଥୀ କରାଯାଇଥିବା ସମ୍ପର୍କରେ ଘୋଷଣା କରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ ଆସନ୍ତା ଉପ ରାଷ୍ଟ୍ରପତି ନିର୍ବାଚନ ଗୋଟିଏ ବିଚାରଧାରାର ଲଢ଼େଇ । ସମସ୍ତ ବିରୋଧୀ ଏକାଠି ରହିଛନ୍ତି । ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଆକ୍ରମଣ କରାଯାଉଛି । ସେ ଗୁହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ଓ ସୁପ୍ରିମକୋର୍ଟର ବିଚାରପତି ଭାବେ କାମ କରିଛନ୍ତି । ସେ ସାମାଜିକ ଓ ରାଜନୀତିକ ନ୍ୟାୟର ଜଣେ ପ୍ରହରୀ ଭାବେ ଖ୍ୟାତି ଅର୍ଜନ କରି ସାରିଛନ୍ତି ବୋଲି ଖଡଗେ ସୂଚନା ଦେଇଛନ୍ତି ।

## ପିଲା ଜନ୍ମ କରିବ ରୋବୋଟ

ନୂଆଦିଲ୍ଲୀ : ଜଣେ ମହିଳା ଗର୍ଭବତୀ ହେବା ସାଧାରଣ ପ୍ରକ୍ରିୟା । କିନ୍ତୁ କେବେ କିଏ ଭାଇଛନ୍ତି କି, ରୋବୋଟ୍ ବି ପାଲି ଜନ୍ମକରିବ... ରୋବୋଟ୍ ବି ଗର୍ଭବତୀ ହେବ... କେହି କେବେ ସ୍ୱପ୍ନରେ ଭାବିନଥିବା କଥା ଏବେ ସତ ହେବାକୁ ଯାଉଛି । ପୂର୍ବରୁ ସରୋଗେସି, ଆଇ.ଭି.ଏଫ୍ ପ୍ରକ୍ରିୟାରେ ପିଲା ଜନ୍ମ ସମ୍ଭବ ହୋଇପାରୁଥିବା ବେଳେ ଏବେ ନୂଆ ପ୍ରକ୍ରିୟାରେ ପିଲା ଜନ୍ମ କରିବା ପାଇଁ ଯୋଜନା ଆରମ୍ଭ କରିଛି ଭାରତର ପଡ଼ୋଷି ରାଷ୍ଟ୍ର ଚାଇନା । ରୋବୋଟ୍ ସାହାଯ୍ୟରେ ପିଲା ଜନ୍ମ କରିବା ନେଇ ପ୍ରସ୍ତୁତି ଆରମ୍ଭ କରିଦେଇଛି ଚୀନ୍ । କାଇୱା ଟେକ୍ନୋଲୋଜି ଦ୍ୱାରା ନିର୍ମିତ ଏହି ରୋବୋଟ୍ ପାରମ୍ପରିକ ଓଠର କିମ୍ବା ସରୋଗେସି ଠାରୁ ଭିନ୍ନ । ଏଥିରେ ଏକ ବିଶେଷ ପ୍ରକାରର ଇନକ୍ୟୁବେସନ୍ ପଡ୍ ଏବଂ ରୋବୋଟିକ୍ ପେଟ ରହିବ, ଯାହା ମହିଳାଙ୍କ ଗର୍ଭରେ ଥିବା ପରିବେଶ ପ୍ରଦାନ କରିବ । ଏହି ରୋବୋଟ୍ ଗର୍ଭଧାରଣ ଠାରୁ ପିଲା ଜନ୍ମ ହେବା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ପୂରା କରିବାକୁ ଚେଷ୍ଟା କରିବ । କମ୍ପାନୀ କହିଛି ଯେ ଏହି ଟେକନିକ୍ ସେମାନଙ୍କ ପାଇଁ ସହାୟକ ହେବ ଯେଉଁମାନେ ସିଧାସଳଖ ସନ୍ତାନ ଚାହାଁନ୍ତି ।

# ରାହୁଲ ଗାନ୍ଧିଙ୍କୁ ନେଇ ବଡ଼ ବୟାନ ଦେଲେ ତେଜସ୍ୱୀ ଯାଦବ

ନୂଆଦିଲ୍ଲୀ : ଭୋଟର ତାଲିକାରେ ଜାଲିଆତି ଅଭିଯୋଗ ଆଣି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଓ ବିହାର ବିଧାନସଭାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ମିଳିତ ଭାବେ ଭୋଟର ଅଧିକାର ରାଲି କରୁଛନ୍ତି । ବିହାରର ନାୱାଡାରେ ଏହି ରାଲି ଚାଲିଥିବା ବେଳେ ରାହୁଲ ଗାନ୍ଧିଙ୍କୁ ନେଇ ବଡ଼ ବୟାନ ଦେଇଛନ୍ତି ତେଜସ୍ୱୀ ଯାଦବ । ଆସନ୍ତା ଲୋକସଭା ନିର୍ବାଚନ ବେଳେ ବିରୋଧୀ ଦଳଗୁଡ଼ିକ ରାହୁଲ ଗାନ୍ଧିଙ୍କୁ ପ୍ରଧାନମନ୍ତ୍ରୀ କରିବା ପାଇଁ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି । ଏହାର ଅର୍ଥ ୨୦୨୯ ଲୋକସଭା



ନିର୍ବାଚନରେ ଇଣ୍ଡିଆ ମେଣ୍ଟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ରାହୁଲ ଗାନ୍ଧି ହେବେ ବୋଲି ତେଜସ୍ୱୀ ସଙ୍କେତ ଦେଇଛନ୍ତି । ନାୱାଡାରେ ଚାଲିଥିବା ଭୋଟର ଅଧିକାର ରାଲି ସମୟରେ ତେଜସ୍ୱୀଙ୍କ ସହ ରାହୁଲ ଗାନ୍ଧି ମଧ୍ୟ ଉପସ୍ଥିତ ଥିଲେ । ଏହି ସମୟରେ ତେଜସ୍ୱୀ କହିଛନ୍ତି, "ଆସନ୍ତା ଥର ଆମେ ରାହୁଲ ଗାନ୍ଧିଙ୍କୁ ପ୍ରଧାନମନ୍ତ୍ରୀ କରିବୁ ।" ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ସମେତ ଏକାଧିକ ରାଜନୀତି ଦଳ ଏକାଠି ହୋଇଥିଲେ । ସେମାନେ ମିଳିତ ଭାବେ ନିର୍ବାଚନ ଲଢ଼ିଥିଲେ ହେଁ ମେଣ୍ଟ ପକ୍ଷରୁ କାହାକୁ ବି ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରାଯାଇ ନଥିଲା । ପ୍ରଧାନମନ୍ତ୍ରୀ ପ୍ରାର୍ଥୀତ୍ୱକୁ ନେଇ ମେଣ୍ଟରେ ମତ ପାର୍ଥକ୍ୟ ଦେଖିବାକୁ ମିଳିଥିଲା । ନିର୍ବାଚନ ପୂର୍ବରୁ ଟିଏମସି ମୁଖ୍ୟ ମମତା ବାନାର୍ଜୀ ଓ ଆପ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ବିରୋଧୀ ମେଣ୍ଟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହୁଅନ୍ତୁ ବୋଲି କହିଥିଲେ । ହେଲେ ସେମିତି କିଛି ବି ବିଧିବଦ୍ଧ ଭାବେ ବିରୋଧୀ ମେଣ୍ଟ ପକ୍ଷରୁ ନିଷ୍ପତ୍ତି ହୋଇ ନଥିଲା । ଏବେ କିନ୍ତୁ ତେଜସ୍ୱୀ ଖୋଲାଖୋଲି ଭାବେ ୨୦୨୯ରେ ରାହୁଲ ଗାନ୍ଧି ବିରୋଧୀ ମେଣ୍ଟର ପ୍ରଧାନମନ୍ତ୍ରୀ ଚେହେରା ହେବ ବୋଲି ସଙ୍କେତ ଦେଇଛନ୍ତି । ଭୋଟ ଅଧିକାର ରାଲିରେ ସେ କହିଛନ୍ତି, "ନିର୍ବାଚନ କମିଶନ ଓ ବିଜେପି ପରସ୍ପର ମଧ୍ୟରେ ଭାଗିଦାରୀ କରି ଭୋଟ ଚୋରି କରିବା ଓ ବିହାର ଲୋକଙ୍କୁ ବୋକା ବନାଇବାକୁ ଚାହୁଁଛନ୍ତି । ବିଜେପି ଭୋଟ ଦେବାର ଅଧିକାର ଛଡ଼ାଇ ନେବାକୁ ଉଦ୍ୟମ କରୁଛି । ଆମେ ବିହାରୀ । ଜଣେ ବିହାରୀ ସମସ୍ତଙ୍କୁ ମାତ ଦେଇ ପାରିବ । ଆମେ ନିର୍ବାଚନକୁ ଖଇନି ଭଳି ବ୍ୟବହାର କରୁ । ଏହାକୁ ଚୋବାଇ ଥାଉ ଓ ଫିଙ୍ଗି ଦେଇଥାଉ ।"

## ବର୍ଷା ତାଣ୍ଡବ: ଯାତାୟାତ ଠପ୍

ମୁମ୍ବାଇ : କେବେ କାହା ପାଇଁ ଅଟକୁଥିବା ସହରର ଗତିକୁ ଆଜି ରୋକି ଦେଇଛି ଜଳ । ବର୍ଷା ଯୋଗୁଁ ଆଜି ଠପ୍ ହୋଇଯାଇଛି ସ୍ୱପ୍ନର ସହର ମୁମ୍ବାଇର ଗତି । ପରିସ୍ଥିତି ଏପରି ଯେ ରାସ୍ତାଘାଟ ସବୁକିଛି ଜଳମଗ୍ନ । ଯୁଆଡେ ଚାହିଁବ ଖାଲି ପାଣି ହିଁ ପାଣି । ବୁଡ଼ିଯାଇଛି ରାସ୍ତା ଘାଟ, ବିମାନବନ୍ଦର ଓ ସହରର ଅନେକ ପ୍ରମୁଖ ସ୍ଥାନ । ଯେଉଁ ସହର ନିଜ ବୈଭବ ଉପରେ ଗର୍ବ କରେ ଆଜି ସେ ଜଳବନ୍ଦୀ । ସେଇଥିପାଇଁ ତ କୁହାଯାଏ ଜଳ ବହୁଳେ ସୃଷ୍ଟି ନାଶ ଜଳ ବିହୁନେ ସୃଷ୍ଟି ନାଶ । ହଁ ଆଜ୍ଞା, ଆଜି ବର୍ଷାରେ ବେହାଲ ମାୟନଗରୀ । ତେବେ ଏହା



ପ୍ରଥମ ଥର ନୁହେଁ, ମୁମ୍ବାଇରେ ପ୍ରତିବର୍ଷ ଏଭଳି ବର୍ଷା ହୁଏ ଏବଂ ଲୋକେ ନାନା ସମସ୍ୟାର ସମ୍ମୁଖୀନ ମଧ୍ୟ ହୁଅନ୍ତି । ହେଲେ ଚଳିତ ବର୍ଷ ମୁମ୍ବାଇରେ ତାଣ୍ଡବ ରଚିଛି ବର୍ଷା ଆଉ ଏଥିରେ ଚାଲିଯାଇଛି ୧୨ ଜଣଙ୍କ ଜୀବନ । ଘର, ସ୍କୁଲ, ଅଫିସ୍ ଠାରୁ ଆରମ୍ଭ କରି ରାସ୍ତା ପର୍ଯ୍ୟନ୍ତ ସବୁଠି ପାଣି ଜମି ରହିଛି । ଅନେକ ଅଞ୍ଚଳରେ ଘରର ପ୍ରଥମ ମହଲା ପର୍ଯ୍ୟନ୍ତ ପାଣି ପହଞ୍ଚିଛି । ପରିସ୍ଥିତି ଏମିତି ଯେ ମୁମ୍ବାଇର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି ଏବଂ ଘରୋଇ କମ୍ପାନୀଗୁଡ଼ିକ କର୍ମଚାରୀମାନଙ୍କୁ ୱାର୍କ ଫର୍ମ ହୋମ୍ କରିବାକୁ କହିଛନ୍ତି । ସ୍ଥାନୀୟ ଟ୍ରେନ୍ ଯାତାୟାତ ମଧ୍ୟ ଗୁରୁତର ଭାବରେ ପ୍ରଭାବିତ ହୋଇଛି । ମୁମ୍ବାଇରେ ବର୍ଷା ଯୋଗୁଁ ୨୫୦ ରୁ ଅଧିକ ବିମାନ ବିଳମ୍ବରେ ଉଡ଼ାଣ କରୁଛି । ମୁମ୍ବାଇର ରାସ୍ତାଗୁଡ଼ିକ ୨ ରୁ ୪ ଫୁଟ ପାଣିରେ ବୁଡ଼ି ରହିଛି । ଜଳବନ୍ଦୀ ଯୋଗୁଁ ମୁମ୍ବାଇର ଅନ୍ଧେରୀ ସବୱେ ମଧ୍ୟ ବନ୍ଦ ରହିଛି । ମୁମ୍ବାଇ ଏବଂ ମହାରାଷ୍ଟ୍ରର ଅନେକ ଜିଲ୍ଲାରେ ନିରନ୍ତର ପ୍ରବଳ ବର୍ଷା ହେଉଛି । ଯାହା ବର୍ତ୍ତମାନ ସାଧାରଣ ଜୀବନଯାତ୍ରାକୁ ପ୍ରବାହିତ କରିଛି । ମୁମ୍ବାଇ, ଥାନେ, ପାଲଘର ଏବଂ ନଭି ମୁମ୍ବାଇର ଅନେକ ଅଞ୍ଚଳରେ ରାସ୍ତାରେ ପାଣି ଜମି ରହିବା ଯୋଗୁଁ ଯାତାୟାତ ଏକପ୍ରକାର ଠପ୍ ହୋଇଯାଇଛି । ଆଇଏମଡି ଥାନେ ଏବଂ ପାଲଘର ଜିଲ୍ଲାରେ ୧୮-୧୯ ଅଗଷ୍ଟ ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି । ବିଏମସି କହିଛି ଯେ ମୁମ୍ବାଇ ଏବଂ ଉପକଣ୍ଠରେ ଲଗାତାର ପ୍ରବଳ ବର୍ଷା ଯୋଗୁଁ ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି । ବିପଦ ଏପର୍ଯ୍ୟନ୍ତ ଟଳି ନାହିଁ । ବର୍ଷା ସମ୍ପର୍କରେ ଆଇଏମଡି ରେଡ୍ ଆଲର୍ଟ ଜାରି କରିଛି । ସତର୍କତା ସ୍ୱରୂପ, ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍କୁଲ ଓ କଲେଜ ଗୁଡ଼ିକୁ ବନ୍ଦ ଘୋଷଣା କରାଯାଇଛି । ବିଏମସି ଏହା ମଧ୍ୟ କହିଛି ଯେ ଜରୁରୀକାଳୀନ ସେବା କାର୍ଯ୍ୟାଳୟ ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟାଳୟରେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯାଇଛି ।

# ଯୁଦ୍ଧ ବନ୍ଦ ପାଇଁ ଜେଲେନସ୍କିଙ୍କ ସହ ଟ୍ରମ୍ପଙ୍କ ଆଲୋଚନା

ନୂଆଦିଲ୍ଲୀ : ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କୁ ଭେଟିଲେ ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ । ହ୍ୱାଇଟ୍ ହାଉସରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି । ଦୀର୍ଘ ସାଢେ ୩ ବର୍ଷ ଧରି ଚାଲିଥିବା ଋଷ-ୟୁକ୍ରେନ ଯୁଦ୍ଧର ପରିସମାପ୍ତି ପାଇଁ ଜେଲେନସ୍କିଙ୍କ ସହ ଆଲୋଚନା କରିଛନ୍ତି ଟ୍ରମ୍ପ । ୩ ଦିନ ତଳେ ଆଲାସ୍କାରେ ଋଷ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସହ ଟ୍ରମ୍ପ ଆଲୋଚନା କରିଥିଲେ । ଏହାପରେ ଜେଲେନସ୍କିଙ୍କ ସହ ଆଲୋଚନା କରିଛନ୍ତି ଟ୍ରମ୍ପ । ଯୁଦ୍ଧ ବନ୍ଦ ପାଇଁ ପୁଟିନ୍ ଚାହୁଁଥିବା ଜେଲେନସ୍କିଙ୍କୁ ଅବଗତ କରିଛନ୍ତି ଆମେରିକା ରାଷ୍ଟ୍ରପତି । ଉଭୟ ଟ୍ରମ୍ପ ଓ ଜେଲେନସ୍କି ପୁଟିନଙ୍କ ସହ ମିଶି ତ୍ରିପାକ୍ଷିକ ଆଲୋଚନା କରିବା ପାଇଁ ସହମତି ପ୍ରକାଶ କରିଛନ୍ତି । ଯୁଦ୍ଧର ପରିସମାପ୍ତି ଶୀଘ୍ର ହେବା ଆବଶ୍ୟକ ବୋଲି କହିଛନ୍ତି ଟ୍ରମ୍ପ । ଯୁଦ୍ଧ ବନ୍ଦ ହେଲେ ୟୁକ୍ରେନକୁ କେବଳ ଆମେରିକା ନୁହେଁ, ଅନ୍ୟ ୟୁରୋପୀୟ ଦେଶଗୁଡିକ ମଧ୍ୟ ସୁରକ୍ଷା ଯୋଗାଇଦେବେ । ୟୁକ୍ରେନ-ଋଷ ଯୁଦ୍ଧ ପ୍ରସଙ୍ଗରେ ଆଲୋଚନା ପାଇଁ ହ୍ୱାଇଟ୍ ହାଉସରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେୟର ଷ୍ଟାରମର, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ, ଜର୍ମାନ ଚାନସେଲର ଫ୍ରେଡରିକ୍ ମର୍ଜ, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି, ଫିନଲାଣ୍ଡ ରାଷ୍ଟ୍ରପତି ପ୍ରମୁଖ ପହଞ୍ଚିଥିଲେ । ଟ୍ରମ୍ପ ଓ ଜେଲେନସ୍କିଙ୍କ ସହ ସେମାନଙ୍କର ମଧ୍ୟ ଆଲୋଚନା ହୋଇଥିଲା । ଜେଲେନସ୍କିଙ୍କ ସହ ଆଲୋଚନା କରିବା ପରେ ଟ୍ରମ୍ପ ୟୁରୋପୀୟ ନେତାମାନଙ୍କ ସହ ଫଟୋ ଉଠାଇଥିଲେ ।

# ୱାର୍କ ଫର୍ମ ହୋମ ପାଇଁ ଇଚ୍ଛୁକ ନୁହନ୍ତି କର୍ମଚାରୀ : ଜେନ୍ ଜେଡ

ନୂଆଦିଲ୍ଲୀ : ବର୍ତ୍ତମାନ ଯୁଗରେ ଲୋକ ନିଜ ଜୀବନ ହେଉ କି କାର୍ଯ୍ୟଶୈଳୀ ସବୁଥିରେ ସବୁ କାମରେ ଲୋକେ ଡିଜିଟାଇଲ କରିବାକୁ ଚାହୁଁଛନ୍ତି । କାରଣ ଏହି ଯୁଗରେ ବିଭିନ୍ନ କାମକୁ ଲୋକେ ଆଗକୁ ନେବାକୁ ଚାହୁଁଛନ୍ତି କାରଣ ଯୁଗ ବଢୁଛି ତାହା ସହ ଲୋକଙ୍କ ବ୍ୟସ୍ତତା ଜୀବନଶୈଳୀ ମଧ୍ୟ । ଏବେ ଏକ ରିପୋର୍ଟ ବାହାରିଛି ସେହି ତଥ୍ୟ ଅନୁଯାୟୀ ପ୍ରକାଶ ପାଇଛି ଯେ ଲୋକେ ଭର୍ଚୁଆଲ ହେବା ପାଇଁ ଚାହୁଁଛନ୍ତି କାରଣ ଜେନେରେସନ୍ ତ ପାଇଁ, ମାନବ ସଂଯୋଗ, ପରାମର୍ଶ ଏବଂ ଦୃଶ୍ୟମାନତା କ୍ୟାରିଅର ଅଭିବୃଦ୍ଧିର ଗୁରୁତ୍ୱପୂର୍ଣ୍ଣ ଉପାଦାନ ହୋଇ ରହିଛି । ଦୂରବର୍ତ୍ତୀ କାର୍ଯ୍ୟ ମଡେଲରେ ଅନ୍ତର୍ନିହିତ ସୀମାକୁ ଉଜ୍ଜ୍ୱଳ କରିଥାଏ ।



ସୀମିତ ପରାମର୍ଶ ସୁଯୋଗ : ଭର୍ଚୁଆଲ୍ କାମ ଅଭିଜ୍ଞ ସହକର୍ମୀଙ୍କ ପ୍ରବେଶକୁ ହ୍ରାସ କରେ ଏବଂ ବୃତ୍ତିଗତ ବିକାଶ ପାଇଁ ଅତ୍ୟାବଶ୍ୟକ ଅନୌପଚାରିକ ମାର୍ଗଦର୍ଶନ କରାଯାଏ । ଦୂରବର୍ତ୍ତୀ କାର୍ଯ୍ୟ ଅବଦାନକୁ ଲୁଚାଇ ଦେଇପାରେ, ଯାହା ଦ୍ୱାରା ପରିଚୟ ଏବଂ କ୍ୟାରିଅରର ଉନ୍ନତି ଅଧିକ କଷ୍ଟକର ହୋଇପଡ଼େ । ବ୍ୟକ୍ତିଗତ ଭାବରେ ପ୍ରକାଶନ ବିନା, ଜଣଙ୍କର କାମ କିପରି ବଡ଼ କମ୍ପାନୀ ଲକ୍ଷ୍ୟକୁ ପ୍ରଭାବିତ କରେ ତାହା ବୁଝିବା କଷ୍ଟକର ହୋଇପଡ଼େ । ଏକାକିତା ଏବଂ ସୀମିତ ମୁହାଁମୁହିଁ ପାରସ୍ପରିକ କ୍ରିୟା ନକାରାତ୍ମକ ଭାବରେ କାର୍ଯ୍ୟ, ସୃଜନଶୀଳତା ଏବଂ ମାନସିକ ସୁସ୍ଥତାକୁ ପ୍ରଭାବିତ କରେ । ଭର୍ଚୁଆଲ୍ ସେଟିଂରେ ସ୍ୱତଃସ୍ଫୂର୍ତ୍ତ ସମସ୍ୟା ସମାଧାନ ଆଲୋଚନା ଏବଂ ଆକସ୍ମିକ ଜ୍ଞାନ ବାଣ୍ଟିବା ପ୍ରାୟତଃ ଅନୁପସ୍ଥିତ ଥାଏ । ଦୂରବର୍ତ୍ତୀ କାର୍ଯ୍ୟରେ ଏରଭ ତ ସମ୍ମୁଖୀନ ହେଉଥିବା ଅସୁବିଧାଗୁଡ଼ିକ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକ କାର୍ଯ୍ୟ କିପରି କରାଯାଏ ତାହା ପୁନଃପରିଭାଷିତ କରିଥିବା ବେଳେ, ସେମାନେ କର୍ମଶକ୍ତିର ସର୍ବକନିଷ୍ଠ ସଦସ୍ୟମାନଙ୍କ ପାଇଁ ଅପ୍ରତ୍ୟାଶିତ ଚ୍ୟାଲେଞ୍ଜ ମଧ୍ୟ ଆଣିଛନ୍ତି । ଏରଭ ତ ପାଇଁ, ସମ୍ପୂର୍ଣ୍ଣ ଦୂରବର୍ତ୍ତୀ ପରିବେଶ ପ୍ରାୟତଃ ବୃତ୍ତିଗତ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ପଥଗୁଡ଼ିକୁ ଅସ୍ପଷ୍ଟ କରିଥାଏ, ଦୃଶ୍ୟମାନତାକୁ ହ୍ରାସ କରିଥାଏ ଏବଂ ପରାମର୍ଶ ଏବଂ ସହଯୋଗୀ ଶିକ୍ଷାର ଆବୃତ୍ତିକୁ ହ୍ରାସ କରିଥାଏ । ପାରମ୍ପରିକ ବ୍ୟକ୍ତିଗତ ପାରସ୍ପରିକ କ୍ରିୟାକୁ ଭର୍ଚୁଆଲ୍ ବିକଳ୍ପ ଦ୍ୱାରା ବଦଳାଗଲେ ଏହି ପିଢ଼ି କେଉଁ ନିର୍ଦ୍ଦିଷ୍ଟ ଅସୁବିଧାର ସମ୍ମୁଖୀନ ହୁଏ ତାହା ନିମ୍ନଲିଖିତ ବିନ୍ଦୁଗୁଡ଼ିକ ଦର୍ଶାଏ । ହାଇବ୍ରିଡ୍ ସମାଧାନ ହାଇବ୍ରିଡ୍ କାର୍ଯ୍ୟ ମଡେଲ୍ ?ଗୁଡ଼ିକ ଏକ ଆପୋଷ ସମାଧାନ ପ୍ରଦାନ କରନ୍ତି, ଯେଉଁଥିରେ ୭୧% ଜେନ୍ ଜେଡ୍ କର୍ମଚାରୀ ବ୍ୟକ୍ତିଗତ ଏବଂ ଦୂରବର୍ତ୍ତୀ କାର୍ଯ୍ୟର ମିଶ୍ରଣକୁ ପସନ୍ଦ କରନ୍ତି । ତଥାପି, ଅର୍ଥପୂର୍ଣ୍ଣ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ହାଇବ୍ରିଡ୍ ଦଳଗୁଡ଼ିକୁ ଉଦ୍ଦେଶ୍ୟମୂଳକ ଭାବରେ ସଂରଚିତ କରାଯିବା ଆବଶ୍ୟକ । ସମାଧାନଗୁଡ଼ିକ ମଧ୍ୟରେ ସ୍ଥିରୀକୃତ ଅଫିସ୍ ଦିନ, ପରାମର୍ଶ ଅଧିବେଶନ ଏବଂ କେନ୍ଦ୍ରିତ କ୍ୟାରିଅର୍ ଆଲୋଚନା ଅନ୍ତର୍ଭୁକ୍ତ ଯାହା ଦ୍ୱାରା ଯୁବ କର୍ମଚାରୀମାନେ ଆବଶ୍ୟକ ମାର୍ଗଦର୍ଶନ, ଦୃଶ୍ୟମାନତା ଏବଂ ସଂଯୋଗ ବିକଶିତ କରିପାରିବେ । ବ୍ୟାପକ କର୍ମଶକ୍ତିର ପ୍ରଭାବ ପୁରୁଣା ପିଢ଼ି ସମ୍ପୂର୍ଣ୍ଣ ଦୂରବର୍ତ୍ତୀ ବ୍ୟବସ୍ଥା ଆଡ଼କୁ ଆକର୍ଷିତ ହୋଇପାରନ୍ତି, ଯଦି ଦୂରବର୍ତ୍ତୀ କାର୍ଯ୍ୟ ପ୍ରାଧାନ୍ୟ ବିସ୍ତାର କରେ, ତେବେ ସଂଗଠନଗୁଡ଼ିକ ଶିକ୍ଷା, ଉନ୍ନତି ଏବଂ ନିୟୋଜିତତାରେ ଅସମାନତା ସୃଷ୍ଟି କରିବାର ବିପଦ ସୃଷ୍ଟି କରନ୍ତି । ପ୍ରଯୁକ୍ତିବିଦ୍ୟା ମାନବ ପାରସ୍ପରିକ କ୍ରିୟା, ପରାମର୍ଶ ଏବଂ ବୃତ୍ତିଗତ ଅଭିବୃଦ୍ଧିକୁ ଆକାର ଦେଉଥିବା ଅନୌପଚାରିକ ଅଭିଜ୍ଞତାର ସୂକ୍ଷ୍ମତାକୁ ପ୍ରତିସ୍ଥାପନ କରିପାରିବ ନାହିଁ । ନିଯୁକ୍ତିଦାତାଙ୍କ ପାଇଁ, ପ୍ରତିଭାକୁ ପୋଷଣ, ସହଯୋଗକୁ ପ୍ରୋତ୍ସାହିତ କରିବା ଏବଂ ସଂଗଠନିକ ସଂହତି ବଜାୟ ରଖିବା ପାଇଁ ସୁଚିନ୍ତିତ ରଣନୀତି ସହିତ ନମନୀୟତାକୁ ସନ୍ତୁଳିତ କରିବା ଚ୍ୟାଲେଞ୍ଜ ।

## ମହିଳା ଦିନିକିଆ ବିଶ୍ୱକପ୍ ୨୦୨୫

# ହରମନପ୍ରୀତଙ୍କ ନେତୃତ୍ୱରେ ଖେଳିବ ଭାରତ

## ବାଦ୍ ପଡ଼ିଲେ ସେଫାଳୀ ବର୍ମା

## ଫେରିଲେ ରେଣୁକା ସିଂ

ନୂଆଦିଲ୍ଲୀ,୧୯।୮: ମହିଳା ଦିନିକିଆ ବିଶ୍ୱକପ୍ ୨୦୨୫ ପାଇଁ ଭାରତୀୟ ଦଳ ଘୋଷଣା ହୋଇଛି। ଏଥର ଟୁର୍ଣ୍ଣାମେଣ୍ଟ ଭାରତ ଓ ଶ୍ରୀଲଙ୍କାର ମିଳିତ ଆୟୋଜନରେ ହେଉଛି। ଆଶା ଅନୁଯାୟୀ, ଦଳର ନେତୃତ୍ୱଭାର ହରମନପ୍ରୀତ କୌରଙ୍କ ହାତରେ ରହିଛି। ଦଳରେ ବିସ୍ଫୋରକ ଓପନର ଶେଫାଳି ବର୍ମାଙ୍କୁ ସ୍ଥାନ ମିଳିନି। ବିଶ୍ୱକପ୍ ଦଳରେ ରେଣୁକା ସିଂହଙ୍କୁ ସ୍ଥାନ ମିଳିଛି।ଉଲ୍ଲେଖନୀୟ ଭାରତ ବିଶ୍ୱ କପରେ ନିଜର ଅଭିଯାନ ସେପ୍ଟେମ୍ବର ୩୦ରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରୁ କରିବ।ଶେଫାଳି ବର୍ମା ନିଜର ବିସ୍ଫୋରକ ବ୍ୟାଟିଂ ପାଇଁ ପରିଚିତ। ମାତ୍ର ଖରାପ ପ୍ରଦର୍ଶନ କାରଣରୁ ତାଙ୍କୁ ବିଶ୍ୱକପ୍ ଦଳରେ ସ୍ଥାନ ମିଳିନି। ସେ ଇଂଲଣ୍ଡ ଗସ୍ତରେ ୭ ମାସ ପରେ ଦଳକୁ ଫେରିଥିଲେ। ମାତ୍ର ସିରିଜରେ ବର୍ମା ୫ଟି ଟି-୨୦ ମ୍ୟାଚ୍‌ରେ ୧୭୬ ରନ କରି ପାରିଥିଲେ। ଏହା ବ୍ୟତୀତ ସେ ଇଣ୍ଡିଆ ଏ ଟିମ ସହ ଅଷ୍ଟ୍ରେଲିଆ। ଗସ୍ତ କରିଥିଲେ। ଏଠାରେ ସେ ତିନୋଟି ଟି-୨୦ ମ୍ୟାଚ୍‌ରେ ୩, ୩ ଏବଂ ୪୧ ରନ କରିଥିଲେ। ଫଳରେ ଓପନର ଭାବେ ପ୍ରତିକା ରାୱଲଙ୍କୁ ସୁଯୋଗ ମିଳିଛି।

ତେବେ, ଟୁର୍ନାମେଣ୍ଟର ଉଦଘାଟନୀ ମ୍ୟାଚର ସ୍ଥାନ ଏପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇନାହିଁ। କର୍ଣ୍ଣାଟକ ସରକାରଙ୍କ ନିଯୁକ୍ତ ଏକ କମିଶନ ବେଙ୍ଗାଲୁରୁର ଏମ ଚିନ୍ନୀତପାମୀ ଷ୍ଟାଡିୟମକୁ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁର ଆଇପିଏଲ ୨୦୨୫ ବିଜୟ ପରେଡ ଓ ଉତ୍ସବ ସମୟରେ ହୋଇଥିବା ଭୟାବହ ଜନଗହଳି ପରେ ବୃହତ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଅସୁରକ୍ଷିତ ଘୋଷଣା କରିଛି।

୨୦୨୪ ଆରମ୍ଭରୁ ଭାରତୀୟ ମହିଳା ଦଳ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆକୁ ଛାଡ଼ି ଅନ୍ୟ ସମସ୍ତ ଦଳ ବିପକ୍ଷରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ହରମନପ୍ରୀତଙ୍କ ନେତୃତ୍ୱାଧୀନ ଦଳ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ ଓ ଆୟାରଲାଣ୍ଡକୁ ପରାସ୍ତ କରିଥିବା ବେଳେ ଇଂଲଣ୍ଡ ବିପକ୍ଷରେ ସମ୍ପ୍ରତି ସମାପ୍ତ ସିରିଜରେ ୨-୧ରେ ବିଜୟୀ ହୋଇଛି। ଶ୍ରୀଲଙ୍କାରେ ଅନୁଷ୍ଠିତ ତ୍ରି-ଦେଶୀୟ ଟୁର୍ନାମେଣ୍ଟରେ ମଧ୍ୟ ଭାରତ ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକାକୁ ହରାଇ ଟ୍ରଫି ଜିତିଛି। ତେବେ, ବିଶ୍ୱ ଚାମ୍ପିଅନ ଅଷ୍ଟ୍ରେଲିଆ। ବିପକ୍ଷରେ ଆଗାମୀ ଦିନିକିଆ ସିରିଜ (୧୪ରୁ ୨୦ ସେପ୍ଟେମ୍ବର) ମୁଲ୍ଲାନପୁର ଓ ଦିଲ୍ଲୀରେ ଖେଳାଯିବ, ଯାହା ବିଶ୍ୱକପ ପୂର୍ବରୁ ଭାରତର ଅନ୍ତିମ ପ୍ରସ୍ତୁତି ହେବ।

**ମହିଳା ଦିନିକିଆ ବିଶ୍ୱକପ୍ ପାଇଁ ଭାରତୀୟ ଦଳ।**

ହରମନପ୍ରୀତ କୌର(ଅଧିନାୟକ), ସ୍ମୃତି ମନ୍ଧାନା(ଉପ ଅଧିନାୟକ), ପ୍ରତିକା ରାୱଲ, ହରଲୀନ ଦେଓଲ, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗ୍ସ, ରେଣୁକା ସିଂ ଠାକୁର, ଅରୁନ୍ଧତି ରେଡ୍ଡୀ, ରିଚା ଘୋଷ(ୱିକେଟ୍ କିପର), କ୍ରାନ୍ତି ଗୌଡ଼, ସୟାଲୀ ସତଘରେ, ରାଧା ଯାଦବ, ଶ୍ରୀ ଚରଣୀ, ଯାସ୍ତିକ ଭାଟିଆ।(ୱିକେଟ୍ କିପର), ସ୍ନେହ ରାଣା।

**ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ ପାଇଁ ଦଳ:**

ହରମନପ୍ରୀତ କୌର (ଅଧିନାୟକ), ସ୍ମୃତି ମନ୍ଧାନା (ଉପ-ଅଧିନାୟକ), ପ୍ରତିକା ରାୱଲ, ହରଲୀନ ଦେଓଲ, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗ୍ୟୁଜ, ରେଣୁକା ସିଂ ଠାକୁର, ଅରୁନ୍ଧତୀ ରେଡ୍ଡୀ, ରିଚା ଘୋଷ (ଉଇକେଟକିପର), କ୍ରାନ୍ତି ଗୌଡ଼, ସାୟାଲୀ ସାତଘରେ, ରାଧା ଯାଦବ, ଶ୍ରୀ ଚରଣୀ, ଯାସ୍ତିକା ଭାଟିଆ। (ଉଇକେଟକିପର), ସ୍ନେହ ରାଣା

ଭାରତର ବିଶ୍ୱକପ୍ କାର୍ଯ୍ୟସୂଚୀ

ମହିଳା ଦିନିକିଆ ବିଶ୍ୱକପ୍ ୨୦୨୫ ଭାରତ ଏବଂ ଶ୍ରୀଲଙ୍କା ଦ୍ୱାରା ମିଳିତ ଭାବରେ ଆୟୋଜନ କରାଯିବ ସେପ୍ଟେମ୍ବର ୩୦ରେ ଉଦଘାଟନୀ ମ୍ୟାଚ୍ ଏବଂ ନଭେମ୍ବର ୨ରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ଏହି ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ, ଯାହା ରାଉଣ୍ଡ-ରବିନ୍ ଫର୍ମାଟରେ ଖେଳାଯିବ।




### ଭାରତର କ୍ରୀଡ଼ାସୂଚୀ

୩୦ ସେପ୍ଟେମ୍ବର - ଭାରତ ବନାମ ଶ୍ରୀଲଙ୍କା
୫ ଅକ୍ଟୋବର - ଭାରତ ବନାମ ପାକିସ୍ତାନ
୯ ଅକ୍ଟୋବର - ଭାରତ ବନାମ ଦକ୍ଷିଣ ଆଫ୍ରିକା
୧୨ କ୍ଟୋବର - ଭାରତ ବନାମ ଅଷ୍ଟ୍ରେଲିଆ।
୧୯ ଅକ୍ଟୋବର - ଭାରତ ବନାମ ଇଂଲଣ୍ଡ
୨୩ ଅକ୍ଟୋବର - ଭାରତ ବନାମ ନ୍ୟୁଜିଲ୍ୟାଣ୍ଡ
୨୬ ଅକ୍ଟୋବର - ଭାରତ ବନାମ ବାଂଲାଦେଶ

# ଡାଏମଣ୍ଡ ଲିଗ୍ ଫାଇନାଲରେ ନୀରଜ

## ୨୮ରେ ଜୁରିଖରେ୍ ପରୀକ୍ଷା

ନୂଆଦିଲ୍ଲୀ,୧୯।୦୮: ଡବଲ୍ ଅଲିମ୍ପିକ୍ ପଦକ ବିଜେତା ଭାରତୀୟ ଜାଭେଲିନ ତାରକା ନୀରଜ ଚୋପ୍ରା ଆଗାମୀ ଡାଏମଣ୍ଡ ଲିଗ୍ ଫାଇନାଲ୍‌କୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେ ଚଳିତ ସିଜନରେ ମାତ୍ର ୨ଟି ଡାଏମଣ୍ଡ ଲିଗ୍ ଇଭେଣ୍ଟରେ ଭାଗ ନେଇଥିଲେ। ଉଭୟ ଲିଗ୍‌ରେ ସେ ମୋଟ ୧୫ପଏଣ୍ଟ ହାସଲ କରିଥିଲେ ଏବଂ ଫାଇନାଲ୍‌କୁ ଯୋଗ୍ୟତା ଅର୍ଜନ କରିବା ପାଇଁ ଏହା ଯଥେଷ୍ଟ ଥିଲା। ଆସନ୍ତା ୨୮ ତାରିଖରେ ସ୍ୱିଜରଲାଣ୍ଡର ଜୁରିଖ ଠାରେ ଡାଏମଣ୍ଡ୍ ଲିଗ୍ ଫାଇନାଲ୍ ଖେଳାଯିବ।

ନୀରଜ ଗତ ଶନିବାର ଅନୁଷ୍ଠିତ ସିଲେସିଆ ଡାଏମଣ୍ଡ ଲିଗ୍‌ରୁ ଓହରି ଯାଇଥିଲେ। ପୂର୍ବରୁ ସେ ପ୍ୟାରିସ୍ ଡାଏମଣ୍ଡ ଲିଗ୍‌ରେ ୮୮.୧୬ମିଟର ଦୂର ଜାଭେଲିନ ଫିଙ୍ଗି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହାପରେ ସେ ଦୋହା ଡାଏମଣ୍ଡ ଲିଗ୍‌ରେ ପ୍ରଥମ ଥର ୯୦ ମିଟର ଅତିକ୍ରମ କରିଥିଲେ। ୯୦.୨୩ମିଟର ଥ୍ରୋ କରି ନୂଆ ଜାତୀୟ ରେକର୍ଡ଼ ସହ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲେ। ଜର୍ମାନୀର ଜୁଲିଆନ ୱେବର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ନୀରଜ ଓ ୱେବର ସମାନ ୧୫ ପଏଣ୍ଟ ସହ ମିଳିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତ୍ରିନିଦାଦ୍ ଏବଂ ଟୋବାଗୋର କେଶର୍ଣ୍ଣ ୱାଲକଟ୍ ସର୍ବାଧିକ ୧୭ପଏଣ୍ଟ ସହ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି।



ଡାଏମଣ୍ଡ ଲିଗ୍ ଫାଇନାଲ୍‌ରେ ଦୁଇ ଥର ବିଶ୍ୱ ଚାମ୍ପିଅନ୍ ଆଣ୍ଡର୍ସ ପିଟରସନ୍, ବ୍ରାଜିଲର ଲୁଇଜ ମୌରିସିଓ ଡା ସିଲ୍‌ଭା ଭାଗ ନେବା ସମ୍ଭାବନା ରହିଛି। ନୀରଜ ୨୦୨୨ରେ ଡାଏମଣ୍ଡ ଲିଗ୍ ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଥିଲେ। ପରବର୍ତ୍ତୀ ୨ଟି ସଂସ୍କରଣ (୨୦୨୩, ୨୦୨୪)ରେ ରନର୍ସ ଅପ୍ ହୋଇଥିଲେ। ପ୍ୟାରିସ୍ ଅଲିମ୍ପିକ୍ସ ଚାମ୍ପିଅନ୍ ପାକିସ୍ତାନର ଅର୍ଶଦ ନଦୀମ ଚଳିତ ବର୍ଷ ଡାଏମଣ୍ଡ ଲିଗ୍‌ରୁ ଦୂରେଇ ରହିଛନ୍ତି।

# ଏସିଆ କପ୍ ପାଇଁ ଶକ୍ତିଶାଳୀ ଯୁବ ଭାରତୀୟ ଦଳ ଘୋଷଣା

## ସୂର୍ଯ୍ୟକୁମାର ଅଧିନାୟକ, ଗିଲ୍ ଉପଅଧିନାୟକ

## ଶ୍ରେୟାସ, ଜୟସ୍ୱାଲଙ୍କୁ ମିଳିଲାନି ସୁଯୋଗ

ମୁମ୍ବାଇ,୧୯।୮ : ଏସିଆ। କପ୍ ପାଇଁ ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱରେ ୧୫ ଜଣିଆ। ଭାରତୀୟ କ୍ରିକେଟ୍ ଦଳ ଘୋଷଣା ହୋଇଛି। ଆଶ୍ଚର୍ଯ୍ୟଜନକ ଭାବେ ଶୁବମନ ଗିଲ ସାମିଲ ହୋଇଛନ୍ତି। ଖାଲି ସେତିକି ନୁହେଁ ତାଙ୍କୁ ଉପ-ଅଧିନାୟକ କରାଯାଇଛି। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ମହମ୍ମଦ ସିରାଜଙ୍କ ଭଲ ପ୍ରଦର୍ଶନ ସତ୍ତ୍ୱେ ତାଙ୍କୁ ଦଳରେ ସାମିଲ କରାଯାଇ ନାହିଁ।ସେହିପରି ଶ୍ରେୟାସ ଆୟରଙ୍କୁ ବି ଦଳରେ ସୁଯୋଗ ମିଳିନାହିଁ।ତାଙ୍କୁ ପୁଣି ଅଣଦେଖା କରାଯାଇଛି। ଯଶସ୍ୱୀ ଜୟୱାଲଙ୍କୁ ବିଶ୍ରାମ ଦିଆଯାଇଛି।

ସୂର୍ଯ୍ୟକୁମାର ଯାଦବ ଅଧିନାୟକ ହେବା ପରେ, ଟିମ୍ ଇଣ୍ଡିଆ। ଏ ପର୍ଯ୍ୟନ୍ତ କୌଣସି ଟି-୨୦ ସିରିଜ ହାରିନାହିଁ। ସେ ଏସିଆ। କପରେ ମଧ୍ୟ ଅଧିନାୟକତ୍ୱ କରିବେ। ଶୁବମନ ଗିଲଙ୍କୁ ଉପ-ଅଧିନାୟକ ଭାବରେ ଦାୟିତ୍ୱ ଦିଆଯାଇଛି। ଜୁଲାଇ ୨୦୨୪ରେ ଶ୍ରୀଲଙ୍କା ବିପକ୍ଷ ସିରିଜ ପରେ ଗିଲ୍ କୌଣସି ଟି-୨୦ ସିରିଜ ଖେଳି ନାହାନ୍ତି। ତେଣୁ ସେ ପ୍ରାୟ ୧୩ ମାସ ପରେ ଟି-୨୦ ଦଳକୁ ଫେରିଛନ୍ତି।

ଶ୍ରେୟାସ ଆୟର ଚାମ୍ପିଅନ୍ସ ଟ୍ରଫିରେ ଭାରତ ପାଇଁ ସର୍ବାଧିକ ରନ ସ୍କୋରର ଥିଲେ। ସେ ଟୁର୍ଣ୍ଣାମେଣ୍ଟରେ ମୋଟ ୨୪୩ ରନ୍ କରିଥିଲେ।୨୦୨୫ ଆଇପିଏଲ୍‌ରେ ଅଧିନାୟକ ଭାବରେ ପଞ୍ଜାବକୁ ଫାଇନାଲରେ ପହଞ୍ଚାଇଥିଲେ। ଯେତେବେଳେ ବ୍ୟକ୍ତିଗତ ଭାବରେ ସେ ୬୦୪ ରନ୍ କରିଥିଲେ। ଏତେ ଭଲ ପ୍ରଦର୍ଶନ ସତ୍ତ୍ୱେ ତାଙ୍କୁ ଏସିଆ। କପ୍ ଦଳରେ ସାମିଲ କରାଯାଇନାହିଁ। ସେହିପରି ମହମ୍ମଦ ସିରାଜଙ୍କୁ ମଧ୍ୟ ବାଦ ଦିଆଯାଇଛି। ଆସନ୍ତା ସେପ୍ଟେମ୍ବର ୯ରେ ହେବାକୁ ଥିବା ଏସିଆ କପ ପାଇଁ ଆଜି ଚୟନ କମିଟିର ବୈଠକ ବସିଥିଲା। ଏଥିରେ ବିଭିନ୍ନ ଖେଳାଳିଙ୍କ ନାମ ଉପରେ ଚର୍ଚ୍ଚା ହେବା ପରେ ଶେଷରେ ୧୫ ଜଣିଆ ନାମ ଚୂଡ଼ାନ୍ତ ହୋଇଥିଲା। ସଞ୍ଜୁ ସାମସନ ଓ ଅଭିଷେକ ବର୍ମା ଭାରତୀୟ ଦଳର ଓପନିଂ ସମ୍ଭାଳିବେ। ସେହିପରି ମଧ୍ୟକ୍ରମରେ ସୂର୍ଯ୍ୟକୁମାର, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ତିଳକ ବର୍ମା, ରିଙ୍କୁ ସିଂ ଆଦି ରହିବେ। ସେହିପରି ବୋଲିଂ ବିଭାଗରେ ଯଶପ୍ରୀତ ବୁମରା, ବରୁଣ ଚକ୍ରବର୍ତ୍ତି, ଅର୍ଶଦୀପ ସିଂ, ହର୍ଷିତ ରାଣା ଓ କୁଳଦୀପ ଯାଦବଙ୍କୁ ସ୍ଥାନ ଦିଆଯାଇଛି।

ଏହା ଆଶ୍ଚର୍ଯ୍ୟଜନକ ନୁହେଁ ଯେ ସମୟ ସହିତ ପରିବର୍ତ୍ତନ ଘଟେ ଏବଂ ଅଧିକାଂଶ ଲୋକ ନିଜକୁ ଏବଂ ସମୟ ସହିତ ତାଳ ଦେଇ ଚାଲିବା ପାଇଁ ନିଜକୁ ପରିବର୍ତ୍ତନ କରନ୍ତି। ଟିମ ଇଣ୍ଡିଆ। ମଧ୍ୟ ଆଜିକାଲି ପରିବର୍ତ୍ତନର ଏହି ପର୍ଯ୍ୟାୟ ଦେଇ ଗତି କରୁଛି। ଯଦି ଆପଣ ୨୦୨୫ ଏସିଆ। କପ ପାଇଁ ମନୋନୀତ ଦଳକୁ ଦେଖନ୍ତି, ତେବେ ଆପଣ ଦେଖିବେ ଯେ ଏହି ତିନି ବର୍ଷ ମଧ୍ୟରେ ପ୍ରାୟ ସମ୍ପୂର୍ଣ୍ଣ ଦଳ ପରିବର୍ତ୍ତନ ହୋଇଛି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ୨୦୨୨ରେ ଯେତେବେଳେ ଦୁବାଇରେ ଏସିଆ। କପ ଖେଳାଯାଇଥିଲା, ସେହି ଟୁର୍ନାମେଣ୍ଟ ପାଇଁ ୧୭ ଜଣ ଖେଳାଳିଙ୍କୁ ଚୟନ କରାଯାଇଥିଲା, ଯେଉଁଥିରୁ କେବଳ ୪ ଜଣ ୨୦୨୫ରେ ଖେଳୁଥିବା ଦେଖିବାକୁ ମିଳିବ।

ରୋହିତ ଶର୍ମା, ବିରାଟ କୋହଲି, ଆର.ଅଶ୍ୱିନ, ଭୁବନେଶ୍ୱର କୁମାରଙ୍କ ଭଳି କିମ୍ବଦନ୍ତୀ ଖେଳାଳିଙ୍କ ସହିତ ସଜ୍ଜିତ ଭାରତୀୟ ଦଳ ୨୦୨୨ ଏସିଆ। କପ ଟି-୨୦ ଫର୍ମାଟରେ ଖେଳିଥିଲା, ଯଦିଓ ଏହା ପରେ ବିରାଟ ଏକାଠି ଖେଳି ୨୦୨୪ ଟି-୨୦ ବିଶ୍ୱକପ ଜିତିଥିଲେ, କିନ୍ତୁ ପ୍ରକୃତ ଅର୍ଥରେ, ଟିମ ଇଣ୍ଡିଆରେ ପରିବର୍ତ୍ତନର ସଙ୍କେତ ୨୦୨୨ ରୁ ହିଁ ଆସିବା ଆରମ୍ଭ ହୋଇଥିଲା, ତେଣୁ ଟିମ ଇଣ୍ଡିଆ। ୨୦୨୫ରେ ସମ୍ପୂର୍ଣ୍ଣ ସତେଜ ଦେଖାଯାଉଛି। ଯେତେବେଳେ ହାର୍ଦ୍ଦିକ ପାଣ୍ଡ୍ୟା ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ପାକିସ୍ତାନ ବିପକ୍ଷରେ ଛକା ମାରି ମ୍ୟାଚ ଜିତିଥିଲେ, ସେତେବେଳେ ସେହି ଦଳରେ ଉପସ୍ଥିତ ବିରାଟ ରୋହିତଙ୍କ ବ୍ୟତୀତ ସମସ୍ତେ ନିଶ୍ଚୟ ଭାବିଥିବେ ଯେ ସେ ୨୦୨୫ରେ ପୁଣି ଥରେ ଏସିଆ। କପ ଖେଳିବେ। କିନ୍ତୁ ଏହାକୁ ବର୍ତ୍ତମାନର ସମୟର ପ୍ରଭାବ କୁହନ୍ତୁ କିମ୍ବା ଖେଳାଳିମାନେ ଫର୍ମରେ ନ ଥିବାରୁ, ୧୩ ଜଣ ଖେଳାଳିଙ୍କୁ ଦଳରୁ ବାହାର କରାଯାଇଛି। ବିରାଟ ରୋହିତ, ରବିନ୍ଦ୍ର ଜାଡେଜା, ଅଶ୍ୱିନ ଏବଂ ଦିନେଶ କାର୍ତ୍ତିକ ଅବସର ନେଇସାରିଛନ୍ତି, ଯେତେବେଳେ ରିଷଭ ପନ୍ତ ଆହତ ହୋଇଛନ୍ତି ଏବଂ କେଏଲ ରାହୁଲଙ୍କ ପାଇଁ ଦଳରେ କୌଣସି ସ୍ଥାନ ନାହିଁ। ଦୀପକ ହୁଡା ଏବେ ଦୃଶ୍ୟରୁ ବାହାରେ ଅଛନ୍ତି, ଯେତେବେଳେ ବୋଲରମାନଙ୍କ ମଧ୍ୟରେ, ଖରାପ ଫର୍ମ ଯୋଗୁଁ ଭୁବନେଶ୍ୱର କୁମାର, ଆବେଶ ଖାନ, ଦୀପକ ଚହର ଏବଂ ରବି ବିଷ୍ଣୋଇଙ୍କୁ ଦଳରେ ଚୟନ କରାଯାଇ ନାହିଁ।

ଟିମ ଇଣ୍ଡିଆ : ସୂର୍ଯ୍ୟକୁମାର ଯାଦବ (କ୍ୟାପଟେନ), ଶୁବମନ ଗିଲ (ଉପ-କ୍ୟାପଟେନ), ସଞ୍ଜୁ ସାମସନ, ଅଭିଷେକ ଶର୍ମା, ତିଲକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ଜିତେଶ ଶର୍ମା, ଜସପ୍ରୀତ ବୁମ୍ରା, ବରୁଣ ଚକ୍ରବର୍ତ୍ତୀ, ଅର୍ଶଦୀପ ସିଂ, କୁଲଦୀପ ଯାଦବ, ହର୍ଷିତ ରାଣା ଓ ରିଙ୍କୁ ସିଂ।



## ଓ.ପି ଜିନ୍ଦଲ ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ସ୍ପୋର୍ଟ୍ସ ହଷ୍ଟେଲ୍ କଟକ ଚାମ୍ପିଅନ



ଅନୁଗୁଳ: ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଓ.ପି ଜିନ୍ଦଲ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ୨୦୨୫ରେ ବରଗଡ଼ ୟୁନାଇଟେଡକୁ୬-୫ଗୋଲରେ ପରାସ୍ତ କରି ସ୍ପୋର୍ଟ୍ସ ହଷ୍ଟେଲ୍ କଟକ ଦଳ ଚାମ୍ପିଅନ ହୋଇଛି। ଅନୁଗୁଳର କଦମ ପଡ଼ିଆରେ ଓଡିଶାର ୧୨ ଟି ରାଜ୍ୟସ୍ତରୀୟ ଦଳ ମଧ୍ୟରେ ୧୨ ଦିନ ଧରି ଚାଲିଥିବା ଏହି ରୋମାଞ୍ଚକର ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍, ପେନାଲ୍ଟି ଶୁଟଆଉଟ ଜରିଆରେ ନିଷ୍ପତି ହୋଇଥିଲା।

ଏହି ଟୁର୍ଣ୍ଣାମେଣ୍ଟରରେ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ; ଛେଣ୍ଡିପଦା ବିଧାୟକୀ ଅଗସ୍ତି ବେହେରା; ଅନୁଗୁଳ ପୌରପାଳିକାର ଅଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ; ଜିନ୍ଦଲ ଷ୍ଟିଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତ୍ତଲ, ଦିଲୀପ କୁମାର ସିହ୍ନା, ସିଏଚ୍‌ଆରଓ; ପ୍ରସନ୍ନ କୁମାର ପଣ୍ଡା, ଇଭିପି ଏବଂ ଅନେକ ସମ୍ମାନିତ ଅତିଥିମାନେ ଉପସ୍ଥିତ ଥିଲେ।ସମାବେଶକୁ ସମ୍ବୋଧିତ କରି ସମ୍ପଦ ଚନ୍ଦ୍ର ସ୍ୱାଇଁ ଜିଲ୍ଲା ଏବଂ ଜିଲ୍ଲା ବାହାରେ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡାପ୍ରେମକୁ ପ୍ରୋତ୍ସାହିତ କରିବା ଏବଂ ଅନେକ ସାମାଜିକ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିନ୍ଦଲ ଷ୍ଟିଲ୍ ଏବଂ ଜିନ୍ଦଲ ଫାଉଣ୍ଡେସନର ପ୍ରୟାସକୁ ପ୍ରଶଂସା କରିଥିଲେ। ସେ ଉପସ୍ଥିତ ଲୋକମାନଙ୍କୁ ଏହା ମଧ୍ୟ ଜଣାଇଥିଲେ ଯେ ବିଜେପି ସରକାର ରାଜ୍ୟର ପ୍ରତ୍ୟେକ ବ୍ଲକରେ କ୍ରୀଡାପ୍ରେମୀଙ୍କ ପାଇଁ ଉପଯୁକ୍ତ ଭିତ୍ତିଭୂମି ଯୋଗାଇବା ପାଇଁ ପ୍ରତିବଦ୍ଧ। ଏହି ଉଦ୍ଦେଶ୍ୟରେ, ସରକାର ସମସ୍ତ ବ୍ଲକରେ ଆଧୁନିକ ଷ୍ଟାଡିୟମ ନିର୍ମାଣ ପାଇଁ ଯଥେଷ୍ଟ ପାଣ୍ଠି ମଞ୍ଜୁର କରିଛନ୍ତି।

ଏହା ସହିତ ପ୍ରତାପ ପ୍ରଧାନ ଏବଂ ଅଗସ୍ତି ବେହେରା ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲ ଏବଂ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କୁ ସମ୍ପ୍ରଦାୟ ବିକାଶ ପ୍ରତି ସେମାନଙ୍କର ଅବଦାନ ଏବଂ ଅଞ୍ଚଳରେ କ୍ରୀଡାକୁ ପ୍ରୋତ୍ସାହିତ କରିବାରେ ସେମାନଙ୍କର ନିରନ୍ତର ପ୍ରୟାସ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ବରଗଡ଼ ୟୁନାଇଟେଡର ରାଜୁ ବେହେରାଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ କରାଯାଇଥିବାବେଳେ ସିଦ୍ଧାର୍ଥ ପ୍ରଧାନଙ୍କୁ ଶ୍ରେଷ୍ଠ ଗୋଲକିପର ଭାବରେ ସମ୍ମାନିତ କରାଯାଇଥିଲା। ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସ୍ପ ?ର୍ଟସ୍ ହଷ୍ଟେଲ କଟକର ଅଭିନାଶ କିଶାନଙ୍କୁ ମ୍ୟାନ ଅଫ୍ ଦି ଫାଇନାଲ ମ୍ୟାଚ୍ ପୁରସ୍କାର ଦିଆଯାଇଥିଲା। ଫାଇନାଲରେ ରେଫରି ଭାବେ ଶିବ ସୁନ୍ଦର ପଣ୍ଡା, ଦିଲ୍ଲୀପ କୁମାର ରାଉତ ଏବଂ ଆଲୋକ ଦେହ୍ରି ସହାୟତା କରିଥିଲେ, ପୁପୁନ ବେହେରା ଚତୁର୍ଥ ଅଧିକାରୀ ଭାବରେ କାର୍ଯ୍ୟ କରିଥିଲେ।



ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆ ୫ ୱିକେଟ ନେଇଥିବା ଦ. ଆଫ୍ରିକା ସ୍ପିନର କେଶବ ମହାରାଜ।

# ଆମେ ଭାରତକୁ ହରାଇଦେବୁ : ପିସିବି ନିର୍ଦ୍ଦେଶକ

ନୂଆଦିଲ୍ଲୀ,୧୯।୮: ଏସିଆ। କପ୍ ୨୦୨୫କୁ ଆଉ କିଛି ଦିନ ବାକି ରହିଛି। ଟୁର୍ଣ୍ଣାମେଣ୍ଟରେ ଭାରତ ଓ ପାକିସ୍ତାନ ମ୍ୟାଚ୍‌କୁ ନେଇ ପ୍ରଶଂସକଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ଦେଖିବାକୁ ମିଳିଛି ପ୍ରତିଥର ପରି ଏଥର ବି ପାକିସ୍ତାନ ପକ୍ଷରୁ ଟିମ୍ ଇଣ୍ଡିଆକୁ ପରାସ୍ତ କରିବାର ବଡ଼ ବଡ଼ କଥା କୁହାଗଲାଣି। ଏଥର ଏହି ଦାବି ପାକିସ୍ତାନ ଦଳର ପ୍ରଦର୍ଶନ ନିର୍ଦ୍ଦେଶକ ଆକିବ ଜାଭେଦ କରିଛନ୍ତି ସେ କହିଛନ୍ତି ତାଙ୍କର ବିଶ୍ୱାସ ଯେ ବାବର ଆଜମ ଏବଂ ମହମ୍ମଦ ରିଜୱାନଙ୍କ ବିନା ପାକିସ୍ତାନ ଦଳ ଏସିଆ କପ୍‌ରେ ଭାରତକୁ ପରାସ୍ତ କରିପାରିବ।

ଗତ ଚାରି ଥର ପାକିସ୍ତାନ ଦଳ ବହୁ-ରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ଭାରତକୁ ପରାସ୍ତ କରିପାରିନାହିଁ ପାକ୍ ଦଳର ଏହି ଚାରୋଟି ପରାଜୟ ୨୦୨୩ ଏସିଆ। କପ୍, ୨୦୨୩ ଦିନିକିଆ। ବିଶ୍ୱକପ୍, ୨୦୨୪ ଟି୨୦ ବିଶ୍ୱକପ୍ ଏବଂ ୨୦୨୫ ଚାମ୍ପିଅନ୍ସ ଟ୍ରଫିରେ ଆସିଛି। ଏସିଆ କପ୍ ପାଇଁ ଚୟନ ହୋଇଥିବା ପାକିସ୍ତାନ ଦଳରେ ବାବର ଆଜମ, ମହମ୍ମଦ ରିଜାନ, ନସୀମ ଶାହ ଏବଂ ଶାଦାବ ଖାନଙ୍କ ପରି ବଡ଼ ନାମ ନାହିଁ।ଆକିବ ଜାଭେଦ ଏସିଆ। କପ୍ ପାଇଁ ପାକ୍ ଦଳ ଘୋଷଣା କରିଛନ୍ତି। ଦଳ ଘୋଷଣା କରିବା ସମୟରେ ସେ କହିଛନ୍ତି, ଏହି ଦଳ ଏସିଆ। କପରେ ଭାରତକୁ ପରାସ୍ତ କରିବାର କ୍ଷମତା ରଖିଛି। ବିଶ୍ୱାସ କରନ୍ତୁ କି ନକରନ୍ତୁ, ଭାରତ ବନାମ ପାକିସ୍ତାନ ବିଶ୍ୱ କ୍ରିକେଟର ସବୁଠାରୁ ବଡ଼ ମ୍ୟାଚ୍। ସମସ୍ତେ ଏହା ଜାଣନ୍ତି ଆମର ଦଳ ଯେକୌଣସି ଦଳକୁ ପରାସ୍ତ କରିପାରିବ ଆମର ପ୍ରତ୍ୟେକ ଖେଳାଳି ପ୍ରସ୍ତୁତ।

ଯଦି ଏସିଆ। କପରେ ଭାରତ ବନାମ ପାକିସ୍ତାନ ମ୍ୟାଚ୍ ହୁଏ, ତେବେ ଏହା କେବଳ ଏକ କ୍ରିକେଟ ମ୍ୟାଚ୍ ହେବ ନାହିଁ।ପ୍ରକୃତରେ, ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା ଦ୍ୱାରା କରାଯାଇଥିବା ଅପରେସନ ସିନ୍ଦୁର ପରେ ଏହା ପ୍ରଥମ ଥର ହେବ ଯେତେବେଳେ ଉଭୟ ଦେଶର କ୍ରିକେଟ ଦଳ ପରସ୍ପରର ମୁହାଁମୁହିଁ ହେବେ ଏହି କାରଣଗୁଡ଼ିକ ପାଇଁ, ଭାରତୀୟ ପ୍ରଶଂସକଙ୍କ ଭାବନା ଏହି ଭାରତ-ପାକିସ୍ତାନ ମ୍ୟାଚ୍ ସହିତ ବିଶେଷ ଭାବରେ ଜଡିତ ହେବ। ଭାରତ ଏବଂ ପାକିସ୍ତାନକୁ ଏସିଆ। କପ୍ ୨୦୨୫ ର ଗ୍ରୁପ୍ ଏ ରେ ରଖାଯାଇଛି। ଯେଉଁଥିରେ ଓମାନ ଏବଂ ୟୁଏଇ ରହିଛି ଟିମ୍ ଇଣ୍ଡିଆ। ଏବଂ ପାକିସ୍ତାନ ମଧ୍ୟରେ ସେପ୍ଟେମ୍ବର ୧୪ ରେ ମ୍ୟାଚ୍ ଖେଳାଯିବ ଯଦି ଉଭୟ ଦଳ ସୁପର-୪ ପାଇଁ ଯୋଗ୍ୟତା ଅର୍ଜନ କରନ୍ତି, ତେବେ ଏସିଆ। କପରେ ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ସେପ୍ଟେମ୍ବର ୨୧ ରେ ଖେଳାଯାଇପାରିବ।

# ଗମ୍ଭୀରଙ୍କୁ ପ୍ରଶଂସା କଲେ ସୈନି

ନୂଆଦିଲ୍ଲୀ,୧୯।୮: ଭାରତୀୟ ଦ୍ରୁତ ବୋଲର ନବଦୀପ ସେନୀ ଗତ ୪ବର୍ଷରୁ ଟିମ୍ ଇଣ୍ଡିଆରୁ ବାହାରେ ଅଛନ୍ତି ସେହିଭଳି ଆଇପିଏଲ୍ ୨୦୨୫ରେ ବି ତାଙ୍କୁ କେଣସି ଟିମ୍ କିଣି ନାହାନ୍ତି। ସେନୀ ଅନ୍ତର୍ଜାତୀୟ କ୍ରିକେଟ ଏବଂ ଆଇପିଏଲକୁ ଫେରିବାକୁ ପ୍ରସ୍ତୁତି ଜାରି ରଖିଛନ୍ତି ସୈନୀ। ଏହି ସମୟରେ ଦିଲ୍ଲୀ ପ୍ରିମିୟର ଲିଗରେ ଖେଳୁଛନ୍ତି। ସେନୀ ବର୍ତ୍ତମାନ ସେହି ଲୋକଙ୍କ ଆଲୋଚନା କରିଛନ୍ତି ଯେଉଁମାନେ ଭାରତର ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି। ସୈନୀଙ୍କ କହିବା ଅନୁସାରେ ଗମ୍ଭୀରଙ୍କ ଉପରେ ପ୍ରଶ୍ନ ଉଠାଇଥିବା ଲୋକଙ୍କୁ ଏବେ ତାଙ୍କର ଫଳାଫଳ ଦେଖିବା ଆବଶ୍ୟକ। ସୈନୀ ଏକ ସାକ୍ଷାତକାରରେ ଗମ୍ଭୀରଙ୍କ ବହୁ ତାରିଫ କରିଛନ୍ତ। ଏହାସହ ସେ ଗମ୍ଭୀରଙ୍କ ବିଷୟରେ ଆଲୋଚନା କରୁଥିବା ଲୋକଙ୍କୁ ମୁହଁ ତୋଡ଼ ଜବାବ ବି ଦେଇଛନ୍ତି। ସୈନୀ କହିଛନ୍ତି, ଯେତେବେଳେ ମୁଁ ଘରୋଇ କ୍ରିକେଟରେ ତାଙ୍କ ଅଧିନାୟକତ୍ୱରେ ଖେଳୁଥିଲି ସେତେବେଳେ ବି ତାଙ୍କର ଅଧିନାୟକ ଭିନ୍ନ ରୂପରେ ଥିଲା। ଏବେ କୋଚ୍ ହେବା ପରେ କିଛି ଲୋକ ସନ୍ଦେହ କରିବାକୁ ଲାଗିଛନ୍ତି କି ସେ ସଫଳ ହେବେ କିମ୍ବା ନୁହେଁ, ବିଶେଷ କରି ଗୋଟିଏ ଦୁଇଟି ମ୍ୟାଚ୍ ହାରିବା ପରେ। କିନ୍ତୁ ଏବେ ଫଳାଫଳ ସମସ୍ତଙ୍କ ସାମ୍ନାରେ ଅଛି। ଯେତେବେଳେ ବି କୌଣସି ନୂଆ। ଖେଳାଳୀ ଟିମରେ ଆସିଥାଏ ତ ତାଙ୍କୁ ଟିମ୍ ସହ ଯୋଡ଼ିବା ଏବଂ ମାହୋଲରେ ପକାଇବା ବହୁତ ଜରୁରୀ ହୋଇଥାଏ। ଯଦି ଗୋଟିଏ ଦୁଇଟି ମ୍ୟାଚ୍ ଖରାପ ହୁଏ ତ ଏହା ପ୍ରକ୍ରିୟାର ଭାଗିଦାରୀ ଅଟେ। କିନ୍ତୁ ତାଙ୍କ କୋଚିଂରେ ଯେଉଁ ଫଳାଫଳ ଆସିଛି ସେ ନିଜେ ସବୁକିଛି କହିଥାନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ